ବର୍ଷ-୨୬, ସଂଖ୍ୟା-୨୧୦
ଭୁବନେଶ୍ୱର
ଅଗଷ୍ଟ ୦୫, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 210
Bhubaneswar
August, 05 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ତପ୍ତପାଣିରେ ମା' କନ୍ଧୁଣୀଙ୍କ ଦର୍ଶନ କଲେ ରାଷ୍ଟ୍ରପତି





ବ୍ରହ୍ମପୁର,୪।୮(ମହାଭାରତ); ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ସେ ସଡ଼କ ପଥରେ ତପ୍ତପାଣି ଯାଇ ମା' କନ୍ଧୁଣୀ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମା'ଙ୍କ ନିକଟରେ ଦେଶ ଓ ରାଜ୍ୟର ଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଥିବା ସୂଚନା ମିଳିଛି।

ତେବେ ଏହି ଗସ୍ତର ସବୁଠାରୁ ଆକର୍ଷଣୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ଦିଗପହଣ୍ଡିରେ। ରାସ୍ତାରେ ଯିବା ବେଳେ ରାଷ୍ଟ୍ରପତିଙ୍କ କାଫିଲା କିଛି ସମୟ ପାଇଁ ଅଟକିଥିଲା। ସେହି ସମୟରେ ସେ ଗାଡ଼ିରୁ ଛାତ୍ରୀମାନଙ୍କୁ ଦେଖି ନିଜେ ଚକୋଲେଟ୍ ବାଣ୍ଟିଥିଲେ। ଦିଗପହଣ୍ଡି କଲେଜ ସମ୍ମୁଖରେ ରାଷ୍ଟ୍ରପତିଙ୍କ ଏହି ସ୍ନେହଭରା ଅଙ୍ଗଭଙ୍ଗୀ ଛାତ୍ରୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଏହି ଦୃଶ୍ୟ ସେଠାରେ ଉପସ୍ଥିତ ଲୋକଙ୍କ ମନକୁ ମଧ୍ୟ ଛୁଇଁଥିଲା।

ମନ୍ଦିରରେ ପୂଜା ସାରିବା ପରେ ରାଷ୍ଟ୍ରପତି ପୁଣି ସଡ଼କ ପଥରେ ବ୍ରହ୍ମପୁର ଫେରିଥିଲେ। ସେଠାରେ ଗୋଳାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜରେ ସେ ରାତ୍ରିଯାପନ କରିବେ। ବୁଧବାର ପୂର୍ବାହ୍ଣରେ ବ୍ରହ୍ମପୁର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ସେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତିଙ୍କ ଏହି ଗସ୍ତ ସମୟରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ଥିଲେ। ଗସ୍ତକୁ ନେଇ ବ୍ରହ୍ମପୁର ରେଳ ଷ୍ଟେସନରୁ ତପ୍ତପାଣି ପର୍ଯ୍ୟନ୍ତ ସମସ୍ତ ରାସ୍ତାରେ 'ବ୍ଲୁ ବୁକ୍' ନିୟମ ଅନୁଯାୟୀ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ କଡ଼ା ନଜରଦାରି ମଧ୍ୟରେ ରାଷ୍ଟ୍ରପତିଙ୍କ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା।

ଏହା ପୂର୍ବରୁ ଆଜି ଲୋକ ଭବନରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି ଅନନ୍ୟ କଳାକୃତିଗୁଡିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।

## ଓଏଏସ୍ ଅଧିକାରୀସ୍ତରରେ ଛୋଟ ଅଦଳବଦଳ

ଭୁବନେଶ୍ୱର,୪।୮(ମହାଭାରତ): ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀସ୍ତରରେ ସୋମବାର ଅଦଳବଦଳ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବଦତ୍ତ ସୁରଞ୍ଜିତା ଜେନାଙ୍କୁ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ଜଳସମ୍ପଦ ବିଭାଗ ଅତିରିକ୍ତ ସଚିବ ରଶ୍ମିରଞ୍ଜନ ନାୟକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସହିତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶକ ଭାବେ ନିଯୁକ୍ତ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶକ୍ତି ବିଭାଗର ଅତିରିକ୍ତ ସଚିବ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ସୂଚନା କମିଶନରେ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ ନିରୁପମା ସ୍ୱାଇଁଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦର ଅତିରିକ୍ତ ସଚିବ, ସବିତା ମଲ୍ଲିକଙ୍କୁ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ, ଅନାମିକା ଅଧିକାରୀଙ୍କୁ କୃଷି ବିଭାଗ ଯୁଗ୍ମ ସଚିବ, ଦେବାଶିଷ ପାତ୍ରଙ୍କୁ ପିସିସିଏଫ୍ କାର୍ଯ୍ୟାଳୟର ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ସାଧାରଣ ପ୍ରଶାସନ ବିଭାଗର ଅନ୍ୟ ଏକ ବିଜ୍ଞପ୍ତିନାମାରେ ଗଜପତି ଜିଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ରନାଥ କହଁରଙ୍କୁ ରାୟଗଡ଼ା ଜିଲା ଅତିରିକ୍ତ ଜିଲାପାଳ(ଏଡିଏମ୍) ଭାବେ ନିଯୁକ୍ତ କରାଯାଇଛି।

## ବିବାଦରେ ଉଦୟନିଧି ଷ୍ଟାଲିନ

## ମୁକ୍ତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୪।୮(ମହାଭାରତ): ଅଭିନେତ୍ରୀ ତ୍ରିଷାଙ୍କ ବିରୋଧରେ ଦ୍ୱିଅର୍ଥ ବୋଧକ ମନ୍ତବ୍ୟ ମାମଲାରେ ତାମିଲନାଡୁ ବିରୋଧି ଦଳ ନେତା ଉଦୟନିଧି ଷ୍ଟାଲିନଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି । ଷ୍ଟାଲିନଙ୍କୁ ମୁକ୍ତ କରିବାକୁ ମାଡ୍ରାସ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପଚରାଉଚରା ପରେ ଷ୍ଟାଲିନଙ୍କୁ ଆଜି ଥାନାରୁ ଜାମିନରେ ମୁକ୍ତ କରାଯିବ। ତାମିଲନାଡୁ ସରକାର ହାଇକୋର୍ଟଙ୍କୁ ଅବଗତ କରାଇଥିଲେ ଯେ ଷ୍ଟାଲିନଙ୍କୁ ରିମାଣ୍ଡ ନେବାର କୌଣସି ଉଦ୍ଦେଶ୍ୟ ନାହିଁ । କେବଳ ପଚରାଉଚରା ପରେ ତାଙ୍କୁ ମୁକ୍ତ କରାଯିବ ।



ଅଭିନେତ୍ରୀ ତ୍ରିଷାଙ୍କ ବିରୋଧରେ ଦିଆଯାଇଥିବା ଦ୍ୱିପାକ୍ଷିକ ମନ୍ତବ୍ୟ ସମ୍ପର୍କରେ ଭାରତୀୟ ନ୍ୟାୟ ସଂହିତା , ସୂଚନା ପ୍ରଯୁକ୍ତିବିଦ୍ୟା ଆଇନ ଏବଂ ତାମିଲନାଡୁ ମହିଳା ନିର୍ଯାତନା ନିଷେଧ ଆଇନର ବିଭିନ୍ନ ଧାରା ଅନୁଯାୟୀ ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଟିଭିକେ ମହିଳା ଶାଖା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ତାଞ୍ଜାଭୁର ପୂର୍ବ ପୋଲିସ ଷ୍ଟେସନରେ ଅଭିଯୋଗ କରିଥିଲା । ଯାହା ଆଧାରରେ ପୋଲିସ ଆଜି ତାଙ୍କୁ ଚେନ୍ନାଇସ୍ଥିତ ତାଙ୍କ ବାସଭବନରୁ ଗିରଫ କରିଛି । ଗତକାଲି କାବେରୀ ଜଳ ବିବାଦକୁ ନେଇ ମୁଖ୍ୟମନ୍ତ୍ରୀ ବିଜୟ ଥଲାପଥୀଙ୍କୁ ଟାର୍ଗେଟ କରିବା ସମୟରେ ଉଦୟନିଧି ଷ୍ଟାଲିନ ଅଭିନେତ୍ରୀ ତ୍ରିଶାଙ୍କ ବିଷୟରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଶୋଭାଯାତ୍ରା ସମୟରେ ଭିଡ଼ର ଜଣେ ସଦସ୍ୟ 'ତ୍ରିଷା, ତ୍ରିଷା' ସ୍ଲୋଗାନ ଦେବାରୁ ବିବାଦ ଆରମ୍ଭ ହୋଇଥିଲା। ଉଦୟନିଧି ତାଙ୍କ ଭାଷଣ ବନ୍ଦ କରି ହସିଥିଲେ ଏବଂ ତ୍ରିଷାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟ ଦେଇଥିଲେ । ଷ୍ଟାଲିନ୍ କହିଥିଲେ, "ପାଣି କେଉଁଠି ପହଞ୍ଚୁ କି ନ ପହଞ୍ଚୁ ଇଏ କିନ୍ତୁ ସବୁଆଡ଼ ପହଁଚି ଯାଉଛି"। ତାଙ୍କର ଏହି ଉକ୍ତିରୁ ରାଜନୈତିକ ମହଲରେ ତୀବ୍ର ସମାଲୋଚନା ଆରମ୍ଭ ହୋଇଥିଲା । ଏହା ତ୍ରିଷାଙ୍କୁ ଇଙ୍ଗିତ କରି କୁହାଯାଇଥିବା ଟିଭିକେ ଅଭିଯୋଗ କରିଥିଲା ।

# ଓଡ଼ିଶାରେ '୧୩ତମ ବ୍ରିକ୍ସ ଶିକ୍ଷା ମନ୍ତ୍ରୀ ସମ୍ମିଳନୀ

ଭୁବନେଶ୍ୱର୪।୮(ମହାଭାରତ): ଭୁବନେଶ୍ୱରରେ ୧୩ତମ ବ୍ରିକ୍ସ ଶିକ୍ଷା ମନ୍ତ୍ରୀ ସମ୍ମିଳନୀ ଏବଂ ୩ୟ ବ୍ରିକ୍ସ ବରିଷ୍ଠ ଅଧିକାରୀ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏହା ଭାରତର ୨୦୨୬ ବ୍ରିକ୍ସ ଅଧକ୍ଷତାରେ, ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅଗଷ୍ଟ ୫ ରୁ ୭, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ବୈଠକ ଗୁଡ଼ିକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଶିକ୍ଷା ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଏକତ୍ର ହେବା ସହ , ପାରସ୍ପରିକ ସହଯୋଗ ସଂପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଉପରେ ଆଲୋଚନା କରିବେ। ଯେଉଁଥିରେ ନିମ୍ନଲିଖିତ ପ୍ରାଥମିକତା ଗୁଡ଼ିକ ସାମିଲ ରହିଛି :ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା କୁ ସୁଦୃଢ଼ କରିବା, ଦକ୍ଷତା ବିକାଶକୁ ସୁଦୃଢ଼ କରିବା ଏବଂ ବ୍ରିକ୍ସ ଟିଭେଟ୍ କୋଅପରେସନ୍ ଆଲାଇନ୍ସ ଅଧିନରେ ସହଯୋଗ ବୃଦ୍ଧି କରିବା, ସହଯୋଗୀ ଗବେଷଣା, ନବ ଉନ୍ମେଷ (ଇନୋଭେସନ୍) ଏବଂ ଷ୍ଟାର୍ଟ-ଅପ୍‌କୁ ପ୍ରୋତ୍ସାହିତ କରିବା, ଯୋଗ୍ୟତାର ପାରସ୍ପରିକ ମାନ୍ୟତା କୁ ସୁଦୃଢ଼ କରିବା, ଶିକ୍ଷାଗତ ନେତୃତ୍ୱ ପାଇଁ ଦକ୍ଷତା ବୃଦ୍ଧି କରିବା।

ଭାରତର ବ୍ରିକ୍ସ ଅଧକ୍ଷତା 'ରେଜିଲିଏନ୍ସ, ଇନୋଭେସନ୍, କୋଅପରେସନ୍ ଏବଂ ସଷ୍ଟେନେବିଲିଟି' ଥିମ୍ ଦ୍ୱାରା ପରିଚାଳିତ, ଯାହା ରିଓ ଡି ଜେନେରୋ ଠାରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରକାଶିତ ଜନ-କେନ୍ଦ୍ରିକ ଏବଂ ମାନବତା-ପ୍ରଥମ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ।ଏହି ୧୩ତମ ଶିକ୍ଷା ମନ୍ତ୍ରୀ ସମ୍ମିଳନୀ ଏବଂ ୩ୟ ବରିଷ୍ଠ ଅଧିକାରୀ ସମ୍ମିଳନୀ, ଭାରତର ଅଧକ୍ଷତା ସମୟରେ ବ୍ରିକ୍ସ ଶିକ୍ଷା ଟ୍ରାକ୍ ଅଧୀନରେ ଅନୁଷ୍ଠିତ ପୂର୍ବ ବୈଠକ ଗୁଡ଼ିକର ସଫଳତା ଉପରେ ଆଧାରିତ। ପ୍ରଥମ ଓ ଦ୍ୱିତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀ ସମ୍ମିଳନୀ ଯଥାକ୍ରମେ ୭ ଏବଂ ୨୮ ଏପ୍ରିଲ ୨୦୨୬ ରେ ଅନୁଷ୍ଠିତ ହୋଇ ଥିଲା, ଯାହା ପରେ ଜୁଲାଇ ୨୦-୨୧, ୨୦୨୬ରେ ବ୍ରିକ୍ସ ନେଟୱାର୍କ ୟୁନିଭର୍ସିଟି କନଫରେନ୍ସ ଏବଂ ଇଣ୍ଟରନ୍ୟାସନାଲ ଗଭର୍ଣ୍ଣିଂ ବୋର୍ଡ ବୈଠକ ଆୟୋଜିତ ହୋଇଥିଲା। ଏହି ପୂର୍ବପ୍ରସ୍ତୁତି ଆଲୋଚନାଗୁଡ଼ିକ ପ୍ରାଥମିକ କ୍ଷେତ୍ରଗୁଡ଼ିକ ଉପରେ ସହମତି ସୃଷ୍ଟି କରିବାରେ ଏବଂ ମନ୍ତ୍ରୀ ସ୍ତରୀୟ ବୈଠକ ପାଇଁ ପ୍ରସ୍ତାବିତ ଫଳାଫଳ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଛି। ୧୩ତମ ଶିକ୍ଷା ମନ୍ତ୍ରୀ ସମ୍ମିଳନୀ ପୂର୍ବରୁ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟର ନେତୃତ୍ୱରେ ଅଗଷ୍ଟ ୩-୪, ୨୦୨୬ ରେ ନୂଆଦିଲ୍ଲୀ ଠାରେ ବ୍ରିକ୍ସ ଟିଭେଟ୍ ସିମ୍‌ପୋଜିୟମ୍ ଏବଂ ବ୍ରିକ୍ସ ଟିଭେଟ କୋଅପରେସନ୍ ଆଲାଇନ୍ସର ଜଏଣ୍ଟ ମ୍ୟାନେଜମେଣ୍ଟ କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକ ଗୁଡ଼ିକର ଲକ୍ଷ୍ୟ ହେଉଛି ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା, ତାଲିମ, ଦକ୍ଷତା ବିକାଶ ଏବଂ କାର୍ଯ୍ୟପନ୍ଥାର ପ୍ରସ୍ତୁତି କ୍ଷେତ୍ରରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଏବଂ ପ୍ରାଥମିକତା ବିଷୟଗୁଡ଼ିକରେ ଗବେଷଣା ଓ ସର୍ବୋତ୍ତମ ପଦ୍ଧତିର ଆଦାନପ୍ରଦାନ କରିବା।

ଏହି ଭଳି ଉଚ୍ଚସ୍ତରୀୟ ସରକାରୀ ଆଲୋଚନା ସହିତ, ଭାରତର ବ୍ରିକ୍ସ ଅଧକ୍ଷତା ଯୁବ ଭାଗିଦାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦେଉଛି। ଏହି ଉଦ୍ଦେଶ୍ୟରେ, ସାରା ଭାରତରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ମନ୍ତ୍ରୀ ସ୍ତରୀୟ ବୈଠକଗୁଡ଼ିକର ଆନୁଷଙ୍ଗିକ କାର୍ଯ୍ୟକ୍ରମ ଭାବରେ 'ମଡେଲ୍ ବ୍ରିକ୍ସ' ନାମକ ଏକ ଛାତ୍ର-କେନ୍ଦ୍ରିକ ପଦକ୍ଷେପ ପରିକଳ୍ପନା କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଯୁବ ନାଗରିକମାନଙ୍କୁ ବ୍ରିକ୍ସ ପ୍ରକ୍ରିୟା ସହିତ ପରିଚିତ କରାଇବା ଏବଂ କୂଟନୀତି, ବହୁପାକ୍ଷିକ ସହଯୋଗ ଓ ସହମତି ସୃଷ୍ଟି ବିଷୟରେ ସେମାନଙ୍କର ବୁଝାମଣାକୁ ମଜବୁତ୍ କରିବା।

## ବଦଳିଲା ଜନ୍ମ-ମୃତ୍ୟୁ ପଞ୍ଜୀକରଣ ନିୟମ

ନୂଆଦିଲ୍ଲୀ,୪।୮: ଲୋକସଭା ପରେ ଆଜି (ମଙ୍ଗଳବାର) ରାଜ୍ୟସଭାରେ ମଧ୍ୟ 'ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍' ପାସ୍ ହୋଇଛି। ଏହି ବିଲ୍ ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ, ୧୯୬୯ କୁ ଆହୁରି ସଂଶୋଧନ କରିବା ପାଇଁ ଲକ୍ଷ୍ୟ ରଖିଛି। ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଅପରାହ୍ନ ୨ଟାରେ ଗୃହ ପୁନର୍ବାର ଏକତ୍ରିତ ହେବା ପରେ, ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ବିଲ୍ ଆଗତ କରିଥିଲେ। ବିଲ୍ ଉପରେ ଏକ ସଂକ୍ଷିପ୍ତ ଆଲୋଚନାର ଉତ୍ତର ଦେଇ, ଗୃହ ରାଷ୍ଟ୍ରମନ୍ତ୍ରୀ କହିଥିଲେ ଯେ ଏହି ବିଲ୍ ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ, ୧୯୬୯ ର ଧାରା ୧୩(୩) କୁ ସଂଶୋଧନ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଦ୍ୱାରା ବିଳମ୍ବିତ ପଞ୍ଜୀକରଣ ପାଇଁ ବ୍ୟବସ୍ଥାକୁ ଆହୁରି କଠୋର କରାଯାଇ ପାରିବ।ଏହି ବିଲ୍ ମାଧ୍ୟମରେ, ସରକାର ଦେଶରେ ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ବ୍ୟବସ୍ଥା ଅନୁଯାୟୀ, ଯଦି ଦୁଇ ବର୍ଷ ମଧ୍ୟରେ କିନ୍ତୁ ଘଟଣାର ଗୋଟିଏ ବର୍ଷ ପରେ ରେଜିଷ୍ଟ୍ରାରଙ୍କୁ ଜନ୍ମ କିମ୍ବା ମୃତ୍ୟୁ ରିପୋର୍ଟ କରାଯାଏ, ତେବେ ତାହା କେବଳ ଜିଲ୍ଲା ମାଜିଷ୍ଟ୍ରେଟ୍, ଏସ୍‌ଡିଏମ, କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍ ଦ୍ୱାରା କ୍ଷମତାପ୍ରାପ୍ତ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଅନୁମୋଦନରେ ପଞ୍ଜୀକୃତ ହୋଇପାରିବ। ବିଳମ୍ବିତ ପଞ୍ଜୀକରଣ ପାଇଁ ବ୍ୟବସ୍ଥା ଗୁଡ଼ିକୁ କଡ଼ାକଡ଼ି କରିବା ଏବଂ ଜନ୍ମ ଏବଂ ମୃତ୍ୟୁର ସମୟସୀମା ରିପୋର୍ଟିଂକୁ ଉତ୍ସାହିତ କରିବା ପାଇଁ ଏହି ସଂଶୋଧନ ଗୁଡ଼ିକ ଆଗତ କରାଯାଇଛି।

## ଆତ୍ମସମର୍ପଣ କଲେ ଆଇଆଇସି

ନୟାଗଡ଼,୪।୮(ଏଜେନସି): ଯୌନ ନିର୍ଯାତନା ଅଭିଯୋଗରେ ଛନ୍ଦି ହୋଇ ଫେରାର ଥିବା ଶରଣକୁଳ ଥାନାର ପୂର୍ବତନ ଅଧିକାରୀ ସୁଜିତ କୁମାର ଦାସ ଶେଷରେ ଆତ୍ମସମର୍ପଣ କରିଛନ୍ତି। ଆଜି ସେ କ୍ରାଇମବ୍ରାଞ୍ଚ ନିକଟରେ ହାଜର ହୋଇ ନିଜକୁ ସମର୍ପଣ କରିଥିବା ଜଣାପଡ଼ିଛି। ଆତ୍ମସମର୍ପଣ ପରେ ପୋଲିସ ତାଙ୍କୁ ହେପାଜତକୁ ନେଇ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିଛି।



ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ଲୁଚି ରହିବା ପରେ ଆଜି ସୁଜିତ କୁମାର ଦାସ କ୍ରାଇମବ୍ରାଞ୍ଚ ଆଗରେ ଆତ୍ମସମର୍ପଣ କରିଥିଲେ। ଏହାପରେ ନିୟମ ଅନୁଯାୟୀ ତାଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିଲା। ସେଠାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କର ଡାକ୍ତରୀ ମାଇନା ବା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କ୍ରାଇମବ୍ରାଞ୍ଚ ଏହି ମାମଲାର ଅଧିକ ଖୋଳତାଡ଼ କରୁଥିବା ବେଳେ ତାଙ୍କୁ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ସୁଜିତ କୁମାର ଦାସ ଶରଣକୁଳ ଥାନାରେ ଓଓଉ ଭାବେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ନାମରେ ଏକ ସଙ୍ଗିନ ଅଭିଯୋଗ ଆସିଥିଲା। ଜଣେ ମହିଳା ତାଙ୍କ ବିରୋଧରେ ଶରଣକୁଳ ଥାନାରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ପୋଲିସ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ତେବେ ନିଲମ୍ବନ ଆଦେଶ ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଭୟରେ ସେ ଫେରାର ହୋଇଯାଇଥିଲେ।

## ଜାତୀୟ ଢାଞ୍ଚାରେ ସୁଦୃଢ଼ ହେବ ରାଜ୍ୟର ବିପର୍ଯ୍ୟୟ ମୁକାବିଲା ବାହିନୀ

ଭୁବନେଶ୍ୱର,୪।୮(ମହାଭାରତ): ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ଆହୁରି ଅଧିକ ଶକ୍ତିଶାଳୀ ଏବଂ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ରାଜ୍ୟର ଅଗ୍ରଣୀ ଉଦ୍ଧାରକାରୀ ଦଳ 'ଓଡ୍ରାଫ୍' କୁ ଏବେ 'ଏସଡିଆରଏଫ୍' ରେ ପରିଣତ କରାଯିବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ ଢାଞ୍ଚାରେ ରାଜ୍ୟରେ ଏହି ପରିବର୍ତ୍ତନ ଆଣିବାକୁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିବର୍ତ୍ତନ ଫଳରେ ରାଜ୍ୟର ବିପର୍ଯ୍ୟୟ ମୁକାବିଲା ବାହିନୀକୁ କେନ୍ଦ୍ର ସରକାରଙ୍କ ଝଉଜର ଗାଇଡଲାଇନ୍ ଅନୁଯାୟୀ ସିଧାସଳଖ ଫାଇଦା ମିଳିପାରିବ। ବାହିନୀକୁ କେନ୍ଦ୍ରୀୟ ପାଣ୍ଠିରୁ ଅଧିକ ଆର୍ଥିକ ଅନୁଦାନ, ଉଦ୍ଧାର କାର୍ଯ୍ୟ ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଏବଂ ଯବାନମାନଙ୍କୁ ଉନ୍ନତମାନର ତାଲିମ ଯୋଗାଇ ଦିଆଯିବ। ବାତ୍ୟା, ବନ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଉଦ୍ଧାର କରିବା ପ୍ରକ୍ରିୟା ଏହା ଦ୍ୱାରା ଆହୁରି ତ୍ୱରାନ୍ୱିତ ହେବ।

ସୂଚନାଯୋଗ୍ୟ ଯେ, ମହାବାତ୍ୟା ପରେ ଓଡ଼ିଶାରେ ୨୦୦୧ ମସିହାରେ ଓଡ୍ରାଫ୍ ଗଠନ କରାଯାଇଥିଲା। ଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଓଡ୍ରାଫ୍ ଯବାନମାନେ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ଦକ୍ଷତା ପ୍ରଦର୍ଶନ କରି ସାରା ଦେଶରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ତେବେ ବର୍ତ୍ତମାନର ସମୟ ଅନୁଯାୟୀ ଏହାକୁ ଜାତୀୟ ସ୍ତରର ଝଉଜର ନିୟମାବଳୀ ସହ ଯୋଡ଼ିବା ଦ୍ୱାରା ବାହିନୀର କ୍ଷମତା ଏବଂ ପ୍ରଶାସନିକ ସୁବିଧା ସୁଯୋଗ ବୃଦ୍ଧି ପାଇବ। ଏହି ନୂତନ ନାମକରଣ ଏବଂ ପୁନର୍ଗଠନ ପ୍ରକ୍ରିୟା ଖୁବଶୀଘ୍ର କାର୍ଯ୍ୟକାରୀ ହେବା ନେଇ ଆଶା କରାଯାଉଛି। ଏହା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଇତିହାସରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ଚନ୍ଦ୍ରରେ ହେବ ଭୟଙ୍କର ବିସ୍ଫୋରଣ

ନୂଆଦିଲ୍ଲୀ,୪।୮: ଆସନ୍ତା ୫ ତାରିଖ ବୁଧବାରରେ ସ୍ପେସ୍ ଏକ୍ସ ରକେଟର ୩,୯୦୦ କି.ଗ୍ରା ଓଜନର ଏକ ଟୁକୁଡା ଚନ୍ଦ୍ରପୃଷ୍ଠରେ ବିସ୍ଫୋରଣ ହେବ। ୨୦୨୫ ଜାନୁଆରୀ ୧୫ରେ ସ୍ପେସ ଏକ୍ସ ପକ୍ଷରୁ ଏହି ଫାଲକାନ-୯ ରକେଟ ଛଡାଯାଇଥିଲା । କିନ୍ତୁ ସେଥିରୁ ଏକ ବିରାଟ ଖଣ୍ଡ ମହାକାଶରେ ରହିଯାଇଛି। ବର୍ତ୍ତମାନ ଏହି ରକେଟ ଖଣ୍ଡ ଚନ୍ଦ୍ର ଆଡକୁ ସେକେଣ୍ଡ ପ୍ରତି ୨.୩୪ କି. ଶବ୍ଦର ବେଗ ଠାରୁ ୭ ଗୁଣ ଅଧିକ ବେଗରେ ବଢ଼ିବାରେ ଲାଗିଛି। ଏହି ରକେଟ ଚନ୍ଦ୍ରରେ ଆସନ୍ତା ୫ ତାରିଖ ସକାଳ ୬ଟା ୩୫ରେ ମାଡ଼ ହେବାର ସମ୍ଭାବନା ରହିଛି। ଏହି ମାଡ଼ ବା ବିସ୍ଫୋରଣ ଫଳରେ ଚନ୍ଦ୍ରରେ ୩୦ ମିଟରର ଏକ ବିରାଟ ଗର୍ତ୍ତ ସୃଷ୍ଟି ହେବ। ଏଥିସହ ପ୍ରଚଣ୍ଡ ଧୂଳି ଓ ଆବର୍ଜନା ଉଠିବ। ଦୁର୍ଘଟଣାବଶତଃ ଚନ୍ଦ୍ରରେ ଧକ୍କା ହେବାର ଏହା ଦ୍ୱିତୀୟ ରକେଟ ହେବ। ୨୦୨୨ରେ ଚୀନର ଏକ ରକେଟର ଟୁକୁଡା ଚନ୍ଦ୍ରରେ ବିସ୍ଫୋରଣ ହେବା ଫଳରେ ଦୁଇଟି ବିରାଟ ଗାତ ସୃଷ୍ଟି କରିଥିଲା।

# ବିଭିନ୍ନ ଅନୁଷ୍ଠାନ ସହ ସ୍ୱାସ୍ଥ୍ୟ ବିଭାଗର ୧୦ ବୁଝାମଣା ପତ୍ର ସ୍ୱାକ୍ଷରିତ

## ସ୍ୱାସ୍ଥ୍ୟସେବା,ଗବେଷଣା ଓ ଭିତ୍ତିଭୂମିରେ ଆସିବ ଉନ୍ନତି

ଭୁବନେଶ୍ୱର, ୪।୮(ମହାଭାରତ): ସ୍ୱାସ୍ଥ୍ୟ ବିଭାଗ ପାଇଁ ଆଜି ଐତିହାସିକ ଦିନ । ବିଭିନ୍ନ ଅନୁଷ୍ଠାନ ସହ ସ୍ୱାସ୍ଥ୍ୟ ବିଭାଗର ୧୦ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସ୍ୱାସ୍ଥ୍ୟସେବା,ଗବେଷଣା ଓ ଭିତ୍ତିଭୂମିରେ ଆସିବ ଉନ୍ନତି ।ଖାରବେଳ ଭବନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଗୁଜୁରାଟର ଆଇ-ହବ , ଅନ୍ତରା ଫାଉଣ୍ଡେସନ, ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ, ଅଦାନୀ ଗ୍ରୁପର ସେବାଦାନ ଆରୋଗ୍ୟ ଫାଉଣ୍ଡେସନ, ହେଲଥ ସିଷ୍ଟମ ଟ୍ରାଂସଫରମେସନ ପ୍ଲାଟଫର୍ମ, ଏମ୍ସ ଦିଲ୍ଲୀର ସେଣ୍ଟର ଫର ଏମେରଜେନ୍ସି ଏବଂ ଟ୍ରମା କେୟାର, କୋଚିର ଅମ୍ରିତା ହସ୍ପିଟାଲର ପେଡିଆଟ୍ରିକ କାର୍ଡିଆକ କେୟାର, କ୍ୱାଲିଟି କଣ୍ଟ୍ରୋଲ ଅଫ ଇଣ୍ଡିଆର ଏନଏବିଏଲ ମାନ୍ୟତା ପ୍ରାପ୍ତ ମେଡିକାଲ କଲେଜ ଏବଂ ହସ୍ପିଟାଲ/ଜିଲ୍ଲା ମୁଖ୍ୟ ହସ୍ପିଟାଲ ଲ୍ୟାବ, ଆଇଏଫସି ଦ୍ୱାରା ସାଇଣ୍ଟିଫିକ ଡ୍ରଗ ୱେରହାଉସିଂ ଏଗ୍ରିମେଣ୍ଟ ନେଟୱାର୍କ, ଟାଟା ଷ୍ଟିଲ ଫାଉଣ୍ଡେସନ, କୈବଲ୍ୟ ଏଜୁକେଶନ୍ ଫାଉଣ୍ଡେସନ ଫର ପ୍ରୋଜେକ୍ଟ ସ୍ୱସ୍ଥ ସହ ଆଜି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି ।





ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ "ଏଥିରେ ଏମ୍ସ ଦିଲ୍ଲୀ ଟ୍ରମାକେୟାର ସେଣ୍ଟର ସହ ଯେଉଁ ବୁଝାମଣା ହୋଇଛି ସେଥିରେ ଜିଲ୍ଲା ମୁଖ୍ୟାଳୟର କୌଣସି ମେଡିକାଲ କଲେଜକୁ ଟ୍ରମା କେୟାର ଉତ୍କର୍ଷ କେନ୍ଦ୍ରରୂପେ ଗ୍ରହଣ କରାଯିବ ଏବଂ ରାଜ୍ୟର ଟ୍ରମା କେୟାରକୁ ଉନ୍ନତ କରାଯିବାକୁ ବ୍ୟବସ୍ଥା କରାଯିବ । ସେହିପରି ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ ଓଡିଶାରେ ଭାରତୀୟ ଜ୍ଞାନ କୌଶଳରେ ତିଆରି ଔଷଧ ଏବଂ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିକୁ ଆଗକୁ ନେବାକୁ ବ୍ୟବସ୍ଥା କରିବେ । ଗୁଜୁରାଟର ଆଇ-ହବ ଦ୍ୱାରା ମେଡିକାଲ ଶିକ୍ଷାରେ ଷ୍ଟାର୍ଟ ଅପ , ନବସୃଜନ, ଶିକ୍ଷାଦାନ ପ୍ରଣାଳୀକୁ ଉନ୍ନତ କରିବାକୁ ସମସ୍ତ ବ୍ୟବସ୍ଥା କରାଯିବ । କ୍ୱାଲିଟି କଣ୍ଟ୍ରୋଲ ଦ୍ୱାରା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ଉପଖଣ୍ଡ ହସ୍ପିଟାଲରେ ଥିବା ଲ୍ୟାବ ଗୁଡିକ ଏନଏବିଏଲ ମାନ୍ୟତା ଦ୍ୱାରା ଲ୍ୟାବ ଗୁଡିକ ମାନ ବଢିବ ।ଡ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଏହା ଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଏବଂ ଡାକ୍ତରୀ ଶିକ୍ଷାକୁ ଆଗକୁ ନେବା ପାଇଁ ସରକାରଙ୍କ ତରଫରୁ ଏହା ବଡ ପଦକ୍ଷେପ । ସେହିପରି ସେବାଦାନ ଫାଉଣ୍ଡେସନ ଦ୍ୱାରା ରାଜ୍ୟର ଛଅଟି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଶ୍ରାମଗୃହ ପ୍ରତିଷ୍ଠା ହେବ ଏବଂ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ସୁରକ୍ଷିତ ଓ ସୁବିଧାଜନକ ରହଣି ବ୍ୟବସ୍ଥାର ଲାଭ ପାଇବେ। ଦୁର୍ଗମ ଅଂଚଳରେ ଛୋଟ ପିଲାଙ୍କ ହୃଦ ରୋଗ ଯାଞ୍ଚ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ହେବ, ଅମୃତା ହସ୍ପିଟାଲ୍, କୋଚି ସହ ହୋଇଥିବା ଚୁକ୍ତି ଅନୁଯାୟୀ ଓଡ଼ିଶାର ଜନ୍ମରୁ ଥିବା ହୃଦ୍‌ରୋଗ ଆକ୍ରାନ୍ତ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର, ଇଣ୍ଟରଭେନ୍ସନାଲ୍ କାର୍ଡିଆକ୍ ଚିକିତ୍ସା, ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଏବଂ ଫଲୋ-ଅପ୍ ସେବା ଯୋଗାଇ ଦିଆଯିବ । ବିଶ୍ୱ ବ୍ୟାଙ୍କ ଗ୍ରୁପର ସଦସ୍ୟ ଆନ୍ତର୍ଜାତୀୟ ଅର୍ଥ ନିଗମ ସହିତ ରାଜ୍ୟସ୍ତରୀୟ ଜଳବାୟୁ-ସ୍ମାର୍ଟ ଔଷଧ ଗୋଦାମ ନେଟୱାର୍କ ବିକାଶ, ପ୍ରୋଜେକ୍ଟ ସ୍ୱସ୍ଥ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଶିକ୍ଷା ଫାଉଣ୍ଡେସନ୍ ସହ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷର. ସେବା, ଗବେଷଣା ଓ ଭିତ୍ତିଭୂମିରେ ଉନ୍ନତି ଆଣିବା ବୋଲି ମନ୍ତ୍ରୀ କହିଛନ୍ତି ।ଏହି ଅବସରରେ ଆଭାଷୀ ମାଧ୍ୟମରେ ଏସସିବି କଟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ସଂସ୍ଥା ଭବନ ଦ୍ୱିତୀୟ ମହଲାରେ ଟେଲି-ମାନସ ସେବାର ଉନ୍ନତ ସୁବିଧା ଭିତ୍ତିଭୂମିକୁ ଉଦଘାଟନ କରାଯାଇଛି ।

# ସାହି ମସରୁମ୍



**ଆବଶ୍ୟକ ସାମଗ୍ରୀ:**

କଟା ଛତୁ, କଟା ପିଆଜ, କାଜୁ ବଟା, କସ୍ତୁରୀ ମେଥି, ଟମାଟୋ ପ୍ୟୁରି, ଗରମ ମସଲା, ଅଦା-ରସୁଣ ପେଷ୍ଟ, ଫ୍ରେଶ୍ କ୍ରିମ୍, ଗୁଣ୍ଡ ଗୋଲମରିଚ, ଦେଶୀ ଘିଅ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**

କଡ଼େଇରେ ଘିଅ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ପରେ ସେଥିରେ ଟମାଟୋ ପ୍ୟୁରି ଦେଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ମିଶାଇ କଷନ୍ତୁ।

କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ତା'ପରେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ସାହି ମସରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।

ଖବର

# ରାବଣ କାହିଁକି ଉଠାଇ ପାରିଲାନି ଶିବ ଧନୁ ?



ରାବଣ ଜଣେ ବଳଶାଳୀ ରାଜା ଥିଲା। ସେ ଶିବଙ୍କ ସହ କୈଳାସ ପର୍ବତକୁ ହାତରେ ଉଠାଇଥିଲା।

ତେବେ ସୀତାଙ୍କ ସ୍ୱୟମ୍ବରରେ ଶିବ ଧନୁ ଉଠାଇ ପାରିନଥିଲା। ସେହି ଧନୁକୁ ଭଗବାନ ଶ୍ରୀରାମ ଉଠାଇ ଗୁଣ ଚଢାଇବା ବେଳେ ତାହା ଭାଙ୍ଗିଯାଇଥିଲା। ତେବେ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାବଣ କୈଳାସ ପର୍ବତ ହାତରେ ତୋଳିଧିରଥିଲା ଶିବଧନୁ ଉଠାଇ ପାରିଲାନି କାହିଁ। ତେବେ ଜାଣିବା ଏହି ପ୍ରଶ୍ନର ଉତ୍ତର। ଶିବଙ୍କ ଧନୁ ବହୁତ ଶକ୍ତିଶାଳୀ ଓ ଚମତ୍କାରୀ ଥିଲା। ଶିବଙ୍କ ଧନୁର ଟଙ୍କାରରେ ବାଦଲ ବି ଫାଟିଯାଉଥିଲା। କୁହାଯାଏ ଏହାର ଟଙ୍କାରରେ ହିମାଳୟ ବି କମ୍ପୁଥିଲା। ଏହି ଧନୁରୁ ବାହାରିଥିବା ଗୋଟିଏ ତୀର ତ୍ରିପୁରାସୁରର ୩ଟି ନଗରୀଙ୍କୁ ଧ୍ୱଂସ ହୋଇଯାଇଥିଲା। ଏହି ଧନୁର ନାମ ଥିଲା ପିନାକ। ତେବେ ଦେବୀଦେବତାଙ୍କ ସମୟ ସମାପ୍ତି ପରେ ଧନୁକୁ ଇନ୍ଦ୍ରଙ୍କ ଦାୟିତ୍ୱରେ ଦିଆଯାଇଥିଲା। ତେବେ ଦେବତାମାନେ ଏହି ଧନୁକୁ ଜନକଙ୍କ ପୂର୍ବଜ ତଥା ନିମିଙ୍କ ଜ୍ୟେଷ୍ଠପୁତ୍ର ଦେବରାଜଙ୍କୁ ଦେଇଦେଇଥିଲେ। ପରିବାରର ଉତ୍ତରାଧିକାରରେ ଧନୁଟି ଜନକଙ୍କ ଅଧୀନକୁ ଆସିଥିଲା। ତେବେ ସୀତାଙ୍କ ସ୍ୱୟମ୍ବରରେ ରଖା ଯାଇଥିବା ଧନୁ ଉଠାଇବାକୁ ସର୍ତ୍ତ ଥିଲା। ରାବଣ ବାହୁବଳରେ କୈଳାଶ ପର୍ବତକୁ ହାତରେ ଉଠାଇଥିଲା। ହେଲେ ଅହଂକାର ଯୋଗୁ ଧନୁକୁ ଉଠାଇପାରିନଥିଲା। ସେ ଯେତେ ବଳ ପ୍ରୟୋଗ କରୁଥିଲା ଧନୁ ସେତେ ଭାରି ହୋଇଯାଉଥିଲା। କାରଣ ଥିଲା ଧନୁର ଦୈବୀ ଶକ୍ତି । ଯେତେବେଳେ ଜଣକ ପରେ ଜଣେ ରାଜା ଧନୁ ଉଠାଇ ନ ପାରି ଲଜ୍ଜିତ ହୋଇ ଫେରିଲେ ଗୁରୁ ବିଶ୍ୱାମିତ୍ର ରାମଙ୍କୁ ଧନୁ ଉଠାଇବାକୁ ଆଦେଶ ଦେଲେ। ରାମଚନ୍ଦ୍ର ଜାଣି ଯାଇଥିଲେ ଧନୁର ଐଶ୍ୱରିକ ଶକ୍ତି ରହିଛି। ଏଣୁ ସେହି ଅନୁସାରେ ପ୍ରସ୍ତୁତି କରି ଉଠିଥିଲେ ଧନୁ ଉତ୍ତୋଳନ ଲାଗି। ରାମଚନ୍ଦ୍ର ଧନୁ ନିକଟରେ ପହଞ୍ଚି ପ୍ରଥମେ ପ୍ରଣାମ କରିବା ସହ ଶସ୍ତ୍ରକୁ ସମ୍ମାନ କରିଥିଲେ। ଏହା ଶିବ ଧନୁ ହୋଇଥିବାରୁ ପ୍ରଦକ୍ଷିଣ କରି ନିଜକୁ ଶରଣ କରିଥିଲେ। ଫଳରେ ଧନୁ ଶୁଖିଲା ତୃଣ ଠାରୁ ବି ହାଲୁକା ହୋଇଯାଇଥିଲା। ଯାହାକୁ ମର୍ଯ୍ୟାଦାପୁରୁଷୋତ୍ତମ ଅକ୍ଲେଶରେ ଉଠାଇ ଗୁଣ ଦେବାକୁ ଉଦ୍ୟମ କରନ୍ତେ ପ୍ରକାଣ୍ଡ ଧ୍ୱନି କରି ଭାଙ୍ଗିଯାଇଥିଲା। ରାମଙ୍କ ପୂର୍ବରୁ ସୀତା ମଧ୍ୟ ଧନୁକୁ ଉଠାଇଥିବାର ପୁରାଣ କୁହେ। ଶିବଙ୍କୁ ପ୍ରଣାମ ପୂର୍ବକ ମାତା ସୀତା ଧନୁକୁ ବାମ ହାତରେ ଉଠାଇ ସ୍ଥାନାନ୍ତର କରିଦେଇଥିଲେ। ଏଣୁ ଜନକ ଏହି ଧନୁକୁ ଯିଏ ଉଠାଇବ ତାକୁ କନ୍ୟାଦାନ କରିବେ ବୋଲି ସର୍ତ୍ତ ରଖିଥିଲେ। ସୀତାଙ୍କ ଭଳି ରାମ ମଧ୍ୟ ଧନୁ ଉଠାଇବାକୁ ପ୍ରୟାସ କରି ଏଥିରେ ସଫଳ ହୋଇଥିଲେ।

# ଦେବୀ ଭୁବନେଶ୍ୱରୀ



ଭୁବନର ଦେବୀ ହୋଇଥିବାରୁ ତାଙ୍କ ନାମ ଭୁବନେଶ୍ୱରୀ (ଭୁବନ+ଈଶ୍ୱରୀ) ହୋଇଛି । ସମଗ୍ର ଭୁବନ ଗଠନରେ ତାଙ୍କର ଭୂମିକା ରହିଛି । ତାଙ୍କରି କୃପାରୁ ସମଗ୍ର ଭୁବନ ପରିଚାଳିତ ହୋଇଥାଏ । ଦେବୀ ଭୁବନେଶ୍ୱରୀଙ୍କର ଶକ୍ତି ଉପାସନାରେ ସ୍ୱତନ୍ତ୍ର ସ୍ଥାନ ରହିଛି । ଦେବୀ ଭୁବନେଶ୍ୱରୀଙ୍କ ଆରାଧନା ଭକ୍ତର ସମସ୍ତ ମନୋସ୍କାମନା ପୂରଣ କରିଥାଏ । ଏପରିକି ଭୁବନେଶ୍ୱରୀଙ୍କ କୃପାରୁ ନବଗ୍ରହଙ୍କ ପ୍ରଭାବ ମଧ୍ୟ ହ୍ରାସ ପାଏ । ଭାରତର ବିଭିନ୍ନ ସ୍ଥାନରେ ଦେବୀ ଭୁବନେଶ୍ୱରୀଙ୍କ ଉପାସନା ସ୍ଥଳୀ ରହିଛି । ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ନାମ ଦେବୀ ଭୁବନେଶ୍ୱରୀଙ୍କ ନାମାନୁସାରେ ହୋଇଛି । ଶ୍ରୀଜଗନ୍ନାଥ ମନ୍ଦିର, ତାମିଲନାଡ୍ଡୁର ପୁଡ୍ଡୁକୋଟ୍ଟାଇ, ଶ୍ରୀଲଙ୍କାର ମାନିପଲ୍ଲବମ୍ ଆଦି ସ୍ଥାନରେ ଭୁବନେଶ୍ୱରୀଙ୍କର ପୀଠ ରହିଛି । ଦେବୀ ସମଲେଶ୍ୱରୀ ଏବଂ କଟକ ଚଣ୍ଡୀ ପୀଠରେ ମଧ୍ୟ ଭୁବନେଶ୍ୱରୀଙ୍କ ଉପାସନା କରାଯାଏ ।

# ଶ୍ରୀକୃଷ୍ଣଙ୍କ ଶାନ୍ତି ପ୍ରସ୍ତାବ

ମହାଭାରତରେ ପାଣ୍ଡବଙ୍କ ଅଜ୍ଞାତବାସ ସମାପ୍ତି ହେବା ପରେ କୌରବଙ୍କଠାରୁ ଅପମାନର ପ୍ରତିଶୋଧ ନେବାକୁ ପ୍ରସ୍ତୁତିରେ ଥିଲେ । ଏହି ସମୟରେ ଅଭିମନ୍ୟୁ ଏବଂ ଉତ୍ତରାଙ୍କ ବିବାହରେ ଅନେକ ରାଜା ଉପସ୍ଥିତ ଥିଲେ । ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ବିରାଟ ରାଜାଙ୍କ ଦରବାରକୁ ସମସ୍ତ ରାଜାଙ୍କୁ ଆମନ୍ତ୍ରିତ କରା ଯାଇଥିଲା । ସେଠାରେ ଭଗବାନ ଶ୍ରୀକୃଷ୍ଣ କୌରବଙ୍କ ଅନ୍ୟାୟ ଓ ଅତ୍ୟାଚାର ସଂପର୍କରେ ବର୍ଣ୍ଣନା କରିଥିଲେ । ମହାରାଜ ଦ୍ରୁପଦ ପାଣ୍ଡବଙ୍କୁ ସମର୍ଥନ କରିଥିଲେ । ତେବେ ସବୁ ରାଜାଙ୍କ ସହମତିରେ କୌରବଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ଦୂତ



ପଠାଇବାକୁ ନିଷ୍ପତ୍ତି ନିଆଗଲା । ପାଣ୍ଡବମାନେ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ କଲେ । ପାଞ୍ଚାଳ ଏବଂ ବିରାଟ ସେନାଙ୍କ ସହିତ କୁରୁକ୍ଷେତ୍ର ନିକଟରେ ଶିବିର ଲଗାଗଲା । କୌରବମାନେ ଏ ସଂପର୍କରେ ଜାଣିପାରିଲେ ଏବଂ ବିଭିନ୍ନ ରାଜାଙ୍କୁ ନିଜ ପକ୍ଷକୁ ନେବା ପାଇଁ ନିମନ୍ତ୍ରଣ କଲେ । ଯାଦବମାନଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ଦୁର୍ଯ୍ୟୋଧନ ଏବଂ ଅର୍ଜୁନ ବାହାରି ପଡ଼ିଲେ । ଯେତେବେଳେ ଏହି ଦୁଇଜଣ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଲେ ସେତେବେଳେ ଭଗବାନ ଶ୍ରୀକୃଷ୍ଣ ଶୋଇ ଯାଇଥିଲେ । ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ପାଦ ନିକଟରେ ଏବଂ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କ ମୁଣ୍ଡ ନିକଟରେ ବସିଲେ । ଶ୍ରୀକୃଷ୍ଣ ଆଖି ଖୋଲି ପ୍ରଥମେ ଅର୍ଜୁନ ଓ ପରେ ଦୁର୍ଯ୍ୟୋଧନକୁ ଦେଖିଲେ । ଯୁଦ୍ଧ ପାଇଁ ନିଜର ନାରାୟଣୀ ସେନାକୁ ଦୁର୍ଯ୍ୟୋଧନଙ୍କୁ ଦେଲେ ଏବଂ ସ୍ୱୟଂ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ରହିବା ପାଇଁ ପ୍ରତିଜ୍ଞା କରିବା ସହ ଯୁଦ୍ଧରେ ଶସ୍ତ୍ର ଉଠାଇବେ ନାହିଁ ବୋଲି ପ୍ରତିଜ୍ଞା ମଧ୍ୟ କଲେ । ସେପଟେ ପାଣ୍ଡବଙ୍କ ପକ୍ଷରୁ ଶାନ୍ତି ପ୍ରସ୍ତାବ ନେଇ ଆସିଥିବା ଦୂତକୁ ଦୁର୍ଯ୍ୟୋଧନ କହିଲେ ଯେ, ବିନା ଯୁଦ୍ଧରେ ଛୁଞ୍ଚି ମୁନସମ ଜାଗା ମଧ୍ୟରେ ପାଣ୍ଡବ ମାନଙ୍କୁ ମିଳିବ ନାହିଁ । ଯୁଧିଷ୍ଠିରଙ୍କ ପରାମର୍ଶରେ ଶ୍ରୀକୃଷ୍ଣ ପୁନର୍ବାର ଶାନ୍ତି ପ୍ରସ୍ତାବ ନେଇ ହସ୍ତିନାକୁ ଗଲେ । ପାଣ୍ଡବ କେବଳ ୫ଟି ଗାଁରେ ସନ୍ତୁଷ୍ଟ ହେବା ବିଷୟ ଏହି ଶାନ୍ତିବାର୍ତ୍ତାରେ ରହିଥିଲା । ହସ୍ତିନାପୁରରେ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇଥିଲା । ଶ୍ରୀକୃଷ୍ଣଙ୍କୁ ବାନ୍ଧି କଏଦୀ କରି ରଖିବାକୁ ଦୁର୍ଯ୍ୟୋଧନ ଯୋଜନା କଲା । ଆୟୋଜିତ ସଭାରେ ଶ୍ରୀକୃଷ୍ଣ ସନ୍ଧି କଥାବାର୍ତ୍ତା ପାଇଁ କହିଥିଲ । ଧୃତରାଷ୍ଟ୍ର ସନ୍ଧି ପକ୍ଷରେ ଥିଲେ, କିନ୍ତୁ ଦୁର୍ଯ୍ୟୋଧନ ଏହାକୁ ମାନିଲା ନାହିଁ ଏବଂ ଶ୍ରୀକୃଷ୍ଣଙ୍କୁ ବାନ୍ଧି ଆଣିବାକୁ ଆଦେଶ ଦେଲା । ଏବଂ କହିଲା ଶ୍ରୀକୃଷ୍ଣ ଦୂତଙ୍କ କାର୍ଯ୍ୟ କରୁନାହାନ୍ତି ବରଂ ପାଣ୍ଡବଙ୍କ ପକ୍ଷଭୁକ୍ତ ଅଛନ୍ତି । କର୍ଣ୍ଣ, ଦୁଃଶାସନ, ଶକୁନି ପ୍ରଭୃତି ଦୁର୍ଯ୍ୟୋଧନକୁ ସମର୍ଥନ କରି ଯୁଦ୍ଧ କରିବାକୁ ଚାହିଁଲେ । ତେବେ କୃଷ୍ଣ କହିଲେ ଯେ, ପାଣ୍ଡବମାନଙ୍କୁ କେବଳ ୫-ଟି ଗ୍ରାମ ଦେଇଦିଅ । କିନ୍ତୁ ଏଥିରେ ମଧ୍ୟ ଦୁର୍ଯ୍ୟୋଧନ ରାଜି ହେଲେ ନାହିଁ । ଶ୍ରୀକୃଷ୍ଣ ଦୁର୍ଯ୍ୟୋଧନକୁ ଗାଳି କରିବା ସହ ସଭାରୁ ବାହାରି ଆସିଲେ ।

# 'ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର'




ସତ୍ୟସାଇ ଯେତେବେଳେ ଜନ୍ମହେଲେ ସେତେବେଳ ଘରେ ଥିବା ବାଦ୍ୟଯନ୍ତ୍ର ଆପେ ଆପେ ବାଜିବାକୁ ଲାଗିଲା ଏବଂ ଏକ ରହସ୍ୟମୟ ସର୍ପର ଆବିର୍ଭାବ ହେଲା । ସତ୍ୟସାଇ ଜନ୍ମରୁ ପ୍ରତିଭା ସଂପନ୍ନ ଥିଲେ । କୁହାଯାଏ ଯେ, ଭଗବାନ ସତ୍ୟନାରାୟଣଙ୍କ ପୂଜାର ପ୍ରସାଦ ଗ୍ରହଣ କରିବା ପରେ ଜନ୍ମ ଗ୍ରହଣ କରିଥିଲେ ସତ୍ୟସାଇ ବାବା । ତେଣୁ ତାଙ୍କର ନାମ ସତ୍ୟନାରାୟଣ ରଖାଗଲା । ସତ୍ୟସାଇ ବାବାଙ୍କ ପ୍ରଥମ ନାମ ହେଉଛି ସତ୍ୟନାରାୟଣ ରାଜୁ । ସତ୍ୟନାରାୟଣ ଯେତେବେଳେ ହାଇସ୍କୁଲ୍‌ରେ ପଢୁଥିଲେ ତାଙ୍କୁ ଏକ ବିଷାକ୍ତ ବିଛା କାମୁଡ଼ିଦେଲା ଏବଂ ସତ୍ୟନାରାୟଣ କୋମାରେ ପଡ଼ିଗଲେ । ଯେତେବେଳେ କୋମାରୁ ଉଠି ସୁସ୍ଥ ହେଲେ ତାଙ୍କର ବ୍ୟବହାର ବିଚିତ୍ର ହେବାକୁ ଲାଗିଲା । ସତ୍ୟନାରାୟଣ ଖାଇବା ପିଇବା ତ୍ୟାଗକରି କେବଳ ପୁରାଣ ଶ୍ଳୋକ ଓ ମନ୍ତ୍ର ଉଚ୍ଚାରଣରେ ଧ୍ୟାନ ଦେଲେ । ୮ ବର୍ଷ ବୟସରେ ସେ ଭଜନ ରଚନା କରୁଥିଲେ । ୧୪ ବର୍ଷ ବୟସରେ ୨୩ ମେ ୧୯୪୦ରେ ସତ୍ୟନାରାୟଣ ନିଜର ଅବତାର ବିଷୟରେ ଘୋଷଣା କଲେ ତଥା ଜୀବନକୁ ଲୋକଙ୍କ ସେବାରେ ସମର୍ପଣ କଲେ । ସତ୍ୟସାଇଙ୍କ ବିଷୟରେ କୁହାଯାଏ ଯେ, ଭକ୍ତଙ୍କ ବିପତ୍ତି ସମୟରେ ବାବାଙ୍କୁ ଡ଼ାକିଲେ ତତ୍ପରତାର ସହ ଲୋକଙ୍କ କଥା ଶୁଣୁଥିଲେ। କୁହାଯାଏ ଶିରିଡ଼ିରେ ସାଇବାବା, ଆନ୍ଧ୍ରପ୍ରଦେଶରେ ସତ୍ୟସାଇ ବାବାଙ୍କ ପରେ କର୍ଣ୍ଣାଟକରେ ପ୍ରେମ ସାଇବାବାଙ୍କ ଆବିର୍ଭାବ ହେବ । ସତ୍ୟସାଇ ବାବା ଆଧାତ୍ମିକ ଗୁରୁ ଓ ପ୍ରେରକ ବ୍ୟକ୍ତିତ୍ୱ ଥିଲେ । ସତ୍ୟସାଇ ସର୍ବଦା ତାଙ୍କ ଭକ୍ତଙ୍କୁ ସାହାଯ୍ୟ କରୁଥିଲେ। ଭକ୍ତଙ୍କୁ ମୂଲ୍ୟବାନ ଉପଦେଶ ଦେଉଥିଲେ । ଭଲ ସ୍ୱଭାବ, ଶୁଦ୍ଧ ଆଚରଣ ପାଇଁ ଭକ୍ତଙ୍କୁ ବୁଝାଉଥିଲେ । ସତ୍ୟସାଇଙ୍କ ମତରେ କୌଣସି ଧର୍ମ ଉଚ୍ଚ ନୀଚ ନୁହେଁ । ଆମେ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ପାଇଁ ସତ୍ୟସାଇ ଭକ୍ତମାନଙ୍କୁ ବୁଝାଉଥିଲେ । ସାଇବାବା ତାଙ୍କ ଜୀବନକାଳରେ ବହୁତ ଶିକ୍ଷଣ ସଂସ୍ଥା, ହସ୍ପିଟାଲ ଏବଂ ଅନ୍ୟାନ୍ୟ ମାନବସେବା କାର୍ଯ୍ୟ କରୁଥିଲେ । ପ୍ରଶାନ୍ତି ନିଲୟମରେ ବାବାଙ୍କର ବିଶ୍ୱସ୍ତରୀୟ ହସ୍ପିଟାଲ୍ ଏବଂ ରିସର୍ଚ୍ଚ ସେଣ୍ଟର ରହିଛି । ପୁଟ୍ଟପର୍ତ୍ତିସ୍ଥିତ ଏହି ହସ୍ପିଟାଲରେ ୨୨୦ଟି ଶଯ୍ୟା ରହିଛି ଏବଂ ନିଶୁଳ୍କ ସର୍ଜିକାଲ ଓ ମେଡ଼ିକାଲ କେୟାର ସୁବିଧା ପ୍ରଦାନ କରାଯାଇଛି । ବାଙ୍ଗାଲୋର ଠାରେ ୩୩୩ ଶଯ୍ୟା ବିଶିଷ୍ଟ ଶ୍ରୀ ସତ୍ୟସାଇ ଇନିଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡ଼ିକାଲ ସାଇନ୍ସ କାର୍ଯ୍ୟକରୁଛି । ସମସ୍ତଙ୍କୁ ଭଲ ପାଅ, ସାହାଯ୍ୟ କର, କାହାର ଅନିଷ୍ଟ ଚିନ୍ତା କରନାହିଁ ଏହିସବୁ କଥା ବାବା ଭକ୍ତମାନଙ୍କୁ କହୁଥାନ୍ତି । ସତ୍ୟସାଇ ବାବା ଆଧାତ୍ମିକ ଗୁରୁ ଥିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସତ୍ୟ, ପ୍ରେମ, ଶାନ୍ତି, ସଦ୍‌ଭାବନା, ଅହିଂସା ଆଦି ନୈତିକ ମୂଲ୍ୟବୋଧର ସର୍ବଦା ପାଳନ କରିବା ଉଚିତ୍ ବୋଲି ବାବା ଭକ୍ତମାନଙ୍କୁ ବୁଝାଉଥିଲେ । ବାବା ଭାରତରେ ତିନୋଟି ମନ୍ଦିର ମଧ୍ୟ ସ୍ଥାପନ କରିଛନ୍ତି । ମୁମ୍ବାଇରେ ଧର୍ମକ୍ଷେତ୍ର, ହାଇଦ୍ରାବାଦରେ ଶିବମ୍ ଏବଂ ଚେନ୍ନାଇରେ ସୁନ୍ଦରମ୍ ମନ୍ଦିର । ଏହା ବ୍ୟତୀତ ପୃଥିବୀର ୧୧୪ ଦେଶରେ ସତ୍ୟସାଇଙ୍କ କେନ୍ଦ୍ର ସ୍ଥାପିତ ହୋଇଛି । ଭାରତ ବ୍ୟତିତ ସମଗ୍ର ବିଶ୍ୱରେ ବାବାଙ୍କର ଲକ୍ଷାଧିକ ଭକ୍ତ ରହିଛନ୍ତି । ୧୯୫୭ରେ ବାବା ଉତ୍ତର ଭାରତର ମନ୍ଦିର ଦର୍ଶନ କରିଥିଲେ । ୮୫ ବର୍ଷର ଶାନ୍ତିପୂର୍ଣ୍ଣ ଜୀବନ ପରେ ୨୪ ଏପ୍ରିଲ୍ ୨୦୧୧ରେ ସତ୍ୟସାଇ ଦେହତ୍ୟାଗ କରିଥିଲେ ।

# ଚରମରେ କଳିଯୁଗ !

ଜ୍ୟୋତିଷ ଶାସ୍ତ୍ର ଏବଂ ପୁରାଣ ଗ୍ରନ୍ଥଗୁଡ଼ିକରେ ଯୁଗର ଭିନ୍ନ ଭିନ୍ନ ମୂଲ୍ୟ ରହିଛି । ପୌରାଣିକ ଗ୍ରନ୍ଥ ଅନୁଯାୟୀ, ଚାରୋଟି ଯୁଗ ଅଛି । ସେଗୁଡିକ ହେଉଛି ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି। କୁହାଯାଇଥାଏ କଳିଯୁଗରେ ପାପ



ଶିଖରରେ ରହିବ। ବର୍ତ୍ତମାନ କଳିକାଳ ଅର୍ଥାତ କଳିଯୁଗ ଚାଲିଛି। ଏହି ଯୁଗରେ କ'ଣ ହେବ ଏବଂ କ'ଣ ଘଟିବ ତାହା ଗ୍ରନ୍ଥରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏଥିସହ ଏହି ଯୁଗରେ ଯେଉଁଠାରେ ପ୍ରଳୟ ହେବ ତେବେ କେବଳ ହରି କୀର୍ତ୍ତନ ହିଁ ରକ୍ଷା କରିପାରିବ। ତେବେ ଆସନ୍ତୁ ଜାଣିବା କଳିଯୁଗରେ କାହିଁକି ସାବଧାନ ରହିବାକୁ ହେବ ?

୧. ସତ୍ୟଯୁଗ- ଧାର୍ମିକ ଭାବରେ ସତ୍ୟଯୁଗରେ ଚାରି ପାଦ ଥିଲା । ସତ୍ୟଯୁଗରେ ମନୁଷ୍ୟର ଲମ୍ବ ୩୨ ଫୁଟ, ଅର୍ଥାତ୍ ପ୍ରାୟ ୨୧ ହାତ ବୋଲି ଦର୍ଶାଯାଇଛି। ଏହି ଯୁଗରେ ପାପର ମାତ୍ରା କେବଳ ୦ ପ୍ରତିଶତ। ସେହିଭଳି ପୁଣ୍ୟର ମାତ୍ରା ୧୦୦ ପ୍ରତିଶତ। ଉଲ୍ଲେଖ ରହିଛି ସତ୍ୟ ପାଇଁ ଶେଷରେ ହରିଚନ୍ଦ୍ର ମଧ୍ୟ ନିଜ ପରିବାରକୁ ବଳିଦାନ ଦେଇଥିଲେ।

୨.ତ୍ରେତୟା ଯୁଗ- ତ୍ରେତୟା ଯୁଗରେ ଧର୍ମର ତିନି ପାଦ ଥିଲା। ଏହି ଯୁଗରେ ମନୁଷ୍ୟର ଲମ୍ବ ୨୧ ଫୁଟ, ଅର୍ଥାତ୍ ପ୍ରାୟ ୧୪ ହାତ ବୋଲି କୁହାଯାଇଛି। ଏହି ଯୁଗରେ, ପାପର ପରିମାଣ ହେଉଛି ୨୫ ପ୍ରତିଶତ ଏବଂ ପୁଣ୍ୟର ପରିମାଣ ହେଉଛି ୭୫ ପ୍ରତିଶତ। ଏହି ଯୁଗରେ ବିଷ୍ଣୁ ରାମ ଅବତାର ଧାରଣ କରିଥିଲେ। ରାକ୍ଷସ ରାଜ ରାବଣଙ୍କ ଠାରୁ ସୀତାଙ୍କୁ ଅପହରଣ କରିବା ସତ୍ତ୍ୱେ ତାଙ୍କୁ ସ୍ପର୍ଶ କରିନଥିଲେ।

୩.ଦ୍ୱାପର ଯୁଗ- ଦ୍ୱାପରରେ ଧର୍ମର କେବଳ ଦୁଇଟି ପାଦ ଥିଲା ଏହି ଯୁଗରେ ମନୁଷ୍ୟର ଲମ୍ବ ୧୧ ଫୁଟ, ଅର୍ଥାତ୍ ପ୍ରାୟ ୭ ହାତ ବୋଲି କୁହାଯାଏ। ଏହି ଯୁଗରେ, ପାପର ପରିମାଣ ୫୦ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ମଧ୍ୟ୫୦ ପ୍ରତିଶତ ଥିଲଏ। ଏହାର ଅର୍ଥ ହେଉଛି ଏହି ଯୁଗରେ ଅଧା ମଣିଷ ପାପୀ ଏବଂ ଅଧା ପୁଣ୍ୟାତ୍ମା ଥିଲେ। ଏହାବ୍ୟତୀତ ଏହି ସମୟରେ ମହାଭାରତ ଯୁଦ୍ଧ ହୋଇଥିଲା। ଏହି ସମୟରେ ଭଗବାନ କୃଷ୍ଣ ଧର୍ମକୁ ରକ୍ଷା କରିଥିଲେ।

୪. କଳିଯୁଗ- କଳିଯୁଗରେ ଦୁଇଟି ପାଦ ରହିଛି ଏବଂ ବର୍ତ୍ତମାନ ଏହିଯୁଗରେ ଧର୍ମର କୌଣସି ଚିହ୍ନବର୍ଣ୍ଣ ନାହିଁ। ବର୍ତ୍ତମାନ ଧର୍ମର ପକ୍ଷାଘାତ ହୋଇଯାଇଛି। ଏହି ଯୁଗରେ ମନୁଷ୍ୟର ହାରାହାରି ଲମ୍ବ ୫ ଫୁଟ୍ ୫ ଇଞ୍ଚ ଅର୍ଥାତ ପାଖାପାଖି ସାଢେ ତିନି ହାତ। ଏଥିସହ ଏହି ଯୁଗରେ ଧର୍ମର କେବଳ ଏକ ଚତୁର୍ଥ ଅଂଶ ରହିଛି। ସେହିଭଳି ପାପର ମାତ୍ରା ୭୫ ପ୍ରତିଶତ ହୋଇଥିବା ବେଳେ ପୁଣ୍ୟର ମାତ୍ରା ୭୫ ପ୍ରତିଶତ। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ କଳିକାଳ ଶିଖରରେ ରହିଛି। ପୂର୍ବରୁ ଉଲ୍ଲେଖ କରାଯାଇଥିବା ୨୫ ପ୍ରତିଶତ ପୁଣ୍ୟର ମାତ୍ରା ବର୍ତ୍ତମାନ ଏହା କେଉଁଠାରେ ଦେଖାଯାଉନାହିଁ। ପାଖାପାଖି ୫ ପ୍ରତିଶତ ପୁଣ୍ୟ ବଞ୍ଚି ରହିଥିବ।

ନଗରନକ୍ସା
ମହାନଗରର ନିଜ ଭାଷା



# କ୍ଷତିଗ୍ରସ୍ତ ଚାଷଜମି ପାଇଁ ଚାଷୀଙ୍କୁ ମିଳିବ ପ୍ୟାକେଜ୍

**ଭୁବନେଶ୍ୱର,୪।୮ (ମହାଭାରତ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ବନ୍ୟା ପରିସ୍ଥିତି ସମ୍ପର୍କରେ ସୁବିସ୍ତୃତ ସମୀକ୍ଷା କରିଛନ୍ତି। ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ବୃଷ୍ଟିପାତ କମ୍ ଥିବା ସହ ଖରା ପାଗ ହୋଇଥିଲା ବେଳେ ବନ୍ୟା ପରିସ୍ଥିତିରେ କ୍ରମଶଃ ସୁଧାର ଆସିବା ସହ ଏସଆରସି, ଉଦ୍ଧାରକାରୀ ଦଳ ଏବଂ ଜିଲ୍ଲାପ୍ରଶାସନର ସମନ୍ୱିତ ପ୍ରୟାସ ମାଧ୍ୟମରେ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ତେବେ, ମହାନଦୀର ଜଳପତନ ସ୍ତର ଉପରେ ତୀକ୍ଷଣ ନଜର ରଖାଯିବା ସହ ଏହାର ଅବବାହିକା ଅଂଚଳ ତଥା ଉପକୂଳ ଜିଲ୍ଲାମାନଙ୍କରେ ପ୍ରଶାସନକୁ ସମ୍ପୂର୍ଣ୍ଣ ସଜାଗ ରହିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରୁ ୧୫ଟି ଜିଲ୍ଲା ସମ୍ପୂର୍ଣ୍ଣ ବିପଦମୁକ୍ତ ଥିବା ବେଳେ ବାକି ୧୫ଟି ଜିଲ୍ଲା ବନ୍ୟା ଦ୍ୱାରା ଊଣାଅଧିକେ ପ୍ରଭାବିତ ହୋଇଛନ୍ତି । ୧୫ଟି ଜିଲ୍ଲାର ୫୭ଟି ବ୍ଲକର ୪୪୬ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୧୩୬୨ଟି ଗ୍ରାମ ଏବଂ ୧୧ଟି ପୌରାଞ୍ଚଳର ୧୭୪ ୱାର୍ଡର ପ୍ରାୟ ୭,୯୧,୮୪୬ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପାଣି ଘେରରେ ୨,୬୮,୯୪୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୨୧୩୮୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି ।

ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ପ୍ରାୟ ୬୪୭ଟି ରିଲିଫ୍ କେନ୍ଦ୍ରରେ ଲୋକମାନଙ୍କୁ ଉଭୟ ରନ୍ଧାଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିବା ବେଳେ ଶିଶୁମାନଙ୍କ ପାଇଁ ଶିଶୁଖାଦ୍ୟ, ବୟସ୍କ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଡାକ୍ତରୀ ଟିମ୍ ମଧ୍ୟ ନିୟମିତ ରିଲିଫ୍ କେନ୍ଦ୍ର ପରିଦର୍ଶନ କରି ସେବା ପ୍ରଦାନ କରିବାକୁ ନିୟୋଜିତ ହୋଇଛନ୍ତି । ପର୍ଯ୍ୟାପ୍ତ ପରିମାଣରେ ଗୋଖାଦ୍ୟ ମଧ୍ୟ ବିଭିନ୍ନ ଜିଲ୍ଲାରୁ ତ୍ୱରିତ ଯୋଗାଇ



ଦିଆଯାଉଛି । ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଦେବୀ, କୁଶଭଦ୍ରା, ଇବ୍, ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଜଳକା ଆଦି ନଦୀର ଜଳପତନ ସ୍ତର କ୍ରମଶଃ ହ୍ରାସ ପାଇଥିଲା ବେଳେ ମହାନଦୀର ଜଳପତନ ସ୍ତର ବିପଦସଙ୍କେତଠୁଁ ସାମାନ୍ୟ ଅଧିକ ରହିଛି । ସେହିପରି ଶୁକ୍ରବାର ସକାଳ ୯ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୨ ଟି ଗେଟ୍ ଖୋଲା ଥିବା ବେଳେ ମୁଣ୍ଡଳି ଠାରେ ୮,୬୫,୪୭୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଥିଲା । ତେବେ, ପରେ ପରେ ଆଉ ୧୦ଟି ଗେଟ୍ ଖୋଲା ଯାଇ ସମୁଦାୟ ୧୨ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଏହି ଜଳ ହୀରାକୁଦରୁ ଆସି ମୁଣ୍ଡଳି ଠାରେ ପହଂଚିବାକୁ ପାଖାପାଖି ଚାଳିଶ ଘଂଟା ସମୟ ଲାଗିବ । ତେବେ ସେତେବେଳକୁ ମୁଣ୍ଡଳିଠାରେ ମହାନଦୀର ଜଳସ୍ତର ଅପେକ୍ଷାକୃତ କମ୍ ହୋଇ ଯାଇଥିବାରୁ ଏହି ବନ୍ୟାଜଳ ଦ୍ୱାରା ବିଶେଷ ବିପଦ ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି । ତେବେ ମହାନଦୀର ଜଳସ୍ତର ଉପରେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରକ୍ଷା କରି ଦୃଢ଼ ନଜର ରଖାଯାଇଥିଲା ବେଳେ ଅବବାହିକା ଅଂଚଳ ତଥା କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାମାନଙ୍କୁ ସମ୍ପୂର୍ଣ୍ଣ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ସହ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ସବୁଠି ନିୟୋଜିତ ଅଛନ୍ତି କ୍ଷ ରାଜ୍ୟରେ ୧୭ଟି ଓଡ୍ରାଫ୍, ୬ଟି ଏନଡିଆରଏଫ୍ ଏବଂ ୧୧୨ଟି ଅଗ୍ନିଶମ ତଥା ଜରୁରୀକାଳୀନ ଉଦ୍ଧାରକାରୀ ଦଳ ନିୟୋଜିତ ଥିବା ସହ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ରିଲିଫ୍ ସାମଗ୍ରୀ ପ୍ରଦାନ କାର୍ଯ୍ୟ ନିରବଚ୍ଛିନ୍ନ ରହିଛି । ବୈଠକରେ ଯେଉଁ ପର୍ଯ୍ୟନ୍ତ ବନ୍ୟା ଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇ ମାଟି ଶୁଖିଲା ନ ହୋଇଛି, ସେ ପର୍ଯ୍ୟନ୍ତ ସମସ୍ତ ରିଲିଫ କେନ୍ଦ୍ରରେ ସେବା ପ୍ରଦାନ କରି ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବନ୍ୟା ଜଳ ଛାଡ଼ିବା ପରେ ବିଭିନ୍ନ ରୋଗ ସଂକ୍ରମଣ ତଥା ସାପକାମୁଡା ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଥିବାରୁ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି । ବନ୍ୟା ଜଳ ଛାଡ଼ିବା ମାତ୍ରକେ ଯୁଦ୍ଧକାଳୀନ ଭିତିରେ ପାନୀୟଜଳ ବିଭାଗ ଦ୍ୱାରା ସମସ୍ତ ନଳକୂପ ତଥା ଅନ୍ୟାନ୍ୟ ପାନୀୟ ଜଳ ଉତ୍ସ ଗୁଡ଼ିକୁ ବିଶୋଧନ କରାଯିବା ସହ ଆବଶ୍ୟକ ମରାମତି କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପାଣିଘେରରେ ଥିବା ପ୍ରଭାବିତ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି ।

# ଅଚ୍ୟୁତ ସାମନ୍ତଙ୍କୁ ୭୫ତମ ଡକ୍ଟରେଟ୍

**ଭୁବନେଶ୍ୱର,୪।୮ (ମହାଭାରତ):** ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ବିକାନେରସ୍ଥିତ ରାଜ୍ୟର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ ଦିଗରେ ଅଚ୍ୟୁତ ସାମନ୍ତଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ଜଣାଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୭୫ତମ ସମ୍ମାନସୂଚକ ଡକ୍ଟରେଟ୍। ଏମ୍‌ଜିଏସ୍‌ୟୁ କୁଳାଧିପତି ତଥା



ମହାରାଜା ଗଙ୍ଗା ସିଂହ ବିଶ୍ୱବିଦ୍ୟାଳୟ (ଏମ୍‌ଜିଏସ୍‌ୟୁ) ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଆଜି ଜୟପୁର ରାଜଭବନ (ଲୋକ ଭବନ)ରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାବର୍ତ୍ତନ ସମାରୋହରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷା ମାଧ୍ୟମରେ ସମାଜର ବିକାଶ ଓ କଲ୍ୟାଣ ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗଡେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରେମ ଚାନ୍ଦ ବୈରୱା, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମନୋଜ ଦୀକ୍ଷିତ, କୁଳସଚିବ ପ୍ରଫେସର ଯଶପାଲ ଆହୁଜାଙ୍କ ସମେତ ରଜ୍ୟର ବହୁ ମନ୍ତ୍ରୀ, ବିଧାୟକ ତଥା ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର,୪।୮ (ମହାଭାରତ):** ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ 'କୃତ୍ରିମ ବୁଦ୍ଧିମତା (ଏଆଇ) ଉପରେ ଦକ୍ଷତା ବିକାଶ' କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି।

କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ. ବି ରାଉତ, ଆଇଆଇଟି ମାଡ୍ରାସର ଶିକ୍ଷାବିତ୍ ଏସ. ନିଥି, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଧରଣୀଧର ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ଉପଯୋଗ, କୃତ୍ରିମ ବୁଦ୍ଧିମତା ଉପରେ ଉଚ୍ଚକୋଟୀର ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଶିକ୍ଷାବିତ୍,ଗବେଷକ, ପ୍ରଶାସନିକ ଅଧିକାରୀମାନେ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଯେପରି ଦକ୍ଷ ହୋଇପାରିବେ ଏବଂ ଏହାର ସଠିକ କାର୍ଯ୍ୟାନ୍ୱୟନ କରିପାରିବେ, ସେ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

କର୍ମଶାଳାର ପ୍ରଥମ ଦିନରେ କୃତ୍ରିମ ବୁଦ୍ଧିମତାର ବେସିକ୍ କନସେପ୍ଟ, ଶିକ୍ଷା ଓ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗିତା ଏବଂ ବିଭିନ୍ନ ଫ୍ରି ଏଆଇ ମୋବାଇଲ ଆପ୍ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅବଗତ କରାଇବା ସହ ଏଆଇର ସଠିକ କାର୍ଯ୍ୟାନ୍ୱୟନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ 'କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ କର୍ମଶାଳା' ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବ।

# ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷା କ୍ଷେତ୍ର ବୈଠକମାଳା

**ଭୁବନେଶ୍ୱର,୪।୮ (ମହାଭାରତ):** ଆସନ୍ତା ଅଗଷ୍ଟ ୫ରୁ ୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଶିକ୍ଷାକ୍ଷେତ୍ର ବୈଠକମାଳା( ବ୍ରିକ୍ସ ଇଣ୍ଡିଆ ଚେୟାରସିପ୍ ଏଜୁକେସନ ଟ୍ରାକ୍ ମିଟିଙ୍ଗ୍) ଅନୁଷ୍ଠିତ ହେବ । ଏହି ଆନ୍ତର୍ଜାତୀୟସ୍ତରୀୟ ବୈଠକର ସୁପରିଚାଳନା ଓ ସଫଳ ଆୟୋଜନ ନେଇମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୧ଟି ବ୍ରିକ୍ସ ସଦସ୍ୟ ଦେଶର ୮ ଜଣ ଶିକ୍ଷାମନ୍ତ୍ରୀଙ୍କ ସହ ୪୦ ଜଣ ବରିଷ୍ଠ ପଦାଧିକାରୀ, ଭାରତ ସରକାରଙ୍କ ପଦାଧିକାର ଓ ଅନ୍ୟ ଅତିଥିମାନଙ୍କୁ ମିଶାଇ ମୋଟ ୨୦୦ ରୁ ଅଧିକ ପ୍ରତିନିଧିଅଂଶଗ୍ରହଣ କରିବେ। ଅଗଷ୍ଟ ୫ ତାରିଖରେ ଏଠାରେ 'ବ୍ରିକ୍ସ ଶିକ୍ଷା ବରିଷ୍ଠ ଅଧିକାରୀଙ୍କ ତୃତୀୟ ବୈଠକ' ଅନୁଷ୍ଠିତ ହେବ। ଅଗଷ୍ଟ ୬ ତାରିଖରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରସମୂହର ଶିକ୍ଷା ମନ୍ତ୍ରୀବୃନ୍ଦ ଓ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନା କରିବେ। ୭ ତାରିଖରେ' ବ୍ରିକ୍ସ ଶିକ୍ଷା ମନ୍ତ୍ରୀଙ୍କ ୧୩ତମବୈଠକ' ଅନୁଷ୍ଠିତ ହେବ।ଏହି ପରିପ୍ରେକ୍ଷୀରେ ପଦାଧିକାରୀମାନେ ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବ୍ରିକ୍ସ-ଭାରତ ଅଧ୍ୟକ୍ଷତାର ଥିମ୍ ରହିଛି- ଜନକୈନ୍ଦ୍ରିକ ଏବଂ ମାନବ-



କଲ୍ୟାଣ ପ୍ରାଥମିକତା ଦୃଷ୍ଟିଭଙ୍ଗୀକୁ ଆଧାର କରି ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସହନଶୀଳତା, ନବସୃଜନ, ପାରସ୍ପରିକ ସହଯୋଗ ଓ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବା । ବୈଠକରେ ବ୍ରିକ୍ସ ଶିକ୍ଷା କ୍ଷେତ୍ରର ଅଗ୍ରାଧିକାର ପ୍ରସଙ୍ଗଗୁଡ଼ିକ ମଧ୍ୟରେ ରହିଛି ପ୍ରାରମ୍ଭିକ ଶୈଶବ କାଳରେ ଯତ୍ନ ଓ ଶିକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା, ବ୍ରିକ୍ସ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଏବଂ ପ୍ରଶିକ୍ଷଣ (ଟିଭିଇଟି) ସହଯୋଗ ମେଂଟ ( ଟିସିଏ) ଅଧୀନରେ ଦକ୍ଷତା ବିକାଶ ଏବଂ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବା, ସହଭାଗୀ ଗବେଷଣା, ନବସୃଜନ ଏବଂ ଷ୍ଟାର୍ଟ ଅପ୍ ଗୁଡିକୁ ପ୍ରୋତ୍ସାହନ, ଯୋଗ୍ୟତାର ପାରସ୍ପରିକ ସ୍ୱୀକୃତି(ଏମଆରକ୍ୟୁ)କୁ ଗୁରୁତ୍ୱ ଏବଂ ଶୈକ୍ଷିକ ନେତୃତ୍ୱ ପାଇଁ ଦକ୍ଷତା ବୃଦ୍ଧି କରିବା। ବୈଠକରେ ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡଃ. କେ.ଏମ୍. ପ୍ରଫୁଲ୍ଲଚନ୍ଦ୍ର ଶର୍ମା ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ଏବଂ ଓଡ଼ିଶା ସରକାରଙ୍କ ସହଯୋଗ ନେଇ ଆଲୋଚନା କରିଥିଲେ । ବିଭିନ୍ନ ଦେଶର ପ୍ରତିନିଧିମାନେ ସୁବିଧାରେ ଭୁବନେଶ୍ୱର ବିମାନବନ୍ଦରରୁ ରହଣି ସ୍ଥଳରେ ପହଁଚିବା, ପ୍ରୋଟୋକଲ, ସୁରକ୍ଷା,ପରିବହନ,ଯୋଗାଯୋଗ ଅଧିକାରୀ ନିୟୋଜନ ଏବଂ ଦୂତାବାସ ସହ ସମନ୍ୱୟ ଆଦି ବିଷୟରେ ବୈଠକରେ ଆଲୋକପାତ କରାଯାଇଥିଲା ।ଏହାସହ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରତିନିଧିମାନଙ୍କ ପାଇଁ ସ୍ଥାନୀୟ ଦର୍ଶନୀୟ ସ୍ଥାନ ପରିଦର୍ଶନ, ଚିକିତ୍ସା ସୁବିଧା, ଆମ୍ବୁଲାନ୍ସ ବ୍ୟବସ୍ଥା, ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଆଲୋଚନା ହୋଇଥିଲା ।ମୁଖ୍ୟ ଶାସନ ସଚିବ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତପ୍ରକାର ଆନୁଷଙ୍ଗିକ ସହଯୋଗ ରହିବ ବୋଲି ପ୍ରକାଶ କରିସମ୍ପୃକ୍ତ ସମସ୍ତ ବିଭାଗୀୟ ସଚିବ ଏବଂ ପଦାଧିକାରୀମାନଙ୍କୁ ପାରସ୍ପରିକ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସଂପାଦନ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂହ, ଉଚ୍ଚ ଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା

# ମିଡିଆନ ଗୁଡିକର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ

**ଭୁବନେଶ୍ୱର,୪।୮ (ମହାଭାରତ):** ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ସୁନ୍ଦର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି)ପକ୍ଷରୁ ଉଦ୍ୟମ ଜାରି ରହିଛି । ଏହି କ୍ରମରେ ସହରର ପ୍ରମୁଖ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ସ୍ଥାନ (ମିଡିଆନ)ଗୁଡିକର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କରାଯାଉଛି । ପୂର୍ବରୁ ଥିବା ପୁଷ୍ପବୃକ୍ଷଗୁଡିକୁ କଟିଂ କରିବା ସହ ମିଡିଆନରେ ନୂତନ ଫୁଲ ଗଛ ଲଗାଯାଉଛି । ବିଭିନ୍ନ ୱାର୍ଡରେ ଏହି କାର୍ଯ୍ୟ ଜାରି ରହିଛି । ପରିବେଶ ଉପବିଭାଗ ଅଧିକାରୀମାନେ ନିୟମିତ ବିଭିନ୍ନ ଅଂଚଳ ବୁଲି କାର୍ଯ୍ୟ ଅଗ୍ରଗତି ତଦାରଖ କରୁଛନ୍ତି । ଏହି ମିଡିଆନର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଙ୍କୁ ଦିଆଯାଇଛି । ସେମାନେ ତାଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ବିନିଯୋଗ କରି ବିଭିନ୍ନ ପ୍ୟାଚର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରୁଛନ୍ତି । ବିଏମ୍ ସି ପରିବେଶ ଉପବିଭାଗ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଥିବା ବେଳେ ବିଭିନ୍ନ ସମୟରେ ଡେପୁଟି



କମିଶନର, ଅତିରିକ୍ତ କମିଶନର ଏପରିକି ଖୋଦ୍ କମିଶନର ଓ ମେୟର ମଧ୍ୟ କ୍ଷେତ୍ର ପରିଦର୍ଶନ ସହ କାର୍ଯ୍ୟ ତଦାରଖ କରୁଛନ୍ତି। ଏସ୍‌ଏମ୍‌ଏସ୍ ଗ୍ରୁପ ଅନୁଦାନରେ ସ୍ୱେଚ୍ଛାସେବୀ ସଂଗଠନ 'ଭାଷା' ଦ୍ୱାରା ବିଭିନ୍ନ ଅଣ୍ଡରପାଶର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କରାଯାଉଅଛି । ଏହି ସଂଗଠନ ଏବେ ଫାୟାରଷ୍ଟେସନ ଅଣ୍ଡରପାଶ୍, ସିଆରପିଏଫ, ବାଣିବିହାର, ରସୁଲଗଡ, ଖଣ୍ଡଗିରି, ଆଚାର୍ଯ୍ୟ ବିହାର, ଏଜି ଛକରୁ କଳ୍ପନା ଛକ ପର୍ଯ୍ୟନ୍ତ ଅଣ୍ଡରପାଶର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରୁଅଛି ।

ଏହା ବ୍ୟତିତ ଶିଶୁଭବନଛକଠାରୁ କ୍ୟାପିଟାଲ ହସ୍ପିଟାଲ ଏବଂ ନ୍ୟୁ ଏୟାରପୋର୍ଟରୁ ନବୀନ ନିବାସ-ପଳାଶପଲ୍ଲୀ ରାସ୍ତା ମିଡିଆନର ରକ୍ଷଣାବେକ୍ଷଣ ଦାୟିତ୍ୱ ଏମ୍ ଜି ଏମ୍ ଗ୍ରୁପ ନେଇଥିବା ବେଳେ ଏଜି ଛକରୁ ରାଜଭବନ, ଶିଶୁ ଭବନରୁ ନ୍ୟୁ ଏୟାରପୋର୍ଟ ଛକ, ରାଜମହଲ ଫ୍ଲାଏ ଓଭର ଛକରୁ କଳ୍ପନା ଛକ ମିଡିଆନର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ନେଇଛି ଏସ୍ ଏନ୍ ଏମ୍ ଗ୍ରୁପ । ସେହିପରି ଜୟଦେବ ବିହାର ଛକରୁ କଳିଙ୍ଗ ହସ୍ପିଟାଲ ଛକ ପର୍ଯ୍ୟନ୍ତ ମିଡିଆନର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଏବଂ ଜୟଦେବ ବିହାର ଜଙ୍କସନର ଉଭୟ ରାସ୍ତାପାର୍ଶ୍ୱ ସୌନ୍ଦର୍ଯ୍ୟ କରଣ ଦାୟିତ୍ୱ ନେଇଛି ନାଲକୋ । ନାଲକୋ ତାର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିର ବିନିଯୋଗରେ ଏହି ମିଡିଆନ କାର୍ଯ୍ୟ କରୁଅଛି । କାର୍ଯ୍ୟ ଜାରି ରହିଥିବା ସମସ୍ତ ଅଣ୍ଡରପାଶ୍ ଏବଂ ସମସ୍ତ ମିଡିଆନର ଆର୍ଥିକ ବୋଝ ମଧ୍ୟ ବିଏମ୍ ସି ଉପରେ ପଡୁନାହିଁ । ଏସ୍‌ଏମ୍‌ଏସ୍, ଏମ୍ ଜି ଏମ୍, ଏସ୍ ଏନ୍ ଏମ୍ ଓ ନାଲକୋ ସେମାନଙ୍କର ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ଏହି ସବୁ ବ୍ୟୟଭାର ବହନ କରୁଛନ୍ତି। ସେହିପରି ଭୁବନେଶ୍ୱରର ପ୍ରମୁଖ ରାସ୍ତାଗୁଡିକରେ ଥିବା ୩୯ଟି ମିଡିଆନର ୪୫.୧୧ କିଲୋମିଟରରୁ ଅଧିକ ରାସ୍ତାର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ନେଇଛି ବିଭିଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ।

# ସହରୀ ଯନ୍ତ୍ରୀ ଓ ପ୍ଲାନରଙ୍କ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୪।୮ (ମହାଭାରତ):** ଓଡ଼ିଶା ଅର୍ବନ୍ ଆକାଡେମୀଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟର ୨୫ଟି ପୌରାଂଚଳର ପ୍ରାୟ ୬୦ ଜଣ ସିଟି ଇଞ୍ଜିନିୟର, ଟାଉନ୍ ପ୍ଲାନର ଏବଂ କନ୍‌ସଲଟାଂଟଙ୍କ ପାଇଁ ଏକ ଦୁଇଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ ସହରୀ ଭିତିଭୂମି ପ୍ରକଳ୍ପଗୁଡ଼ିକର ଯୋଜନା, କାର୍ଯ୍ୟାନ୍ୱୟନ ଏବଂ ଅନୁଧ୍ୟାନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା, ବୈଷୟିକ ଦକ୍ଷତା ବୃଦ୍ଧି ଏବଂ ଜ୍ଞାନର ଆଦାନପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଯୋଜନା, ଇଞ୍ଜିନିୟରିଂର ଶ୍ରେଷ୍ଠ କାର୍ଯ୍ୟପନ୍ଥା, ଗୁଣବତା ନିଶ୍ଚିତକରଣ, ଚୁକ୍ତିନାମା ପରିଚାଳନା, ପ୍ରକଳ୍ପ ଅନୁଧ୍ୟାନ ଏବଂ ସମୟସୀମା ମଧ୍ୟରେ ସହରୀ ଭିତିଭୂମି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସମ୍ପର୍କରେ ବୈଷୟିକ ଆଲୋଚନାଚକ୍ର ସାମିଲ ରହିଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏମଏସବିୱାଇ ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୨୫ଟି ପୌରାଂଚଳର ଆଧିକାରିକମାନେ ଚାଲୁରହିଥିବା କାର୍ଯ୍ୟର ଭୌତିକ ଓ ଆର୍ଥିକ ଅଗ୍ରଗତି, ସଫଳତା, କାର୍ଯ୍ୟକାରୀ କରିବାରେ ଆସୁଥିବା ଆହ୍ୱାନ ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ସମୟସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ ।ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରି ଶ୍ରୀମତୀ ପାଢ଼ୀ କାର୍ଯ୍ୟାନ୍ୱୟନରେ ଥିବା ସମସ୍ୟାଗୁଡ଼ିକୁ ଦୂର କରିବା, ପ୍ରକଳ୍ପ ଅନୁଧ୍ୟାନକୁ କଡ଼ାକଡ଼ି କରିବା, ଆନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରିବା ଏବଂ ଗୁଣାତ୍ମକ ମାନ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ଶେଷ କରିବା ପାଇଁ କ୍ଷେତ୍ରସ୍ତରୀୟ ସମସ୍ୟାଗୁଡ଼ିକର ସମୟବଦ୍ଧ ସମାଧାନ କରିବାକୁ ସେ ପୌରାଂଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

# କାନପୁର ଡ୍ୟାମରେ କୌଣସି ପ୍ରକାରର ଫାଟ ନାହିଁ

**ଭୁବନେଶ୍ୱର,୪।୮ (ମହାଭାରତ):** କାନପୁର ଡ୍ୟାମ୍‌ରେ ଫାଟ ବା ଗଠନମୂଳକ ତ୍ରୁଟି ଦେଖାଦେଇଥିବା ନେଇ କିଛି ବୈଦ୍ୟୁତିକ ଗଣମାଧ୍ୟମ ଏବଂ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ବିଭ୍ରାନ୍ତିକର ତଥା ଅସତ୍ୟ ଖବର ଉପରେ ଜଳ ସମ୍ପଦ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇଛି। ଜଳ ସମ୍ପଦ ଓ ଜିଲ୍ଲା ପ୍ରଶାସନ ସ୍ପଷ୍ଟ ଭାବେ ଜଣାଇଛି ଯେ, କାନପୁର ଡ୍ୟାମ୍ ରେ କୌଣସି ପ୍ରକାରର ଫାଟ ବା ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରସାରିତ ହେଉଥିବା ଏହି ଖବର ସମ୍ପୂର୍ଣ୍ଣ ଭିତିହୀନ ଏବଂ ଏହା ଜନସାଧାରଣଙ୍କ ମଧ୍ୟରେ ବୃଥା ଆତଙ୍କ ସୃଷ୍ଟି କରିବାର ସମ୍ଭାବନା ରହିଛି। ସାମ୍ପ୍ରତିକ ବର୍ଷା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବା ଫଳରେ ଏକ ଅସ୍ଥାୟୀ କଫରଡ୍ୟାମ୍ ଉପର ଦେଇ ଜଳ ପ୍ରବାହିତ ହେଉଛି। ଏହି କଫରଡ୍ୟାମ୍ ଟି ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମୁଖ୍ୟ ଡ୍ୟାମ୍ ଭିତରେ ତିଆରି କରାଯାଇଥିବା ଏକ ଅସ୍ଥାୟୀ ସହାୟକ ଢାଂଚା। ଏହା ମୁଖ୍ୟ ଡ୍ୟାମ୍ ର ଅଂଶ ବିଶେଷ ନୁହେଁ। ତେଣୁ ଏହି ଅସ୍ଥାୟୀ ବ୍ୟବସ୍ଥା ଉପର ଦେଇ ଜଳ ପ୍ରବାହିତ ହେବା ଦ୍ୱାରା ଜୀବନ, ସମ୍ପତି କିମ୍ବା କାନପୁର ଡ୍ୟାମ୍ ର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ। ଜୁଲାଇ ୩୦ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୪୩୨.୯୫ ମିଟର ରହିଛି, ଯାହା ଡ୍ୟାମ୍ ର ସର୍ବୋଚ୍ଚ ସ୍ତର (୪୨୮.୦୦ ମିଟର) ଠାରୁ ଅଧିକ ହେଲେ ମଧ୍ୟ ମୁଖ୍ୟ ଜଳଭଣ୍ଡାରର ସର୍ବୋଚ୍ଚ ଜଳସ୍ତର ୪୪୦.୦୦ ମିଟର ଠାରୁ ଯଥେଷ୍ଟ କମ୍ ଅଛି। ବର୍ତ୍ତମାନ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୬୪୮.୪୮୨ କ୍ୟୁମେକ୍ ଜଳ ପ୍ରବେଶ କରୁଥିବା ବେଳେ ୧,୦୪୦ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି। ପ୍ରବେଶ ଅପେକ୍ଷା ଜଳ ନିଷ୍କାସନ ଅଧିକ ପରିମାଣରେ ହେଉଥିବାରୁ ଜଳସ୍ତର ଧୀରେ ଧୀରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ନିଷ୍କାସିତ ଜଳ କେବଳ ପ୍ରାକୃତିକ ନଦୀ ଶଯ୍ୟା ମଧ୍ୟରେ ସୀମିତ ରହିବ ଏବଂ ଏହା ଦ୍ୱାରା କୌଣସି ଗ୍ରାମ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଏହି ଜଳ ପ୍ରବାହ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, କେନ୍ଦୁଝର ସଦର ଏବଂ ପାଟଣା ଦେଇ ଗତି କରିବ ଏବଂ ଜୁଲାଇ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୫:୦୦ ଘଂଟା ସମୟରେ ଆନନ୍ଦପୁର ବ୍ୟାରେଜ୍ ରେ ପହଂଚିବ ବୋଲି ଅନୁମାନ କରାଯାଉଛି।

# ସମ୍ ପକ୍ଷରୁ ଭୁବନେଶ୍ୱର କୋର୍ଟ ପରିସରରେ ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୪।୮ (ମହାଭାରତ):** ସମାଜର ହିତ ସାଧନକୁ ଦୃଷ୍ଟିରେ ରଖି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍, କ୍ୟାମ୍ପସ -୧ ପକ୍ଷରୁ ଭୁବନେଶ୍ୱର କୋର୍ଟ ପରିସରରେ ଗୁରୁବାର ଏକ ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଆଇଏମ୍‌ଏସ ଆଣ୍ଡ ସମ ହସ୍ପିଟାଲ୍ ଓ ଭୁବନେଶ୍ୱର ବାର୍ ଆସୋସିଏସନ୍ ୱେଲଫେୟାର ଟ୍ରଷ୍ଟର ମିଳିତ ସହଯୋଗରେ ଆଇନଜୀବି ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏହି ବିଶାଳ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ବାର ଆସୋସିଏସନ୍‌ର ପ୍ରାୟ ୧୦୦୦ ସଦସ୍ୟ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି ବୋଲି ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ସୂର୍ଯ୍ୟ ନାରାୟଣ ଦାସ ସୂଚନା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ଶିବିର ନିମନ୍ତେ ଶ୍ରୀ ଦାସ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ଦାସ କହିଥିଲେ ଯେ ଆଇନଜୀବି ମାନେ କାର୍ଯ୍ୟବ୍ୟସ୍ତତା




ଯୋଗୁଁ ଅନେକ ଚାପରେ ରହୁଛନ୍ତି ତେଣୁ ସେମାନଙ୍କର ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାର ଆବଶ୍ୟକତା ରହିଛି। ଏହି ଅବସରରେ ଭୁବନେଶ୍ୱର ବାର୍ ଆସୋସିଏସନ୍ ୱେଲଫେୟାର ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ମାନସ ମହାପାତ୍ର ଓ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସମ୍ପାଦକ ଶ୍ରୀ ସୁମନ୍ ରାଉତରାୟ ଉପସ୍ଥିତ ରହି ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ୍-୧ର ଭେଷଜ, ଅସ୍ଥିମଜ୍ଜା, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ, ଦନ୍ତ ଓ ଚର୍ମ ବିଭାଗର ୩୦ ଜଣ ଡାକ୍ତର ଯୋଗ ଦେଇ ଆଇନଜୀବିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ

ଗତ ବର୍ଷ ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ହେବା ଘଟଣାର ପର୍ଦ୍ଦାଫାସ ହେବା ପରେ ଏହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ଏହି ପ୍ରଶ୍ନପତ୍ର ଲିକ ଘଟଣାରେ ବୋର୍ଡର ଉପସଭାପତି ଗିରଫ ହୋଇ ଜେଲ ଗଲେ। ସେମାନେ ଶିକ୍ଷକ ପଦବାଚ୍ୟ ନୁହଁନ୍ତି। ସେଥିପାଇଁ ସେମାନେ ଶିକ୍ଷକ ନେତା ହୋଇଛନ୍ତି। ଯିଏ ବାସ୍ତବରେ ନିଷ୍ଠାପର ଶିକ୍ଷକ ତାଙ୍କର ନେତା ହେବାକୁ ସମୟ ନଥାଏ। ଏଭଳି ବ୍ୟକ୍ତି ଶିକ୍ଷକତା କଲେ ରାଜ୍ୟରେ ଶିକ୍ଷାର ମାନ କ'ଣ ହୋଇପାରେ ତାହା ସହଜରେ ଅନୁମେୟ। କହିବା ବାହୁଲ୍ୟ ଯେ, ରାଜ୍ୟରେ ସାକ୍ଷରତା ହାର ବଢ଼ିଛି। ହଜାର ହଜାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଗଳି ଗଳିରେ ଇଞ୍ଜିନିୟରିଂ କଲେଜ ଖୋଲାଣି। ମେଡିକାଲ କଲେଜ ସଂଖ୍ୟା ବି ବଢୁଛି। ଅନେକ ବୈଷୟିକ ଶିକ୍ଷା ବା ତାଲିମ ଗ୍ରହଣ କରୁଛନ୍ତି। ମାଟ୍ରିକ ବା ଯୁକ୍ତ ଦୁଇ ପରୀକ୍ଷାରେ ବହୁ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଉଛନ୍ତି। ପ୍ରତି ବର୍ଷ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଶହ ଶହ ଛାତ୍ର ପିଏଚଡି ହାସଲ କରୁଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ଏବଂ ରାଜ୍ୟରେ ଶିକ୍ଷାର ପ୍ରସାରକୁ ପ୍ରମାଣିତ କରୁଛି। କିନ୍ତୁ ପ୍ରକୃତ ଶିକ୍ଷାବିତ ଏବଂ ଶିକ୍ଷାପ୍ରେମୀମାନେ ଏଥିରେ ସନ୍ତୁଷ୍ଟ ନାହାଁନ୍ତି। ସେମାନଙ୍କ ମତରେ ଶିକ୍ଷାର ପ୍ରସାର ବଡ଼ କଥା ନୁହେଁ, ବଡ଼ କଥା ହେଲା ଶିକ୍ଷାର ମାନ ବୃଦ୍ଧି। ଶିକ୍ଷାର ମାନ ବୃଦ୍ଧି ନହେଲେ ଖାଲି ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିବ ସିନା ହେଲେ ଶିକ୍ଷିତଙ୍କ ସଂଖ୍ୟା ସୀମିତ ରହିବ। ପୂର୍ବରୁ ମାଟ୍ରିକରେ ୬୦ ପ୍ରତିଶତ ନମ୍ବର ରଖି ପାସ କଲେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ବୁଦ୍ଧିମାନ ଏବଂ ମେଧାବୀ ଛାତ୍ର ଭାବେ ବିବେଚନା କରାଯାଉଥିଲା। କିନ୍ତୁ ଏବେ ମାଟ୍ରିକରେ ୮୦ ପ୍ରତିଶତ ମାର୍କ ରଖିଥିବା ଛାତ୍ର ପାଠ ପଚାରିଲେ ଥଙ୍ଗଉଛି। କାରଣ ସାର୍ଟିଫିକେଟ ବା ମାର୍କ ସିଟ କେବଳ ଏକ କାଗଜ ଟୁକୁରାରେ ପରିଣତ ହୋଇଛି। ଏହା ମୂଲ୍ୟହୀନ ହୋଇଯାଇଛି। ଜଣେ କେତେ ମେଧାବୀ ତାହା ତାଙ୍କ ମାର୍କ ସିଟରୁ ଜଣାପଡୁନି। ପୂର୍ବରୁ ସ୍କୁଲ ସ୍ତରରେ ଶିକ୍ଷାଦାନ ଅତି ଉନ୍ନତ ମାନର ଥିଲା। ଯୋଗ୍ୟ ଏବଂ ନିଷ୍ଠାପର ଶିକ୍ଷକଙ୍କ ପାଇଁ ଏହା ସମ୍ଭବ ହେଉଥିଲା। ଶିକ୍ଷକମାନେ ନିଜ ପ୍ରତିଭା ଏବଂ ସାଧନା ବଳରେ ମେଧାବୀ ଛାତ୍ରଙ୍କୁ ସୃଷ୍ଟି କରୁଥିଲେ। କିନ୍ତୁ ଏବେ ସେପରି ଶିକ୍ଷକଙ୍କ ସଂଖ୍ୟା ସୀମିତ। କାଁ ଭାଁ ଖୋଜିଲେ ଜଣେ ଉତ୍ସର୍ଗୀକୃତ ଶିକ୍ଷକ ମିଳିବେ। ଆଜିକାଲିର ଅଭିଭାବକମାନେ ସରକାରୀ ସ୍କୁଲ ପରିବର୍ତ୍ତେ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ନିଜ ପିଲାଙ୍କୁ ପଢାଇବାକୁ ଚାହୁଁଛନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ସତ୍ତ୍ୱେ ସେମାନେ ଏଥିପାଇଁ ସବୁ କିଛି ବାଜି ଲଗାଇ ଦେଉଛନ୍ତି। ସରକାରୀ ସ୍କୁଲରେ କେବଳ ବସ୍ତି ଅଞ୍ଚଳର ପିଲା ପାଠ ପଢୁଛନ୍ତି। କିଛି ଭଲ ପରିବାର ବା ଶିକ୍ଷିତ ପରିବାରର ପିଲା ଘରୋଇ ସରସ୍ୱତୀ ଶିଶୁ ମନ୍ଦିର ବା ସେହିପରି ଅନ୍ୟ ସ୍କୁଲରେ ପାଠ ପଢୁଛନ୍ତି। ସରକାରୀ ସ୍କୁଲକୁ ପଠାଇବା ପାଇଁ ଅଭିଭାବକ ପ୍ରସ୍ତୁତ ନାହାଁନ୍ତି। କାରଣ ସରକାରୀ ସ୍କୁଲରେ ଭଲ ପାଠ ପଢ଼ାଯାଉନି ବା ପ୍ରତିଯୋଗିତାର ସ୍ତର ଉନ୍ନତ ନୁହେଁ। ସରକାରୀ ଓଡ଼ିଆ ମାଧ୍ୟମ ସ୍କୁଲରେ ପଢ଼ିଲେ ଇଂରାଜୀ ଜ୍ଞାନ କମିଯିବ। ତେଣୁ ପିଲାର ଭବିଷ୍ୟତ ନଷ୍ଟ ହୋଇଯିବ। ଏହା ଅନେକାଂଶରେ ସତ। କିନ୍ତୁ ଏଥିପାଇଁ କେବଳ ସରକାର ନହେଁ, ଆମେ ଦାୟୀ। ଶିକ୍ଷାର ମାନ ଧିରେ ଧିରେ ହ୍ରାସ ପାଉଥିବା ବେଳେ ଆମେ ଏହାକୁ ନିରବରେ ବରଦାସ୍ତ କଲୁ। ନୂଆ ଶିକ୍ଷା ବ୍ୟବସ୍ଥାରେ ଇଂରାଜୀ ଶିକ୍ଷାକୁ ଗୁରୁତ୍ୱ ଦିଆଗଲା ନାହିଁ। ସ୍କୁଲରେ ପିଲାଙ୍କୁ ଦଣ୍ଡ ଦିଆଗଲା ନାହିଁ। ଏହାର ପରିଣାମ ଆଜି ଆମକୁ ଭୋଗିବାକୁ ପଡୁଛି। କେବଳ ସେତିକି ନୁହେଁ, ସରକାର ଶିକ୍ଷକ ନିଯୁକ୍ତି ବେଳେ ମଧ୍ୟ ଅନେକ ତ୍ରୁଟି କରୁଛନ୍ତି। ସବୁ ଶିକ୍ଷକଙ୍କୁ ସମାନ ଦୃଷ୍ଟିରେ ଦେଖାଯାଉନି। ଶିକ୍ଷକ ନିଯୁକ୍ତି ଚୟନ ବେଳେ ଦକ୍ଷତାକୁ ଗୁରୁତ୍ୱ ଦିଆଯାଉନି। ଦୁର୍ନୀତିପୂର୍ଣ୍ଣ ଉପାୟରେ ଶିକ୍ଷକ ନିଯୁକ୍ତି ଦିଆଯାଉଛି। ଶିକ୍ଷକମାନେ ଉପଯୁକ୍ତ ତାଲିମ ପାଉ ନାହାଁନ୍ତି।

# ବାସ୍ତବ ସତ୍ୟର ଅନୁସନ୍ଧାନ

॥ ପଙ୍କଜ କୁମାର ପାଣିଗ୍ରାହୀ ॥

“ ସତ୍‌ଜ୍ଞାନ ପାଇ ସତ୍ୟମାର୍ଗରେ ପରିଚାଳିତ ହେବା ଦ୍ୱାରା ମଣିଷ ନିଜ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ପାରିବ ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପରେ ନିଜକୁ ସାତ୍‌ମାର୍ଗରେ ପରିଚାଳିତ କରି ବାସ୍ତବ ସୁଖକୁ ଅନୁଭବ କରିପାରିବ। ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ ଆଜିର ଏହି ମିଥ୍ୟାଭରା ସମାଜରେ କେବଳ ମିଥ୍ୟା କୁହେଳିକା, ପ୍ରହେଳିକା ଗୁଡିକ ହିଁ ସର୍ବ ଶେଷ ବୋଲି ବିଚାରି ନିଜକୁ ଜାଳି ଜାଳି ଜୀବନ ଶେଷ କରିବାକୁ ହେବ ଯାହା ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି।

ବାସ୍ତବ ସତ୍ୟର ଅନୁସନ୍ଧାନ- ପଂଚମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ଭାବନା ଓ ସ୍ମରଣ ଶକ୍ତି ବୃଦ୍ଧି ହୁଏ କେମିତି ? ମଣିଷ ଜୀବନର ମହତ୍ୱ କ'ଣ ଓ ତାର ପ୍ରାକୃତିକ ସ୍ୱାଦ ଅନୁଭବ କରି ସେଗୁଡିକୁ ଚରିତାର୍ଥ କରିବାକୁ ଆମକୁ କ'ଣ ସବୁ କରିବାକୁ ହେବ ?

ଧୈର୍ଯ୍ୟ ଓ ସହନଶୀଳତା ମଣିଷକୁ ଭାବୁକତାର ରାସ୍ତା ଦେଖାଇ ଥାଏ ! ନିରୀକ୍ଷଣ, ଏକାଗ୍ରତା ଓ ଧାନ ଏହି ତିନୋଟି ଅସ୍ତ୍ର ସାହାଯ୍ୟରେ ନିଜର ସ୍ମରଣ ଶକ୍ତି ବୃଦ୍ଧି କରାଯାଇ ପାରିବ । ଧର୍ଯ୍ୟର ସୀମାରେଖା ତଥା ସହନଶୀଳତାର ମାପକାଠି ମଧ୍ୟରେ ରହି ମଣିଷ ସବୁ କଥାକୁ ବିଶ୍ଳେଷଣାତ୍ମକ ମାର୍ଗରେ ନିଜର ଚେତନାକୁ ପରିଚାଳିତ କରିବା ଦ୍ୱାରା ସତ୍ୟ ଅସତ୍ୟର ଗନ୍ଧ ବାରିବାରେ ସମର୍ଥ ହୋଇଥାଏ । ସ୍ମରଣିକା ସାହାଯ୍ୟରେ କୌଣସି ବିଷୟର ସଂଯୋଜିତ ସତ୍ୟତା ଉପରେ ସମୀକ୍ଷା କରିବା ସହଜ ସମ୍ଭବ ହୋଇଥାଏ । ସାଧାରଣ ମଣିଷ ଏଗୁଡିକ ଉପରେ ଆଦୌ ଧାନ ଦେଇନଥାନ୍ତି । କାରଣ ଆଜି ଦିନରେ ଏଗୁଡିକର ଶିକ୍ଷା ଆମ ସମାଜରେ କୌଣସି ସ୍ଥାନରେ ମଧ ନାହିଁ !

ହେଲେ କ'ଣ କଲେ ଜଣେ ସାଧାରଣ ମଣିଷ ତାହା କରିପାରିବ ?

ପ୍ରଥମେ ପାରିପାର୍ଶ୍ୱିକ ପରିସ୍ଥିତି ଜନିତ ଅତ୍ୟଧିକ ଧନ, ମାନ ଓ କ୍ଷମତା ଅର୍ଜନର ଦୌଡ଼ରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ । ତାପରେ ସେଗୁଡିକ ଉପରେ ଉପଯୁକ୍ତ ଜ୍ଞାନ ଆହରଣର ପ୍ରକୃତ ମାର୍ଗ ଗୁଡିକୁ ଖୋଜି ବାହାର କରିବାକୁ ହେବ । ଏହି ବିଷୟ ଗୁଡିକ ଆଜି ଆମ ପରିବେଶରେ କୌଣସି ପୁସ୍ତକରେ ଉପଲବ୍ଧ ନୁହେଁ । ଏହା ପୂର୍ବ କାଳେ କେବଳ ଗୁରୁକୁଳ ଆଶ୍ରମରେ ଶିକ୍ଷା ଦିଆଯାଉଥିଲା ଯାହା ଆଜି କୌଣସି ଉତ୍ସରୁ ଆହରଣ କରିବା ବ୍ୟବସ୍ଥା ଆଉ ନାହିଁ । ନିଜେ ସେଗୁଡିକୁ ଅନୁସନ୍ଧାନ କରି ବାହାର କରିବାକୁ ହେବ । ଅନ୍ୟଥା ପ୍ରକୃତ ସମୀକ୍ଷକଙ୍କ ଠାରୁ ତାର ସତ୍ୟ ପଥ ଶିକ୍ଷା କରି ନିଜ ଜୀବନ ସହିତ ଯୋଡି ଆରମ୍ଭ କରିବାକୁ ହେବ ଚେତନା ଜ୍ଞାନ ସୃଷ୍ଟି କରିବା ପାଇଁ ସୁଯୋଗ । ଏଗୁଡିକ ଉତ୍ସାହର ସହିତ ଏକାଗ୍ର ଚିତ୍ତରେ କରିବା ଦ୍ୱାରା ମଣିଷର ବୁଦ୍ଧି ପ୍ରଖର ହୋଇଥାଏ । ହେଲେ ମଣିଷର ବୁଦ୍ଧି ପ୍ରଖର ହେବା ଦ୍ୱାରା ସେ ନିଜକୁ କିପରି ମଣିଷ ଭଳି ଗଢି ତୋଳି ପାରିବ ? ଏବଂ କ୍ଷିପ୍ର ବୁଦ୍ଧିକୁ ଚରିତାର୍ଥ କରି ମଣିଷ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ତାର ସୁଖ ଅନୁଭବ କରିବ କେମିତି ?

ସ୍ୱଚ୍ଛ ବୁଦ୍ଧି ସମ୍ପନ୍ନ ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଅନ୍ୟ କାହା ଉପରେ ନିର୍ଭର କରି ବଂଚୁଥାଏ ଯାହା ହୁଏତ ଆଜି ଶିକ୍ଷିତ, ଅଶିକ୍ଷିତ, ଧନୀ, ଗରିବ ନିର୍ବିଶେଷରେ ପ୍ରାୟତଃ ସମସ୍ତଙ୍କୁ ଗ୍ରାସ କରି ରଖିଛି ସମାଜରେ । କିଛି କ୍ରୁର ଚତୁର ସେମାନଙ୍କ ଅଜ୍ଞାନତାର ସୁଯୋଗ ନେଇ ପ୍ରାୟତଃ ସବୁ ସମୟରେ ଅନେକ ବିଭ୍ରାନ୍ତିକର, ମିଥ୍ୟା ତଥ୍ୟ ଆଧାରରେ ଶୋଷଣ, ପ୍ରତାରଣା କରି ରଖିଛନ୍ତି ସର୍ବସାଧାରଣଙ୍କୁ । ତେଣୁ ସବୁ ବର୍ଗର ମଣିଷ ଏକ ରକମ କୃତ୍ରିମ ଜୀବନ ଯାପନ କରୁଥିବା ବେଳେ ପ୍ରାକୃତିକ ସତ୍ୟ କ'ଣ ଆଦୌ ଜାଣି ପାରୁନାହାନ୍ତି । କ୍ରୁର ଚତୁର ଷଡ଼ଯାନ୍ତ୍ରିକ ଉପାୟରେ ଏମିତି ପ୍ରହେଳିକା ସବୁ ସୃଷ୍ଟି କରିଥାନ୍ତି ସମାଜରେ ଯାହା ଏକ ମିଛି ମିଛିକା ଆନନ୍ଦ ଓ ଉନ୍ନତିର ମାର୍ଗଦର୍ଶୀ ଭଳି ଅନୁଭବ ହୋଇଥାଏ ସାଧାରଣ ଲୋକଙ୍କୁ । ସେମାନଙ୍କ ମିଥ୍ୟା ଭରା ଓ ସ୍ୱପ୍ନିଳ ନଭଶ୍ଚୁମ୍ବୀ ପ୍ରହେଳିକା ଗୁଡିକୁ ଗ୍ରହଣ କରି କିଛି ପାଇଯାଇଥିବା କେତେକ ମଣିଷଙ୍କ ବ୍ୟାପକ ଅହଂଭାବ କାରଣରୁ ଜ୍ଞାନ ବୋଲି ଏକ ଶବ୍ଦ ଉଭାନ ପ୍ରାୟ ସମାଜରୁ ! ପୁନର୍ବାର ଜ୍ଞାନର କୃତ୍ରିମ ନକଲ, ଶିକ୍ଷାକୁ ହିଁ ସର୍ବ ଶ୍ରେଷ୍ଠ ଏବଂ ସର୍ବ ଶେଷ ବୋଲି ବିଚାରୁଥିବା ମଣିଷଙ୍କ ସଂଖ୍ୟା ଆଜି ୯୯ ଶତକଡା ରହିଛି ଯାହା, ସବୁ ମଣିଷଙ୍କୁ ସାଧାରଣରେ ସମ୍ପୂର୍ଣ୍ଣ ଅଜ୍ଞାନ କରି ରଖିଛି ଆଜି ସମୟରେ । ଜ୍ଞାନ ଏକ ପ୍ରାକୃତିକ ଗୁଣ ଯାହା ମଣିଷକୁ ପ୍ରାକୃତିକ ସତ୍ୟ ଆଧାରିତ ଚେତନା ଦେଇଥାଏ । ତେଣୁ ଜ୍ଞାନ ବୃଦ୍ଧି ହେଲେ ମଣିଷ ଜୀବନର ସତ୍ୟତା ଉପରେ ଚେତନା ସୃଷ୍ଟି ହୋଇ ପାରିବ । ମଣିଷ ଜୀବନର ସତ୍ୟତା ଉପରେ ନିଜର ଜ୍ଞାନ ନଥାଇ ଆମେ ଯାହା ସବୁ କାହାଠାରୁ ଶୁଣି ବୁଝିଛେ ସେଗୁଡିକ ଆଦୌ ସତ୍ୟ ଆଧାରିତ ନୁହେ ! କାରଣ ତା ଉପରେ ଶିକ୍ଷା ଦେଉଥିବା ମଣିଷଟି ଜଣେ ବ୍ୟବସାୟୀ ମାତ୍ର । ଆଉ ଜଣେ ବ୍ୟପାରୀ ମାଛ ଖାଇବାକୁ ଦେଇ କେବେହେଲେ ଗାଡ଼ିଆ ଦେଖାଇ ନଥାନ୍ତି । ଅଧିକନ୍ତୁ ସେମାନେ ମଧ କୌଣସି ଗାଡ଼ିଆର ଠିକଣା ନପାଇ କେବଳ ମଧ୍ୟସ୍ଥିତା କରୁଥିବା ଜଣେ ଜଣେ ପ୍ରତିନିଧି ଭଳି କାର୍ଯ୍ୟ କରିଥାନ୍ତି । ତେଣୁ ସାଧାରଣ ମଣିଷକୁ ଜ୍ଞାନର ସତ୍ୟ ପଥ ଦେଖିବା ଏକ ସ୍ୱପ୍ନ ହୋଇ ଯାଇଅଛି ଆଜି ସମୟରେ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଆମେ କରିବା କ'ଣ ? ସମାଜର ସେହି ଗଭୀର ମିଥ୍ୟାଭରା କୃତ୍ରିମ ପଙ୍କରୁ ନିଜକୁ ଉଦ୍ଧାର କରିବା କେମିତି ? ଏବଂ ବାସ୍ତବ ସତ୍‌ଜ୍ଞାନ ପାଇ ନିଜ ଜୀବନକୁ ସତ୍ୟ, ଶିବ, ସୁନ୍ଦର କରିବା କେମିତି ?

ସତ୍‌ଜ୍ଞାନ ପାଇ ସତ୍ୟମାର୍ଗରେ ପରିଚାଳିତ ହେବା ଦ୍ୱାରା ମଣିଷ ନିଜ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ପାରିବ ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପରେ ନିଜକୁ ସାତ୍‌ମାର୍ଗରେ ପରିଚାଳିତ କରି ବାସ୍ତବ ସୁଖକୁ ଅନୁଭବ କରିପାରିବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ ଆଜିର ଏହି ମିଥ୍ୟାଭରା ସମାଜରେ କେବଳ ମିଥ୍ୟା କୁହେଳିକା, ପ୍ରହେଳିକା ଗୁଡିକ ହିଁ ସର୍ବ ଶେଷ ବୋଲି ବିଚାରି ନିଜକୁ ଜାଳି ଜାଳି ଜୀବନ ଶେଷ କରିବାକୁ ହେବ ଯାହା ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ।

ଚତୁର ବ୍ୟପାରୀ ନିଜର ମିଥ୍ୟା ସାମ୍ରାଜ୍ୟ ବିସ୍ତାର କରି ସାଧାରଣ ନିର୍ବୋଧଙ୍କୁ ଲୁଟୁଛନ୍ତି ଅହରହ । ବ୍ୟାପାରୀଙ୍କ ସଂଖ୍ୟା ସୀମିତ ରହିଥିବା ବେଳେ ସେମାନଙ୍କ ସୋପାନ ଅନେକ ରହିଛି ଆମ ସମାଜରେ । ତେଣୁ ଜଣେ ସାଧାରଣ ନିର୍ବୋଧ ମଣିଷ ସମାଜରେ ବିଭିନ୍ନ ସ୍ତରର ବ୍ୟାପାରୀଙ୍କ ଦ୍ୱାରା କେତେବେଳେ ପ୍ରତ୍ୟକ୍ଷରେ ତ ଆଉ କେତେବେଳେ ପରୋକ୍ଷରେ ଲୁଣ୍ଠିତ, ପ୍ରତାରିତ ହୋଇ ନିଜ ଜୀବନକୁ ଅଚିରେ ନଷ୍ଟ କରିବାରେ କୁଣ୍ଠା ବୋଧ ନାହିଁ କାହାର । ଅଧିକଂ‌ସେମାନେ ଅତ୍ୟନ୍ତ ଖୁସି, ଯେ ସମାଜରୁ କିଛି କଥା ଜାଣି ପାରୁଛନ୍ତି । କିନ୍ତୁ ଏହା ବୁଝିନାହାନ୍ତି ଯେ ସେଗୁଡିକ ସବୁ କୃତ୍ରିମ, ଅସତ୍ୟର ଭଣ୍ଡାର ବୋଲି ! କାରଣ ସେମାନଙ୍କ ଅଜ୍ଞାନତା କାରଣରୁ ମିଥ୍ୟକୁ ସତ୍ୟ ବୋଲି ବିଚାରୁଛନ୍ତି ସମସ୍ତେ ।

ପ୍ରଥମେ କୁହାଯାଇଥିବା ତିନୋଟି ଅସ୍ତ୍ରର ପ୍ରୟୋଗ ଶିକ୍ଷା କରିବାକୁ ହେବ ଯାହା ଏକ ଜଟିଳ ବିଷୟ । କିନ୍ତୁ ସେଗୁଡିକୁ ଉପଯୁକ୍ତ ମାର୍ଗରେ ପରିଚାଳିନା କରିବା ଶିକ୍ଷା କରିପାରିଲେ ଅତ୍ୟନ୍ତ ସରଳ ହୋଇଯିବ ଜୀବନ, ଯାହା ଆମକୁ ସତ୍ୟ ମାର୍ଗରେ ପରିଚାଳିତ ହେବାରେ ସାହାଯ୍ୟ କରିବ । ଆଉ, ଥରେ ଏହି ତିନୋଟି ଅସ୍ତ୍ରର ପ୍ରୟୋଗ ଶିକ୍ଷା କରିବା ପରେ ମଣିଷ ମନର ଅନୁଭୂତିରେ ଏକ ଆଶାତୀତ ପରିବର୍ତ୍ତନ ଆସିବ । ପ୍ରଚଳିତ ଅଲୌକିକ ବିଚାର ଗୁଡ଼ିକରୁ ନିଜକୁ ରକ୍ଷାକରି ପ୍ରକୃତିର ବାସ୍ତବ ସତ୍ୟକୁ ବୁଝିବାରେ ସକ୍ଷମ ହୋଇପାରିବ । ଥରେ ପ୍ରାକୃତିକ ସତ୍ୟର ସ୍ୱାଦ ଅନୁଭବ କରିବା ପରେ ମଣିଷ ସେଗୁଡିକୁ ନିଜ ଜୀବନରେ ଚରିତାର୍ଥ କରି ବାଜବନର ଲକ୍ଷ ତଥା ମଣିଷ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝିବାରେ ସକ୍ଷମ ହେବ । ତାପରେ ମଣିଷ ନିଜକୁ ସମାଜର ଜଣେ କୃତକାର୍ଯ୍ୟ ସଦସ୍ୟର ପରିଚିତି ସୃଷ୍ଟି କରିବାରେ ସମର୍ଥ ହେବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ କେବଳ ମିଥ୍ୟାରେ ପରିଚାଳିତ କରି ନିଜକୁ ଜଣେ ଅସତ୍ୟ ଆଧାର କୃତି ମଣିଷ ଭଳି ଜୀବନ ଶେଷ କରିବାରେ ଜୀବନ ନିରର୍ଥକ ହେବ।

ଆଗାମୀ ଅଧ୍ୟାୟରେ ଆଲୋଚନା କରିବା ଯେ ଜଣେ କୃତି ମଣିଷ ଏବଂ ନିରର୍ଥକ ଜୀବନ ମଧ୍ୟରେ ପ୍ରଭେଦ କ'ଣ ? ତାର ପ୍ରଭାବ, ପ୍ରକୋପ ଜଣେ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ କ'ଣ ପଡିଥାଏ ? ଆଜି ପାଇଁ ଏତିକି । ଧନ୍ୟବାଦ।

ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ଆଜିର ସମାଜରେ ଜରାଶ୍ରମର ଆବଶ୍ୟକତା

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

ବରିଷ୍ଠ ମାନଙ୍କ ନିମନ୍ତେ ଜରାଶ୍ରମ ଶବ୍ଦଟି ଏକ ସମ୍ବେଦନଶୀଳ ଶବ୍ଦ। ପୂର୍ବ କାଳେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନାଥାଶ୍ରମ ପରିଚାଳନା କରୁଥିଲେ କିନ୍ତୁ ଜରାଶ୍ରମ ପ୍ରାୟ ନଥିଲା। ପିତୃମାତୃହୀନ ସନ୍ତାନ, ଅବୈଧ ସନ୍ତାନ ମାନଙ୍କୁ ଅନାଥାଶ୍ରମରେ ସ୍ଥାନ ଦିଆଯାଇ, ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରା ଯାଉଥିଲା। କାଳକ୍ରମେ ପରିବର୍ତ୍ତୀତ ସାମାଜିକ ବ୍ୟବସ୍ଥାରେ ଯୌଥ ପରିବାର ଲୋପ ପାଇ ଏକକ ପରିବାରର ସୃଷ୍ଟି ହେଲା। ମନୁଷ୍ୟର ସ୍ୱାର୍ଥପର ଚିନ୍ତନରୁ ଏକକ ପରିବାରର ସୃଷ୍ଟି ଏବଂ ଅସହାୟ ବୃଦ୍ଧ ପିତାମାତା ଏକକ ପରିବାର ନିମନ୍ତେ ଏକ ବୋଝ ସଦୃଶ। ଆଜିର ସମାଜରେ ନୈତିକତା ହ୍ରାସ ଏବଂ ଉଗ୍ର ଆଧୁନିକତା ବୃଦ୍ଧି ଯୋଗୁଁ ଏ ସମସ୍ୟାର ସୃଷ୍ଟି। ପିତା ମାତାଙ୍କ ସମ୍ପତିରେ ପୁତ୍ର ମାନଙ୍କର ଯେପରି ଅଧିକାର ଅଛି, ସେହିପରି ବୃଦ୍ଧାବସ୍ଥାରେ ସେମାନଙ୍କ ଯତ୍ନ ନେବା ମଧ୍ୟ ସେମାନଙ୍କର ନୈତିକ କର୍ତବ୍ୟ ଅଟେ। କିନ୍ତୁ ଅଧୁନା ସମାଜରେ ଏହାର ଏକ ବିରାଟ ବ୍ୟତିକ୍ରମ ଘଟିଛି। ଅସହାୟ ବୃଦ୍ଧ ପିତା ମାତାଙ୍କ ଦାୟିତ୍ୱ ବହନ କରିବାକୁ ଅଧିକାଂଶ ପୁତ୍ର ସମ୍ପୂର୍ଣ୍ଣ ଅନିଚ୍ଛୁକ। ଏହା ସାଧାରଣତଃ ଇଚ୍ଛାକୃତ ବା ଅନିଚ୍ଛାକୃତ ହୋଇଥାଏ। ପ୍ରାୟ ଦରିଦ୍ର ପରିବାର ଅପେକ୍ଷା, ମଧ୍ୟବିତ ଏବଂ ଉଚ୍ଚ ପରିବାରରେ ଏ ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୋଇଥାଏ। ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସନ୍ତାନ ମାନେ ଉଚ୍ଚ ଶିକ୍ଷିତ ହୋଇ, ରାଜ୍ୟ ବା ଦେଶ ବାହାରେ ବଡ ବଡ ପଦ ପଦବୀରେ ଅଧିକ ବେତନରେ ନିଯୁକ୍ତି ହୋଇଥାନ୍ତି। ତେଣୁ ସେମାନେ ପିତାମାତାଙ୍କୁ ଅବହେଳା ପ୍ରଦର୍ଶନ ନିମନ୍ତେ ଇଛା ପ୍ରକାଶ କରୁନଥିଲେ ମଧ୍ୟ, ପରିସ୍ଥିତି ଚାପରେ ସେମାନେ ପ୍ରତ୍ୟକ୍ଷ ସେବା ଯୋଗାଇ ପାରନ୍ତି ନାହିଁ। ସେମାନଙ୍କୁ ନିଜ ପାଖକୁ ନେଇଯିବା ପ୍ରସ୍ତାବ ଆଗତ କଲେ ମଧ୍ୟ, ପିତାମାତାଙ୍କର ଭିଟାମାଟିର ମୋହ ତଥା ସହରରେ ବନ୍ଦୀ ଜୀବନ ଯାପନର ଆଶଙ୍କା ଯୋଗୁ, ସେ ପ୍ରସ୍ତାବ ଗୃହୀତ ହୋଇ ପାରେ ନାହିଁ। ତେଣୁ ଏହା ଅନିଚ୍ଛାକୃତ ଅବହେଳା। ଦରିଦ୍ର ପରିବାରରେ ଆର୍ଥିକ ଦୁରାବସ୍ଥା ଯୋଗୁ, ବେରୋଜଗାରୀ ବୃଦ୍ଧ ପିତା ମାତାଙ୍କ ଖାଦ୍ୟ ପେୟ, ସ୍ୱାସ୍ଥ ସମସ୍ୟା ନିମନ୍ତେ ହେଉଥିବା ଖର୍ଚ୍ଚ ତୁଲାଇବା କଷ୍ଟ ହେଉଥିବାରୁ, ଅନେକ ଲୋକ ସେମାନଙ୍କୁ ଇଛାକୃତ ଅବହେଳା ପ୍ରଦର୍ଶନ କରନ୍ତି। ଅନେକ ପରିବାରରେ ବୋହୂମାନେ ଶାଶୁ ଶ୍ୱଶୁରଙ୍କ ଯତ୍ନ ନେବା ପାଇଁ କୁଣ୍ଠା ପ୍ରକାଶ କରିବା ସହିତ ସେମାନଙ୍କୁ ଜରାଶ୍ରମରେ ଛାଡିବା ନିମନ୍ତେ ସ୍ୱାମୀ ମାନଙ୍କ ଉପରେ ପରୋକ୍ଷ ଚାପ ପ୍ରୟୋଗ କରନ୍ତି। ଯେଉଁ ବୋହୂ ନିଜର ପିତ୍ରାଳୟରେ ଭାଇ ଭାଉଜଙ୍କୁ ନିଜ ପିତା ମାତାଙ୍କ ଯତ୍ନ ନେବା ପାଇଁ ଉପଦେଶ ପ୍ରଦାନ କରନ୍ତି, ସେହିମାନେ ନିଜ ଶାଶୁ ଶ୍ୱଶୁରଙ୍କୁ ଅବହେଳା ପ୍ରଦର୍ଶନ କରିବାର ଯଥେଷ୍ଟ ନଜିର ରହିଅଛି। ବୃଦ୍ଧ ପିତା ମାତା ମାନେ ନିଜ ପରିବାରରେ ନିଜ ପୁତ୍ର, ପୁତ୍ରବଧୂ ମାନଙ୍କ ଦ୍ୱାରା ଅବହେଳିତ ହେବାବେଳେ, ସେମାନଙ୍କୁ ଲାଳନ ପାଳନ କରିଥିବା ସମୟର ତ୍ୟାଗ, କଷ୍ଟ ଏବଂ ଦୁଃଖକୁ ମନେ ପକାଇ ଅଧିକ ଦୁଃଖ ଅନୁଭବ କରନ୍ତି। ଆଜିକାଲି ସମାଜରେ ଏହା ଏକ ସାଧାରଣ ଘଟଣା ହୋଇ ଯାଇଛି। ବିବେକି ବ୍ୟକ୍ତି ମାନେ ପିତା ମାତାଙ୍କ ତ୍ୟାଗ, ଧର୍ମ ଭୟ ଓ ସାମାଜିକ ଭୟ ଯୋଗୁ, ଯେତେ ଅସୁବିଧା ହେଲେ ମଧ୍ୟ, ସେମାନଙ୍କୁ ହତାଦର କରି ନଥାନ୍ତି। କିନ୍ତୁ ଯେଉଁ ପିତା ମାତା ମାନଙ୍କର ଏକାଧିକ ପୁତ୍ର ସନ୍ତାନ, ସେମାନେ ଅଧିକ ନିର୍ଯ୍ୟାତିତ। ସେ ଯାହା ହେଉ, ଆଜିକାଲି ସାମାଜିକ ସ୍ଥିତିରେ, ଇଚ୍ଛାକୃତ ହେଉ ବା ଅନିଚ୍ଛାକୃତ ହେଉ ଅସହାୟ, ନିର୍ଭରଶୀଳ ବରିଷ୍ଠ ମାନଙ୍କୁ ଜରାଶ୍ରମରେ ହିଁ ରହିବାକୁ ପଡିବ। ତେଣୁ ସେମାନେ ମାନସିକ ଭାବରେ ପ୍ରସ୍ତୁତି ହେବା ଏକାନ୍ତ ଆବଶ୍ୟକ। ନିଜ ଘରେ ନିଜ ଜନ୍ମିତ ସନ୍ତାନ ମାନଙ୍କ ଦ୍ୱାରା ଅବହେଳିତ, ନିର୍ଯ୍ୟାତିତ ହେବା ଅପେକ୍ଷା, ଜରାଶ୍ରମରେ ଅବସ୍ଥାନ ହିଁ ଶ୍ରେୟସ୍କର। ସେଠାରେ ସମ ବୟସ୍କ, ତଥା ସମଦଶା ଭୋଗୁଥିବା ବ୍ୟକ୍ତି ମାନଙ୍କ ସହିତ ମନ ଖୋଲା ଆଲୋଚନା ଅନେକାଂଶରେ ଦୁଃଖ ଲାଘବ କରାଇ ପାରିବ ଏହା ନିଃସନ୍ଦେହ। ଆଜିକାଲି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ବୟସ୍କ ନାଗରିକଙ୍କ ନିମନ୍ତେ ଜରାଶ୍ରମ ଖୋଲି, ସେଠାରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। ଖାଦ୍ୟ ପେୟ, ମନୋରଞ୍ଜନ ନିମନ୍ତେ ଟିଭି ରେଡିଓ, ସ୍ୱାସ୍ଥ ସେବା ଇତ୍ୟାଦି ସବୁ ପ୍ରକାର ସୁବିଧା ଦିଆ ଯାଉଛି। ଆଉ ମଧ୍ୟ ଅନେକ ସ୍ଥାନରେ ଦେୟଯୁକ୍ତ ଜରାଶ୍ରମ ଖୋଲା ଯାଉଛି, ଯେଉଁଠାରେ ଅନ୍ତେବାସୀ ଧାର୍ଯ୍ୟ ଅର୍ଥ ଦାଖଲ କଲେ, ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରି, ସ୍ୱାସ୍ଥ ସେବା ନିମନ୍ତେ ଚିକିତ୍ସକ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆ ଯାଉଛି। ଏଠାରେ ପେନସନ୍ ଭୋଗୀ କିମ୍ବା ଅଧିକ ଅର୍ଥ ରୋଜଗାର କରୁଥିବା ପୁତ୍ର, ଯେଉଁମାନେ ଇଚ୍ଛା ଥିଲେବି ପିତା ମାତାଙ୍କୁ ସାହଚର୍ଯ୍ୟ ପ୍ରଦାନ କରି ପାରୁ ନାହାନ୍ତି, କିନ୍ତୁ ଅର୍ଥ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ପିତା ମାତା ଅବସ୍ଥାନ କରି ପାରିବେ। ବେଳେ ବେଳେ ବୃଦ୍ଧ ପିତା ମାତା ମାନେ ନିଜ ଜନ୍ମିତ ସନ୍ତାନ ମାନଙ୍କ ଦ୍ୱାରା ଅବହେଳିତ ହେବା ପରେ ମଧ୍ୟ, ସେମାନେ ତାଙ୍କ ସନ୍ତାନ ମାନଙ୍କର ସାମାଜିକ ମର୍ଯ୍ୟାଦା ହାନି ଭୟରେ, ଏକଥା ସର୍ବ ସମ୍ମୁଖରେ ପ୍ରକାଶ କରନ୍ତି ନାହିଁ ଏବଂ ଲଜ୍ୟାରେ ଯେତେ ଅତ୍ୟାଚାରିତ ହେଲେ ମଧ୍ୟ ଜରାଶ୍ରମରେ ରହିବା ପାଇଁ ଚାହାନ୍ତି ନାହିଁ। ବରିଷ୍ଠ ମାନଙ୍କୁ ଅବହେଳା ପ୍ରଦର୍ଶନ କଲେ ଆଇନାନୁଯାୟୀ ଦଣ୍ଡର ବ୍ୟବସ୍ଥା ଥିଲେ ମଧ୍ୟ, ବହୁତ କମ୍ ଘଟଣା ନ୍ୟାୟାଳୟ ପର୍ଯ୍ୟନ୍ତ ଯାଉଛି। ଦ୍ୱିତୀୟରେ ବରିଷ୍ଠ ମାନଙ୍କର ପୂର୍ବ ପଦ ମର୍ଯ୍ୟାଦା, ସ୍ୱାଭିମାନ ସେମାନଙ୍କୁ ଜରାଶ୍ରମରେ ରହିବା ନିମନ୍ତେ ହିନମନ୍ୟତା ସୃଷ୍ଟି କରିଥାଏ। କିନ୍ତୁ ବର୍ତମାନ ପରିସ୍ଥିତି ବଦଳି ଯାଇଛି। ପୁର୍ବାପେକ୍ଷା ବର୍ତମାନ ଜରାଶ୍ରମର ଅନ୍ତେ ବାସୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଉଛି। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଅସହାୟ ବରିଷ୍ଠ ମାନେ ସ୍ୱେଚ୍ଛାକୃତ ଭାବରେ, ସେମାନଙ୍କ ପୁତ୍ର ମାନଙ୍କୁ ଦାୟିତ୍ୱ ମୁକ୍ତ କରିବା ସହିତ, ନିଜେ ସୁଖ ଓ ଶାନ୍ତିରେ କାଳାତିପାତ କରିବା ନିମନ୍ତେ, ଜରାଶ୍ରମରେ ଅବସ୍ଥାନ କରିବା ନିମନ୍ତେ ସମ୍ପୂର୍ଣ୍ଣ ମାନସିକ ପ୍ରସ୍ତୁତି କରିବା ଆବଶ୍ୟକ। ମୋହ ମାୟା ବଶତଃ ଯେଉଁ ପୁତ୍ର ମାନଙ୍କ ପାଇଁ, ଜୀବନରେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦକୁ ତ୍ୟାଗ କରି ପାରିଥିଲେ, ଆଉ ଶେଷ ବେଳକୁ ସେମାନଙ୍କୁ କାହିଁକି ଅସୁବିଧାରେ ପକାଇବେ। ଏହାଦ୍ୱାରା ପିଲା ମାନେ ଲୋକ ଲଜ୍ୟାରୁ ରକ୍ଷା ପାଇ ପାରିବେ ଏବଂ ବରିଷ୍ଠ ମାନେ ମଧ୍ୟ ସେମାନଙ୍କ ଅପ୍ରକାଶିତ ଅନ୍ତର୍ବେଦନାରୁ ମୁକ୍ତି ପାଇ ପାରିବେ। ସରକାରୀ ସ୍ତରରେ ଅଧିକ ଜରାଶ୍ରମ ଖୋଲାଯାଇ, ତାହାର ନାମ "ବରିଷ୍ଠ ଆବାସ" ରଖାଯାଉ। ବୃଦ୍ଧ ପିତା ମାତାଙ୍କ ଯୋଗୁଁ ଅସୁବିଧା ଅନୁଭବ କରୁଥିବା ପୁତ୍ର ମାନେ, ସେମାନଙ୍କୁ "ବରିଷ୍ଠ ଆବାସ"ରେ ରଖିବା ନିମନ୍ତେ ସରକାରଙ୍କୁ ଆବେଦନ କରି, ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦାଖଲ କରନ୍ତୁ ଏବଂ ଭବିଷ୍ୟତରେ ନିଜ ପାଇଁ, ନିଜ ପୁତ୍ରଙ୍କ ଠାରୁ ସମ ବ୍ୟବସ୍ଥା ପ୍ରାପ୍ତି ନିମନ୍ତେ ମାନସିକ ପ୍ରସ୍ତୁତି ରୁହନ୍ତୁ। ଅନେକ ସମସ୍ୟା ସମାଧାନ ହୋଇଯିବ, ନାଁ ଆପଣ କଣ କହୁଛନ୍ତି କୁହନ୍ତୁନା!

ଇଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

# ନୃତ୍ୟରେ ସୁସ୍ଥତା

॥ ଡାକ୍ତର କାନ୍ତୀ ନାୟକ ॥

କାର୍ଡ଼ିଓ ଭାସ୍କୁଲାର ସମସ୍ୟା ଦୂର କରିବାରେ ନାଚ ସାହାଯ୍ୟ କରେ। ଏକ ସ୍ୱାସ୍ଥ୍ୟ ଗବେଷଣା ରିପୋର୍ଟରେ ଏହି ତଥ୍ୟଟି ପ୍ରକାଶ ପାଇଛି। ଆଜିକାଲି ଶାରୀରିକ ସୁସ୍ଥତା ସହ ଅନେକ ନୃତ୍ୟକୁ ନିତିଦିନିଆ ଜୀବନର ଏକ ବ୍ୟାୟାମ ଭାବେ ମଧ ଗ୍ରହଣ କଲେଣି। ଦିନକୁ ଦିନ ଏହାର ଚାହିଦା ଓ ଏଥିପ୍ରତି ଆଗ୍ରହ ମଧ ବଢୁଛି। ନୃତ୍ୟର ପ୍ରତ୍ୟେକଟି ଭଙ୍ଗୀ ଶରୀରର ବିଭିନ୍ନ ଅଙ୍ଗକୁ ଉପକାର ଦେଇଥାଏ। କୋରିଓଗ୍ରାଫରଙ୍କ ମତରେ, ନୃତ୍ୟ ଏକ ପ୍ରକାର ମହୌଷଧି ଭଳି କାମରେ। ଏହା ବିଷାଦମୁକ୍ତ କରିବାରେ ବି ସାହାଯ୍ୟ କରେ। ସେହିପରି ଫିଟନେସ ବିଶେଷଜ୍ଞ କହନ୍ତି, ନାଚିବା ଅଭ୍ୟାସରେ ଥରେ ପଡ଼ିଗଲେ ଧୀରେ ଧୀରେ ଓଜନ ହ୍ରାସ ପାଇବାରେ ଲାଗେ। କିନ୍ତୁ ଏଥିଲାଗି ସଠିକ୍ ୱାର୍ମଅପ୍ ଟେକନିକ ଆପଣେଇବାକୁ ପଡ଼େ। ୱାର୍ମଅପ୍ ଲାଗି ବାଲିଷ୍ଟିକ ଓ ଡାଇନାମିକ ଷ୍ଟ୍ରେଚ୍ ସବୁଠୁ ଭଲ। ନାଚ ପରେ ଶକ୍ତି ଲାଗି ସୁଷମ ପ୍ରୋଟିନଯୁକ୍ତ ଖାଦ୍ୟ ଜରୁରୀ।

ମିଶ୍ରିତ ନୃତ୍ୟ : ନାଚ ଲାଗି ଏବେ ଯୁବପିଢ଼ି ବେଶୀ ଆକର୍ଷିତ ହେଉଛନ୍ତି ଏବଂ ଏହାଦ୍ୱାରା ଫିଟ ଓ ସ୍ଲିମ୍ ଶରୀର ପାଇବାରେ ସକ୍ଷମ ହେଉଛନ୍ତି। ଗୋଡ଼ ଓ ହାତର କାର୍ଯ୍ୟରେ ସମନ୍ୱୟ ପାଇଁ ନାଚ ଆବଶ୍ୟକ। ଶରୀର ଓ ଗୋଡ଼ ଚାଳନାରେ ଭାରସାମ୍ୟ ବୃଦ୍ଧି ପାଏ। ମିଶ୍ରିତ ନୃତ୍ୟ ଗଣ୍ଠି ଚାଳନାରେ ସହାୟକ ହେବା ସହିତ ତାହାକୁ ନମନୀୟ କରେ। ଏହି ନାଚରେ ବହୁ ଲିଫ୍ଟ ବା ଭଙ୍ଗୀ ରହିଥିବାରୁ ତାହା କାନ୍ଧ, ବାହୁ ଓ ଗୋଡ଼କୁ ଫାଇଦା ଦିଏ।

ବାଲେଟ : ବାଲେଟରେ ଶରୀରର ଆଭ୍ୟନ୍ତରୀଣ ମାଂସପେଶୀ ମଜବୁତ ହୁଏ। ଜଣେ ଖେଳାଳି ଯେତିକି ଶକ୍ତି ଆବଶ୍ୟକ କରନ୍ତି ସେତିକି ଶକ୍ତି ଲୋଡ଼ା ହୁଏ ବାଲେଟରେ। ବାଲେଟ ଏକ ପ୍ରକାରର ନୃତ୍ୟଶୈଳୀ ଯେଉଁଥିରେ ଶରୀର ଫିଟ ହେଲେ ହିଁ କରିପାରିବେ। ଏହି ନାଚ ଆଙ୍କଲ ମସଲ୍‌ସର ଶକ୍ତି ଉପରେ ନିର୍ଭର କରେ ଓ ଏହା ମଧ ଏହି ମସଲ୍‌ସକୁ ଟାଣ କରେ। ଶାରୀରିକ ଗଠନ ଲାଗି ବାଲେଟ ପୁରା ଉପଯୋଗୀ। ସିଧା ଓ ସ୍ମାର୍ଟ ଭାବେ ଠିଆ ହୋଇପାରିବେ ଓ ପିଠିର ସ୍ନାୟୁ ଏବଂ ମାଂସପେଶୀ ପୁରା ମଜବୁତ ରହିବ। ବାର ଏକ୍ସରସାଇଜ ଯାହା ଧୀରେ ଧୀରେ କରାଯାଏ ତାହା ଠିକ୍ ଫିଜିଓଥେରାପୀ ଭଳି। ବାଲେଟ ନାଚରେ ଆୟୁଷ ବୃଦ୍ଧି ହୁଏ ବୋଲି ଏକ ଅନୁଧାନରୁ ଜଣାପଡ଼ିଛି। ଯେଉଁମାନଙ୍କର ଗୋଡ ଶରୀର ଠାରୁ ଲମ୍ବା ହୋଇଥାଏ ସେମାନେ ବାଲେଟ ନାଚ ଲାଗି ଉପଯୁକ୍ତ ଓ ନାଚରୁ ବେଶୀ ଫାଇଦା ପାଇଥାନ୍ତି।

ହିପ୍‌ଅପ୍ : ହିପଅପ୍ ଡ୍ୟାନ୍ସ ଷ୍ଟାଇଲ ଏବେ ଯୁବପିଢ଼ିଙ୍କର ଅତି ପ୍ରିୟ। ଏହି ନାଚ ଗୋଡ଼ ଓ ହାତ ମାଂସପେଶୀକୁ ଲାଭ ଦିଏ। ନାଚର ବିଭିନ୍ନ ସ୍ତର ଗୋଡ଼, ବାହୁ, ଜଙ୍ଘ ଏବଂ ଶରୀରର ଉପର ଭାଗକୁ ଉପକାରୀ। କୋର ମସଲସ ଏହାଦ୍ୱାରା ମଜବୁତ ହୁଏ। ଡ୍ୟାନ୍ସ ବିଶେଷଜ୍ଞ କହନ୍ତି, ହିପ୍‌ଅପ ଡ୍ୟାନ୍ସ ଦ୍ୱାରା ମସ୍ତିଷ୍କର ଉଭୟ ପାଖର ବିକାଶ ହୋଇଥାଏ।

ବେଲି ଡ୍ୟାନ୍ସ : ପେଟର ମାଂସପେଶୀକୁ ମଜବୁତ କରିବାକୁ ଚାହୁଁଥିଲେ ଏହି ନାଚ ଆପଣାନ୍ତୁ। ଏହି ନାଚରେ ପାରଙ୍ଗମ ହୋଇଗଲେ ଆଉ ଜିମ ଯିବାକୁ ପଡ଼ିବନି। ପ୍ରତିଦିନ ଘଣ୍ଟାଏ କି ଦୁଇଘଣ୍ଟା ନାଚିବା ସବୁଠାରୁ ଭଲ। ଏହି ଡ୍ୟାନ୍ସରେ ଅଣ୍ଟା କି ପେଟ ବେଶୀ ସଞ୍ଚାଳନ କରିବାକୁ ପଡ଼ିନଥାଏ। ଆଣ୍ଠୁ ବି କାମ କରେ। ଏହାଦ୍ୱାରା ଗୋ ମାଂସପେଶୀ ଶକ୍ତିଶାଳୀ ହୋଇଯାଏ।

ଜୁମ୍ବା : ଯେଉଁମାନେ ଓଜନ କମାଇବା ଲାଗି ଚାହୁଁଛନ୍ତି ଜୁମ୍ବା ଆଡ଼କୁ ମୁହଁ ଫେରାନ୍ତୁ। ଲାଟିନ ମ୍ୟୁଜିକର ତାଳେ ତାଳେ ନାଚୁଥିବେ, ଥକାପଣ କେବେ ବି ଅନୁଭବ କରିବେନି। ଏହାଦ୍ୱାରା ଫ୍ୟାଟ କମିଯିବ। ଓଜନ ହ୍ରାସ ପାଏ। ଗୋଡ ହାତ ସଞ୍ଚାଳନ ବେଶୀ ହେଉଥିବାରୁ ଏହା ମଧ ମଜବୁତ ହୋଇଯାଏ। ଏହି ନାଚ କ୍ୟାଲୋରୀ ବର୍ଣ୍ଣର ଭାବେ କାମ କରେ।

ଭାରତନାଟ୍ୟମ : ଅନେକ ହୁଏତ ଜାଣିନାହାଁନ୍ତି ଶାରୀରିକ ଗଠନରେ ଏହି ନୃତ୍ୟ ସହାୟକ ହୋଇଥାଏ। ଏଥିରେ ଗୋଡ଼ର କରାମତି ବେଶୀ। ଶାରୀରିକ ଲୋୟର ପାର୍ଟ ଏହାଦ୍ୱାରା ବେଶୀ ମଜବୁତ ହୁଏ। ଫିଟନେସ ଲାଗି ପୋଲ୍ ଡ୍ୟାନ୍ସ : ପୁରା ଫିଟ ଲାଗି ପୋଲଡ୍ୟାନ୍ସ ସହାୟକ ବୋଲି କୁହାଯାଇପାରେ। ପୋଲରେ ଝୁଲି ବିଭିନ୍ନ ଏରୋବେଟିକ ଟ୍ରିକ୍ସ ଦ୍ୱାରା ହାତ, କାନ୍ଧର ଶକ୍ତି ବୃଦ୍ଧି ପାଏ। ପୁସ୍‌ଅପରେ ଯେତିକି ଲାଭ ମିଳେ ଏହି ନାଚରେ ବି ତାହା ମିଳିଥାଏ। ପିଠି, ବଳାଗଣ୍ଠି ଓ ଜଂଘକୁ ମଧ ଉପକାରୀ। ଓଜନ କମାଇବା ଲାଗି ପୋଲଡ୍ୟାନ୍ସ ଏକ ପ୍ରକାର ଭଲ। ଏକ ଅନୁଧାନରୁ ଜଣାପଡ଼ିଛି ଯେ, ପୋଲ ଡ୍ୟାନ୍ସର ଗୋଟିଏ କ୍ଲାସରେ ୨୫୦ କ୍ୟାଲୋରୀ କ୍ଷୟ କରିବାକୁ ସକ୍ଷମ ହୋଇଥାନ୍ତି, ଯାହା ଗୋଟିଏ ଜିମ୍ ସେସନ୍ ସହ ସମାନ। ପାକସ୍ଥଳୀ ବି ସମସ୍ୟା ମୁକ୍ତ ହୋଇଯାଏ। ପ୍ରଶିକ୍ଷକଙ୍କ ସାହାଯ୍ୟ ବିନା ଘରେ ଏହାକୁ ଅଭ୍ୟାସ କରିବା ମନା। ଅନେକ ପୋଲର ଉପରୁ ତଳକୁ ଖସି ଡ୍ୟାନ୍ସ କରିବା ଲାଗି ଇଚ୍ଛୁକ ଥାନ୍ତି କିନ୍ତୁ ଏହା ବିପଜ୍ଜନକ। ଏହାଦ୍ୱାରା ମୁଣ୍ଡ ଓ ମେରୁଦଣ୍ଡରେ ଆଘାତ ଲାଗିବାର ଆଶଙ୍କା ରହିଥାଏ। ପୋଲ ଡ୍ୟାନ୍ସ ଧୀରେ ଧୀରେ ଶିଖିବା ଉଚିତ।

କ'ଣ ଖାଇବେ : ନାଚଦ୍ୱାରା ଯଦି ଓଜନ କମାଇବାକୁ ଚାହୁଁଛନ୍ତି ତେବେ ସୁଗାର ଏବଂ କାର୍ବୋହାଇଡ୍ରେଟସ୍ ଠାରୁ ଦୂରେଇ ରହିବେ। ଜଣେ ଡାଏଟସିଆନଙ୍କ ସହ ପରାମର୍ଶ କଲେ ଭଲ ହେବ। ଠିକ ସମୟରେ ଠିକ ଖାଦ୍ୟ ଖାଇବା ଉଚିତ। ଅଳ୍ପ ଅଳ୍ପ ଛଅଥର ଖାଇବାକୁ ହେବ। ବେଶି ପାଣି ପିଅନ୍ତୁ। ଆପଣଙ୍କର ଯୋଗପ୍ରାଣାୟାମ ଅଭ୍ୟାସ ଥିଲେ ତାହାକୁ ମଧ ଜାରି ରଖନ୍ତୁ। କିନ୍ତୁ ଶରୀରରେ ମେଦବହୁଳତା ଓ ଅନ୍ୟାନ୍ୟ କୌଣସି ରୋଗ ଯେପରି ନଥାଏ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ।

## ବଡ଼ଭାଇକୁ ହତ୍ୟା ଧମକ ନେଇ ସାନ ଭାଇ ଓ ପୁତୁରା ନାମରେ ମାମଲା ପ୍ରତି ଅଭିଯୋଗ ଆଣିଲେ ସାନ ଭାଇ

ବାଲିଚନ୍ଦ୍ରପୁର, (ମହାଭାରତ) : ବାଲିଚନ୍ଦ୍ରପୁର ଥାନା ଅଧିନ ପଲେଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଉପୁଜୁଛି, ଦୁଇଭାଇଙ୍କ ମଧ୍ୟରେ ତିକ୍ତତା ବଢି ଘଟଣା ଥାନାରେ ପହଁଞ୍ଚିଛି, ନିଜର ବଡ଼ଭାଇକୁ ବିଭିନ୍ନ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ସାନଭାଇ ଏବଂ ତାଙ୍କ ପୁଅ ନାମରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଛି,ବଡ ଭାଇ ଶୁଭେନ୍ଦୁ ଭୂୟାଁଙ୍କ ଅଭିଯୋଗ ମୁତାବକ ଗତ ରବିବାର ସକାଳେ ଶୁଭେନ୍ଦୁଙ୍କ ଘରସମ୍ମୁଖରେ ସାନଭାଇ ସୁମନ୍ତ ଭୂୟାଁ ଏବଂ ତା ପୁଅ ସୌମ୍ୟସାଇ ସିଦ୍ଧାର୍ଥ ଏକ କାର ଆଣି ରଖିଥିଲେ । ଏହା ଦେଖି ଶୁଭେନ୍ଦୁଙ୍କ ପରିବାର ଲୋକେ ଯିବାଆସିବା ପାଇଁ ଅସୁବିଧା ହେବ ବୋଲି କହିବାରୁ ସୌମ୍ୟସାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା, ପରେ ସୁମନ୍ତ ଭୂୟାଁ ସେଠାରେ ପହଞ୍ଚି ବଡ଼ଭାଇ ଶୁଭେନ୍ଦୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗାଳି ଗୁଲଜ କରି ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଢେଲାପଥର ମାଡ କରିଥିଲେ।ଫଳରେ ଶୁଭେନ୍ଦୁଙ୍କ ଏକ ବାଇକ କ୍ଷତିଗ୍ରସ୍ତ ହୋଇଥିବା ନେଇ ଅଭିଯୋଗ ହୋଇଛି, ଅଭିଯୋଗ ଆଧାରରେ ସୁମନ୍ତ ଏବଂ ତଙ୍କ ସୌମ୍ୟସାଇଙ୍କ ନାମରେ ଥାନା କେଶ ନମ୍ବର ୩୧୨/୨୬ ରେ ଏକ ମାମଲା ରୁଜୁ ହୋଇଥିବା ଜଣା ପଡିଛି, ଅପରପକ୍ଷରେ ସାନଭାଇ ସୁମନ୍ତ ଭୂୟାଁ ଥାନାକୁ ଆସି ଏକ ପାଲଟା ଅଭିଯୋଗ କରିଛନ୍ତି, ସୁମନ୍ତଙ୍କ ଅଭିଯୋଗ ମୁତାବକ ବଡ଼ ଭାଇ ଶୁଭେନ୍ଦୁ ସୁମନ୍ତଙ୍କ ଠାରୁ ତାଙ୍କ ପୁଅ ପାଠ ପଢା, ଚାକିରି ଓ ଘର ତିଆରି କରିବା ପାଇଁ ତେରଲକ୍ଷ୍ୟ ଟଙ୍କା ନେଇ ସେଥିରୁ ମାତ୍ର ଦୁଇଲକ୍ଷ ପଚାଶ ହାଜର ଟଙ୍କା ଫେରସ୍ତ ଦେଇ ଅବଶିଷ୍ଟ ଟଙ୍କା ଦେଉନାହାନ୍ତି ଟଙ୍କା ମାଗିବାରୁ ଶୁଭେନ୍ଦୁଙ୍କ ପରିବାର ସୁମନ୍ତଙ୍କୁ ଜୀବନରୁ ମାରିଦେବା ଅଭିଯୋଗ ଆଣିଛନ୍ତି, ସୁମନ୍ତଙ୍କ ପ୍ରତି ଅଭିଯୋଗ ଆଧାର ରେ ଥାନା ପକ୍ଷରୁ ୩୧୪/୨୦୨୬ ରେ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡିଛି, ଏ ନେଇ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କୁ ପଚାରିବାରେ ଉଭୟ ପକ୍ଷରୁ ଦୁଇ ଗୋଟି ପୃଥକ ମାମଲା ରୁଜୁ ହୋଇ ତଦନ୍ତ ଜାରିରହିଥିବା ଥାନା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

## ପାରାଦୀପ ବିଜେପି ମହିଳା ମୋର୍ଚ୍ଚା କମିଟି ଗଠିତ

ପାରାଦୀପ, (ମହାଭାରତ) : ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ନିର୍ଦ୍ଦେଶକ୍ରମେ ଏବଂ ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଙ୍କ ଅନୁମୋଦନ କ୍ରମେ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରୀତି ରେଖା ନାୟକ ତାଙ୍କର ନୂତନ ଟିମ ଘୋଷଣା କରିଛନ୍ତି । ଏହି କ୍ରମରେ ଉପସଭାନେତ୍ରୀ ଭାବେ ସଂଯୁକ୍ତା ବରାଳ, ଟୁନିପ୍ରଭା ରାଉତ, କନକଲତା ସାହୁ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦିକା ଭାବେ ପାରିଷଦ ସୌଦାମିନୀ ସାହୁ ଏବଂ ମମତା ସ୍ୱାଇଁ ଙ୍କୁ ମନୋନୀତ କରାଯାଇଛି । ସେହିପରି ସମ୍ପାଦକ ଭାବେ ବିଷ୍ଣୁପ୍ରିୟା ଶତପଥୀ, ଶ୍ରୀଷ୍ଟି ନାୟକ ଓ ସୁଚିତ୍ରା ସାହୁ, କୋଷଦକ୍ଷ ଭାବେ ସଂଯୁକ୍ତା ଜେନା ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟା ଭାବେ ମଧୁସ୍ମିତା ସେନାପତି, ବବିତା ପରିଡା, ଦୀପ୍ତିମୟୀ ସାମନ୍ତରାୟ, ସୂର୍ଯ୍ୟସିଖା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ନାୟକ, ମାହେଶ୍ୱରୀ ଦାଶ, ଶର୍ମିଷ୍ଠା ଭୂୟାଁ, ପିଙ୍କି ମଣ୍ଡଳ, ଚିନ୍ମୟୀ ମୁଦୁଲି,ସୁମିତ୍ରା ସାହୁ,ରୁପାଲୀ ସରକାର,ମାନସୀ ରାଉତ, ଲିପିକା ସାହୁ, ହରପ୍ରିୟା ସାହୁ, ମମତା ଦାସ, ସୁଜାତା ମଣ୍ଡଳ, ରଶ୍ମିତା ସାହୁ, ବେବି ମଙ୍ଗରାଜ, ସରସ୍ୱତୀ ପଣ୍ଡା, ଅର୍ଣ୍ଣପୂର୍ଣ୍ଣା ନାୟକ,ଆରତୀ ପରିଡା,ଜ୍ୟୋସ୍ନା ବାରିକ, ତୁଳସୀ ମିର୍ଦ୍ଧା, ଜୟନ୍ତୀ ଛୁଆଳସିଂ, ଶ୍ରାବଣୀ ଦାସ ପ୍ରମୁଖ ଏହି କମିଟିରେ ସ୍ଥାନ ପାଇଛନ୍ତି । ଆଗାମୀ ପୌର ନିର୍ବାଚନ କୁ ଦୃଷ୍ଟିରେ ରଖି ଦକ୍ଷ ମହିଳା ମାନଙ୍କୁ ନେଇ କମିଟି ଗଠନ କରାଯାଇଥିବା ଜଣାପଡିଛି ।

## ପାରାଦୀପ ବଡ଼ପଡ଼ିଆ ମାର୍କେଟର ପୁରାତନ ବ୍ୟବସାୟୀ ଧରଣୀଧର ପାତ୍ରଙ୍କ ଦେହାନ୍ତ

ପାରାଦୀପ, (ମହାଭାରତ) : ପାରାଦୀପ ବଡ଼ପଡ଼ିଆ ବିଜୟା ମାର୍କେଟ ର ପୁରାତନ ବ୍ୟବସାୟୀ ଧରଣୀଧର ପାତ୍ର (୭୫) ଙ୍କ ଗତ ରବିବାର ରାତିରେ ପରଲୋକ ହୋଇଯାଇଛି । ଦୀର୍ଘ ୫୫ ଧରି ସେ ବ୍ୟବସାୟ କରି ଆସୁଥିଲେ ଏବଂ ଜଣେ ଅମାୟିକ ବ୍ୟକ୍ତି ଥିଲେ । ସେ କିଛିଦିନ ହେବ ଚିକିତ୍ସିତ ହୋଇ ନିଜ ଘରେ ରହୁଥିଲେ । ତାଙ୍କର ଚାରି ପୁଅ ଥିବା ବେଳେ ପୂର୍ବରୁ ତାଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଯାଇଛି । ତେବେ ତାଙ୍କ ବିୟୋଗରେ ପାରାଦୀପ ବଣିକ ସଂଘର ସଭାପତି ଅମୀୟ କୁମାର ପାଣି, ପୂର୍ବତନ ସଭାପତି ତଥା ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ କୁମାର ସ୍ୱାଇଁ, ଶରତ ସାହୁ, ଶମ୍ଭୁନାଥ ଖୁଣ୍ଟିଆ, ରତ୍ନାକର ଜେନା, ପ୍ରବୋଧ ଦାସ, ଗୋଲେଖ ସାହୁ, ସୁକାନ୍ତ ମହାନ୍ତି, ଜୀବନ ମହାନ୍ତି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ତେବେ ତାଙ୍କ ବିୟୋଗରେ ମାର୍କେଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଠାକୁରମୁଣ୍ଡା ଓ ମହୁଲଡିହାରେ ନୂତନ ଆଇଆଇସିଙ୍କ ଯୋଗଦାନ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲାରେ ନୂତନ ଭାବେ ଗଠିତ ହୋଇଥିବା ରାଇରଙ୍ଗପୁର ପୋଲିସ ଜିଲ୍ଲାରେ ପୋଲିସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଥାନାର ଥାନା ଅଧିକାରୀମାନଙ୍କର ବଦଳି କରାଯାଇଛି। ଏହି କ୍ରମରେ କରଞ୍ଜିଆ ଉପଖଣ୍ଡ ପୋଲିସ ଅଧୀନରେ ଥିବା ଠାକୁରମୁଣ୍ଡା ଓ ମହୁଲଡିହା ଥାନାରେ ଅଗଷ୍ଟ ୨ ତାରିଖରେ



ନୂତନ ଥାନା ଅଧିକାରୀମାନେ ଯୋଗଦାନ କରିଛନ୍ତି। ପୋଲିସ ଜିଲ୍ଲା ମୁଖ୍ୟାଳୟ ଟ୍ରାଫିକ ୟୁନିଟ, ରାଇରଙ୍ଗପୁରରେ କାର୍ଯ୍ୟରତ ଥିବା ଆଇଆଇସି ଶରତ କୁମାର ମହାଲିକଙ୍କୁ ଠାକୁରମୁଣ୍ଡା ଥାନାର ନୂତନ ଥାନା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ଘାଘରବେଡା ଥାନାରେ କାର୍ଯ୍ୟରତ ଆଇଆଇସି ନରେନ୍ଦ୍ର କୁମାର ରାଉତଙ୍କୁ ମହୁଲଡିହା ଥାନାର ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ରବିବାର ଠାକୁରମୁଣ୍ଡା ଥାନା ର ପୂର୍ବତନ ଥାନାଧିକାରୀଣୀ ସାବିତ୍ରୀ ଦଳେଇ, ତାଙ୍କର ଜାମଦା ଥାନାକୁ ବଦଳି ହେବା ପରେ ନୂତନ ଥାନା ଅଧିକାରୀ ଶରତ କୁମାର ମହାଲିକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିଭଳି ମହୁଲଡିହା ଥାନାରେ କାର୍ଯ୍ୟରତ ଆଇଆଇସି ତୁଷାର ନାଏକଙ୍କର ଘାଘରବେଡା ଥାନାକୁ ବଦଳି ହୋଇଥିବାରୁ ସେ ନୂତନ ଥାନା ଅଧିକାରୀ ନରେନ୍ଦ୍ର କୁମାର ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ନୂତନ ଥାନା ଅଧିକାରୀମାନେ ଆଇନ-ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା, ଅପରାଧ ନିୟନ୍ତ୍ରଣ, ସଡ଼କ ସୁରକ୍ଷା, ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ପୋଲିସ-ଜନତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରାଥମିକତା ଦେବେ ବୋଲି ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୮୦ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହର ସଫଳ ଆୟୋଜନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଗାମୀ ସ୍ୱାଧୀନତା ଦିବସକୁ କିଭଳି ଶୃଙ୍ଖଳିତ ଓ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ, ସେ ନେଇ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପ ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆର କେ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଚଳିତ ବର୍ଷର କାର୍ଯ୍ୟକ୍ରମ ରୂପରେଖ ଉପସ୍ଥାପନ କରିବା ସହ



ବୈଠକରେ ଉପସ୍ଥିତ ସଭ୍ୟମାନଙ୍କର ପ୍ରସ୍ତାବ ଲୋଡ଼ିଥିଲେ। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ, ୮୦ ତମ ସ୍ୱାଧୀନତା ଦିବସ ସକାଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ସଂଗୀତମୟ ରାମଧୂନ ପରିବେଷଣ କରାଯିବ। ସକାଳ ୭.୩୦ ମିନିଟ୍ ଠାରୁ ୮.୦ ଟା ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ଡି.ଏନ୍.କେ. ଖେଳ ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରିବେ। ଏହା ସହିତ ସ୍କୁଲ ଓ କଲେଜ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ସହ ଜିଲ୍ଲାରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା ହୋଇଛି। ଅଗଷ୍ଟ ମାସରେ ପଡୁଥିବା କ୍ରାନ୍ତି ଦିବସ ଓ ବିଶ୍ୱ ଜନଜାତି ଦିବସ ଅବସରରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ଗ୍ରାମ ପଞ୍ଚାୟତରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବର୍ଷର ଏହି ୮୦ ତମ ସ୍ୱାଧୀନତା ଦିବସ କୁ ଅଧିକ ବ୍ୟାପକ ଓ ସଫଳ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗକୁ ନିଜ ନିଜର ଦାୟିତ୍ୱ ଠିକ୍ ସମୟରେ ତୁଲାଇବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ପୋଲିସ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ । ବୈଠକ ଆୟୋଜନ କରିବାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ।

## ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଙ୍କ ବଡଚଣା ବନ୍ୟା ଅଞ୍ଚଳ ଗସ୍ତ.. ରିଲିଫ୍ ସମାଗ୍ରୀ ବଣ୍ଟନ ପକ୍ଷପାତିତା ଅଭିଯୋଗରେ ପ୍ରତିବାଦ

ବାଲିଚନ୍ଦ୍ରପୁର, (ମହାଭାରତ) : ମଙ୍ଗଳବାର ବଡ଼ଚଣା ଗସ୍ତରେ ଆସିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ତାଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୧୪/୩.୮.୨୬ ମୁତାବକ ବଡ଼ଚଣା ବ୍ଲକ ର ଗୋପଲପୁର୍ ପଞ୍ଚାୟତ କୁ ଆସି ବନ୍ୟାଞ୍ଚଳ ପରିଦର୍ଶନ କରିବା ଏବଂ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା, ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ଗୋପଲପୁର୍ ପଞ୍ଚାୟତ ରେ ପହଁଞ୍ଚିଲେ ସାଥିରେ ଥିଲେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା ବି.ଜେ.ପି ସଭାପତି ଦେବଯାନୀ ପ୍ରଧାନ ଏବଂ ଅନ୍ୟ ଜିଲ୍ଲା ଓ ବ୍ଲକ ଅଧିକାରୀ ଗଣ, ଗୋପଲପୁର୍ ପଞ୍ଚାୟତ ର ତାରିଣୀ ଛକ ରେ ପହଂଚିବା କ୍ଷଣି ଦଳ ତରଫରୁ ଉପସ୍ଥିତ କାର୍ଯ୍ୟକର୍ତ୍ତା। ମାନେ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ୍ ନାରା ଦେଲା ବେଳକୁ ସେଇ ସମୟରେ ବିଜେଡି ନେତା ଯଶୋଦୀପ୍ତ ସାମଲ ଙ୍କ ନେତୃତ୍ୱରେ ପଞ୍ଚାୟତର ଜନସାଧାରଣ ରିଲିଫ୍ ସମାଗ୍ରୀ ବଣ୍ଟନ ପକ୍ଷପାତିତା ଓ ପାଲ ପାଇ ନଥିବା ନେଇ ସ୍ଲୋଗାନ ଦେଇ ଉପମୁଖ୍ୟମନ୍ତ୍ରୀ ବିଧାୟକ ଙ୍କୁ ଘେରିଥିଲେ , ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗାଡିରୁ ଓହ୍ଲାଇ ଅଭିଯୋଗ କାରୀଙ୍କ ନିକଟକୁ ଯାଇ ସମସ୍ତଙ୍କୁ ପାଲ ଯୋଗାଇ ଦିଆଯିବ ବୋଲି ଘୋଷଣା କରିବାରୁ ଜନସାଧାରଣ ଆଶ୍ୱସ୍ତି ହୋଇଥିଲେ, ତେବେ ଯାଜପୁର ରୋଡ ଏସ.ଡି.ପି.ଓ ଶରତ ଚନ୍ଦ୍ର ପାତ୍ର ଓ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତି ବିରୁଦ୍ଧ ପରିସ୍ଥିତି କୁ ନିୟନ୍ତ୍ରଣ କରିଥିଲେ, ଶ୍ରୀମତୀ ପରିଡା ବନ୍ୟା ପୀଡିତ ଙ୍କ ନିକଟ କୁ ନ ଯାଇ ଫୁଲ ଗାମୁଛା ନେଇ ରାସ୍ତା ରାସ୍ତା ରେ ପଳାଇ ଯାଇଥିବା ଅଭିଯୋଗ ହୋଇଛି, କାଯ୍ୟସୂଚୀ ବାହାରେ ବଡ଼ଚଣା ର ଅନ୍ୟ ଏକ ପଞ୍ଚାୟତ ମଝିପଡା ପଞ୍ଚାୟତ ରାସ୍ତାରେ ହାଇସ୍କୁଲ ପର୍ଯ୍ୟନ୍ତ ଯାଇ ସେଇ ଠାରୁ ପ୍ରତ୍ୟାବର୍ତ୍ତନ କରି ବାଲିକୁଦା ବଜାର ଦେଇ ବରୀ ନିର୍ବାଚନ ମଣ୍ଡଳୀ ଦେଇ ଦଶରଥପୁର ଗସ୍ତ କରିଥିବା ଜଣା ପଡିଛି, କହିବାକୁ ଗଲେ ଉପମୁଖ୍ୟମନ୍ତ୍ରୀ ଙ୍କୁ ଆଜିର ଏହି ବଡ଼ଚଣା ଗସ୍ତରେ ନିନ୍ଦିତ ହେବାକୁ ପଡିଛି।

# ବିଧାୟକଙ୍କ 'ଆଦର୍ଶ ଗ୍ରାମ' ସ୍ୱପ୍ନର ଶୁଭାରମ୍ଭ : ଏମ୍‌ଭି-୯୬କୁ ମଡେଲ ଭିଲେଜ୍ ଭାବେ ଗଢ଼ିବାକୁ ଭୂମିପୂଜନ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପଲ୍ଲୀ ଗ୍ରାମ ପଞ୍ଚାୟତର ଏମ୍‌ଭି-୯୬ ଗ୍ରାମକୁ ବିଧାୟକ ନରସିଂହ ମାଡକାମୀଙ୍କ 'ଆଦର୍ଶ ମଡେଲ ଭିଲେଜ୍' ଭାବେ ବିକଶିତ କରିବା ପାଇଁ ସୋମବାର ଭୂମିପୂଜନ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମଡେଲ ଗ୍ରାମର ବିସ୍ତୃତ ବିକାଶ ଯୋଜନା ସମ୍ବଳିତ ଡିପିଆର (ଉତଜ) ପୁସ୍ତିକାର ମଧ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପ୍ରକଳ୍ପ ନିର୍ଦ୍ଦେଶକ ହଲଧର ଶବର, କାଳିମେଳା ବିଡିଓ ପ୍ରଦୀପ କୁମାର କର, ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ ଓ ହରବିଳାସ ମଣ୍ଡଳ, ବିଜେପି ଉପସଭାପତି ଭବାନୀ ମୁଖାର୍ଜୀ, ବିଜେପି ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର, ଗ୍ରାମ ସଭାପତି ହିମାଂଶୁ ଅଧିକାରୀ, ସରପଞ୍ଚ ପୁଷ୍ପାଞ୍ଜଳି ମାଡକାମୀ, ସମାଜସେବୀ ଉତ୍ତମ କୁମାର ଓଝାଙ୍କ ସମେତ ବହୁ ଜନପ୍ରତିନିଧି, ବିଭିନ୍ନ ବିଭାଗର




ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଡିପିଆର ଅନୁଯାୟୀ ଏମ ଭି-୯୬ ଗ୍ରାମରେ ପ୍ରାୟ ୯୫ ଲକ୍ଷ ଟଙ୍କା ବ୍ୟୟରେ ଆଧୁନିକ କ୍ରୀଡ଼ା ପଡ଼ିଆ, ରନିଂ ଟ୍ରାକ୍ ଓ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା କରାଯିବ, ଯାହା ଫଳରେ ଯୁବକ-ଯୁବତୀମାନେ ରାତିରେ ମଧ ଅଭ୍ୟାସ କରିପାରିବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟରେ ସିଲେଇ ୟୁନିଟ୍ ଓ ପ୍ରୋସେସିଂ ୟୁନିଟ୍ ସ୍ଥାପନ କରାଯିବ। ସ୍କୁଲ ଓ ଅଙ୍ଗନବାଡ଼ି ପାଇଁ ୟୁନିଫର୍ମ ପ୍ରସ୍ତୁତି ସହ ମହୁଲ, ତେନ୍ତୁଳ, ଚିନାବାଦାମ ଓ ଅନ୍ୟାନ୍ୟ ସ୍ଥାନୀୟ ଉତ୍ପାଦର ପ୍ରକ୍ରିୟାକରଣ ଓ ବ୍ରାଣ୍ଡିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଡ୍ରାଗନ ଫ୍ରୁଟ୍ ଚାଷର ପାଇଲଟ୍ ପ୍ରକଳ୍ପ, ଛତୁ ଚାଷ ୟୁନିଟ୍, କୋଲ୍ଡ ଷ୍ଟୋରେଜ୍, ମିନି ଇଣ୍ଡଷ୍ଟ୍ରିଆଲ୍ ପାର୍କ, ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର, ଏଆଇ ଆଧାରିତ ଶିକ୍ଷା, ଡିଜିଟାଲ୍ ସାକ୍ଷରତା, ୟୁଟ୍ୟୁବ୍ ଓ ପ୍ରଯୁକ୍ତି ମାଧ୍ୟମରେ ରୋଜଗାର ସୁଯୋଗ, ମଡେଲ ଟ୍ୟାଙ୍କ, ପାହାଡ଼ ଉପରେ ପର୍ଯ୍ୟଟନସ୍ଥଳୀ, ପ୍ଲାଷ୍ଟିକ୍ ରିସାଇକ୍ଲିଂ ୟୁନିଟ୍, ଚାରିଟି କମ୍ୟୁନିଟି ସେଣ୍ଟର, ୟୁଥ୍ କ୍ଲବ ଭବନ, ଉପସ୍ୱାସ୍ଥ୍ୟ କେନ୍ଦ୍ର, ମୋବାଇଲ୍ ମେଡିକାଲ୍ ଭ୍ୟାନ୍, ପିଡିଏସ୍ ସବ୍-ସେଣ୍ଟର, କ୍ୟାଟଲ୍ ଶେଡ୍, ଷ୍ଟ୍ରିଟ୍ ଲାଇଟ୍ ଓ ଆଧୁନିକ କୃଷି ଓ ଜଳସେଚନ ବ୍ୟବସ୍ଥା ଭଳି ଅନେକ ପ୍ରକଳ୍ପ ହାତକୁ ନିଆଯିବ। ଅତିରିକ୍ତ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ କହିଥିଲେ, ଶିକ୍ଷା, କ୍ରୀଡ଼ା, କୃଷି, ରୋଜଗାର ଓ ସାମାଜିକ ବିକାଶ କ୍ଷେତ୍ରରେ ଗ୍ରାମ ଆଗକୁ ବଢ଼ିଲେ ହିଁ ପ୍ରକୃତ ବିକାଶ ସମ୍ଭବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ ଓ ବଜାର ସଂଯୋଗ ମାଧ୍ୟମରେ ସେମାନଙ୍କ ଆର୍ଥିକ ସଶକ୍ତିକରଣ କରାଯିବ। କାଳିମେଳା ବିଡିଓ ପ୍ରଦୀପ କୁମାର କର କହିଥିଲେ, ସମସ୍ତ ବିଭାଗର ସମନ୍ୱୟ ଓ ଜନସହଭାଗିତାରେ ଆଗାମୀ ଛଅରୁ ସାତ ମାସ ମଧ୍ୟରେ ଡିପିଆରରେ ଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ଦିଆଯିବ। ବିଧାୟକ ନରସିଂହ ମାଡକାମୀ କହିଥିଲେ, ମାର୍ଚ୍ଚ ମାସରେ ଏହି ଆଦର୍ଶ ଗ୍ରାମର ସ୍ୱପ୍ନ ଦେଖାଯାଇଥିଲା। ପରେ ଜିଲ୍ଲାର ସମସ୍ତ ବିଭାଗ ସହ ଆଲୋଚନା କରି ଏହାର ଡିପିଆର ପ୍ରସ୍ତୁତ କରାଯାଇଛି। ବିଦ୍ୟୁତ, ମତ୍ସ୍ୟ, କୃଷି, ଜଳସେଚନ, ଶିକ୍ଷା, ଆଇଟିଡିଏ, ବ୍ଲକ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ସମନ୍ୱୟରେ ଏମ୍?ଭି-୯୬କୁ ଜିଲ୍ଲାର ଏକ ଆଦର୍ଶ ଗ୍ରାମରେ ପରିଣତ କରାଯିବ। ଏହି ଗ୍ରାମର ବିକାଶ ଅନ୍ୟ ଗ୍ରାମ ପାଇଁ ମଧ ଏକ ଦୃଷ୍ଟାନ୍ତ ହେବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ସରକାରୀ ଅର୍ଥ ସହ ଗ୍ରାମବାସୀଙ୍କ ଶ୍ରମଦାନ, ସହଯୋଗ ଓ ପରାମର୍ଶ ଏହି ପ୍ରକଳ୍ପର ସଫଳତାର ମୂଳ ଆଧାର ହେବ। ସମସ୍ତେ ହାତକୁ ହାତ ଓ କାନ୍ଧକୁ କାନ୍ଧ ମିଶାଇ କାମ କଲେ ଏମ୍?ଭି-୯୬ ଏକ ଆଦର୍ଶ ଗ୍ରାମ ଭାବେ ପରିଚିତ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରି ଜିଲ୍ଲାର ଅନ୍ୟ ଗ୍ରାମଗୁଡ଼ିକର ବିକାଶ ପାଇଁ ମଧ ସମାନ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

## ଆବର୍ଜନା ପୂର୍ଣ୍ଣ ଦୂଷିତ କୂଅ ସାଜିଛି ପାନୀୟଜଳର ମାଧ୍ୟମ

ଅସ୍ତରଙ୍ଗ, (ମହାଭାରତ) : ଅସ୍ତରଙ୍ଗ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ସମସ୍ୟା ଦୀର୍ଘ ବର୍ଷ ହେବ ଲାଗିରହିଥିବା ବେଳେ ଅନେକ ସ୍ଥାନରେ କୌଣସି ସୁଧାର ଆସିପାରିନାହିଁ। ଶୁଦ୍ଧ ପାନୀୟ ଜଳ ପ୍ରତ୍ୟେକ ଅଞ୍ଚଳ କୁ ଯୋଗେଇ ଦେବା ପାଇଁ ଗୋଟେ ପଟେ ରାଜ୍ୟ ସରକାର ତତ୍ପର ହେଉଥିବା ବେଳେ ଅନ୍ୟ ପଟେ ପ୍ରଶାସନ ର ତ୍ରୁଟି ପାଇଁ ଏହି ବ୍ୟବସ୍ଥା ରେ କୌଣସି ପରିବର୍ତ୍ତନ ହେଇପାରୁନାହିଁ। ସେମିତି ଏକ ଦୃଶ୍ୟ ଦେଖିବାକୁ ମିଳିଚି ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ନୂଆ କାଳିଆକଣ ଗ୍ରାମରେ ଯେଉଁଠି ଦୀର୍ଘ ବର୍ଷ ହେବ ଗୋଟେ ଖୋଲା କୂଅ ରୁ ଗ୍ରାମବାସୀ ଓ ଅଙ୍ଗନବାଡି କେନ୍ଦ୍ର ରେ ରୋଷେଇ ପାଇଁ ଯାଉଛି ଜଳ। ଏହି ଖୋଲା କୂଅ ର ଅବସ୍ଥା କହିଲେ ନସରେ, ଶିଉଳି, ପୋକର ସାଜିଛି ଗନ୍ତାଘର। ସେହି ଜଳ କୁ ଗ୍ରାମବାସୀ ମାନେ ଘରକୁ ନେଇ ଛାଣିବା ପରେ ନିଜ ଘରେ ରୋଷେଇ କରିବା ସହ ପାନୀୟ ଜଳ ରୂପେ ବ୍ୟବହାର କରିଆନ୍ତି, କେବଳ ସେତିକିନୁହେଁ ଏହି ଦୂଷିତ କୂଅରୁ ନିକଟରେ ଥିବା ଅଙ୍ଗନବାଡିକେନ୍ଦ୍ର ର ଛୋଟ ଛୋଟ କୋମଳମତି ଶିଶୁ ମାନଙ୍କ ପିଇବା ରୋଷେଇ କରିବା ପାଇଁବି ଏହି କୂପ ସାଜିଛି ଏକ ମାତ୍ର ମାଧ୍ୟମ।

# ଚିକିଟି ଜଳସେଚନ ବିଭାଗରେ ବଡ଼ଧରଣର ଦୁର୍ନୀତି ଅଭିଯୋଗ: ତଦନ୍ତ ପାଇଁ କଡ଼ା ନିର୍ଦ୍ଦେଶ

ପାତ୍ରପୁର, (ମହାଭାରତ) : ଗଞ୍ଜାମ ଜିଲ୍ଲା ଚିକିଟି ଜଳସେଚନ ବିଭାଗ ଅଧୀନରେ ଚାଲିଥିବା କେନାଲ୍ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ କୋଟି କୋଟି ଟଙ୍କାର ମହାଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପୁହୁଣ୍ଡି ଓ ହୁକୁମା ମାଇନର କେନାଲର ଉନ୍ନତୀକରଣ ନାଁରେ ସରକାରୀ ଅର୍ଥ ହଡ଼ପ କରାଯାଉଥିବା ନେଇ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିବା ପରେ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଇଞ୍ଜିନିୟର୍-ଇନ୍-ଚିଫ୍ ସ୍ୱତନ୍ତ୍ର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଇଓଙ୍କ ଏହି କଠୋର ଆଭିମୁଖ୍ୟ ପରେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀମାନଙ୍କ ମଧ୍ୟରେ କମ୍ପନ ସୃଷ୍ଟି ହୋଇଛି। ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ପୁହୁଣ୍ଡି ମାଇନର କେନାଲ କାମ ଚଳିତ ବର୍ଷ ଜାନୁଆରୀରୁ ଜୁଲାଇ ୧୫ ମଧ୍ୟରେ ଶେଷ ହେବାର ଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ନକରି, ଜମିକୁ ପାଣି ମାଡ଼ିବା ସମୟ (ଜୁଲାଇ ୧୮) ନିକଟତର ହେବା ପରେ ମନମୁଖୀ ଭାବେ କାମ ଆରମ୍ଭ କରାଯାଇଥିଲା। କୌଣସି ବୈଷୟିକ ଅନୁମୋଦନ କିମ୍ବା ସରକାରୀ ନିୟମକୁ ନ ମାନି ପୁହୁଣ୍ଡି କେନାଲର ୫ଟି ଏବଂ ହୁକୁମା କେନାଲର ୬ଟି ସୁରକ୍ଷିତ 'ୱେଲ୍ ଫଲ୍'କୁ




ବେଆଇନ ଭାବେ ଭାଙ୍ଗି ଦିଆଯାଇଛି। କେବଳ ଜାଲ୍ ବିଲ୍ ପ୍ରସ୍ତୁତ କରି ସରକାରୀ ପାଣ୍ଠି ହଡ଼ପ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଅଭିଯୋଗ ହୋଇଛି। ପାଣି ପଞ୍ଚାୟତର ନିଷ୍ପତ୍ତି ଅନୁଯାୟୀ ଜୁଲାଇ ୨୪ରୁ କେନାଲରେ ପାଣି ଛଡ଼ାଯିବାର ଥିଲା। ମାତ୍ର ପାଣି ଛାଡ଼ିବା ପୂର୍ବରୁ ଏପରି ନିମ୍ନମାନର ଓ ହାତାହାତି କାମ କରି ସ୍ଥାନୀୟ ଚାଷୀଙ୍କ ଭବିଷ୍ୟତ ଓ ଫସଲକୁ ବିପଦ ମୁହଁକୁ ଠେଲି ଦିଆଯାଇଛି। ଗୋଟିଏ ପଟେ ୨ କୋଟି ଟଙ୍କାର ଟେଣ୍ଡର ଚାଲିଥିବା ବେଳେ, ଅନ୍ୟପଟେ ଚ୧ କାଗଜପତ୍ରର କାଳ୍ପନିକ ଦର୍ଶାଇ ପ୍ରତ୍ୟେକ କାମରେ ଅଫଲାଇନରେ ଅତିରିକ୍ତ ୫ ଲକ୍ଷ ଟଙ୍କା ଲେଖି ବ୍ୟାପକ ହେରଫେର କରାଯାଇଛି ।ଏହି ବ୍ୟାପକ ଦୁର୍ନୀତି ବିରୋଧରେ ଜୟନ୍ତୀପୁର ଗ୍ରାମର ସମାଜସେବୀ ସରୋଜ କୁମାର ପଣ୍ଡା ଜଳସେଚନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଇଞ୍ଜିନିୟର୍-ଇନ୍-ଚିଫ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ଜୁନିୟର୍ ଇଞ୍ଜିନିୟର୍ ), ସବ୍-ଡିଭିଜନାଲ୍ ଅଫିସର୍ ଏବଂ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର୍ ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ, ତେବେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସାଙ୍ଗରେ ନେଇ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ବସୁଧା ଯୋଜନା ଠପ୍, ୧୫ ଦିନ ହେଲା ବିଶୁଦ୍ଧ ପାଣିରୁ ବଞ୍ଚିତ ୭୦ ପରିବାର

**ଲକ୍ଷ୍ମୀପୁର,(ମହାଭାରତ):** ଗ୍ରାମାଞ୍ଚଳରେ ପ୍ରତ୍ୟେକ ଘରକୁ ବିଶୁଦ୍ଧ ପିଇବା ପାଣି ପହଞ୍ଚାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ବସୁଧା ଯୋଜନା କାର୍ଯ୍ୟକାରୀ କରିଥିବାବେଳେ, କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଭିତରଗଡ଼ ପଞ୍ଚାୟତର ପୁଟିସିଲ ଗ୍ରାମରେ ଏହି ଯୋଜନା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ପମ୍ପ ହାଉସକୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ଗତ ୧୫ ଦିନ ଧରି ସମ୍ପୂର୍ଣ୍ଣ ଜଳଯୋଗାଣ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଫଳରେ ପ୍ରାୟ ୭୦ ପରିବାର ବିଶୁଦ୍ଧ ପିଇବା ପାଣିରୁ ବଞ୍ଚିତ ହୋଇ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପମ୍ପ ହାଉସକୁ ବିଦ୍ୟୁତ ଯୋଗାଉଥିବା ତାର ଛିଣ୍ଡିଯିବା ପରଠାରୁ ପାଣି ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ବାରମ୍ବାର ବିଦ୍ୟୁତ ବିଭାଗ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି କାମ ହୋଇନଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଚାଲିଛି। ପାନୀୟ ଜଳ ପାଇଁ ଲୋକମାନଙ୍କୁ ବିକଳ୍ପ ଉତ୍ସ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଦୈନନ୍ଦିନ ଜୀବନ ମଧ୍ୟ ବ୍ୟାହତ ହେଉଛି। ଗ୍ରାମବାସୀଙ୍କ ପ୍ରଶ୍ନ, କୋଟି କୋଟି ଟଙ୍କାର ସରକାରୀ ଯୋଜନା ଯଦି ଗୋଟିଏ ବିଦ୍ୟୁତ ତ୍ରୁଟି ସାମ୍ନାରେ ୧୫ ଦିନ ଧରି ଅଚଳ ହୋଇପଡ଼େ, ତେବେ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା କେତେ ସୁଦୃଢ଼? ଲକ୍ଷ ଲକ୍ଷ ଟଙ୍କାର ପ୍ରକଳ୍ପ ଥିଲେ ମଧ୍ୟ ଯଦି ଲୋକଙ୍କୁ ବିଶୁଦ୍ଧ ପିଇବା ପାଣି ମିଳିପାରୁନାହିଁ, ତେବେ ଯୋଜନାର ପ୍ରକୃତ ସଫଳତା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି।



ଏବେ ସମଗ୍ର ପୁଟିସିଲ ଗ୍ରାମର ଏକମାତ୍ର ଦାବି – ଯଥାଶୀଘ୍ର ବିଦ୍ୟୁତ ସଂଯୋଗ ପୁନଃସ୍ଥାପନ କରାଯାଇ ବସୁଧା ଯୋଜନା ମାଧ୍ୟମରେ ଜଳଯୋଗାଣ ସ୍ୱାଭାବିକ କରାଯାଉ, ଯାହାଦ୍ୱାରା ୭୦ ପରିବାର ପୁଣିଥରେ ବିଶୁଦ୍ଧ ପିଇବା ପାଣି ପାଇପାରିବେ।

# ବାଇକ ଦୁର୍ଘଟଣାରେ କନେଷ୍ଟବଳଙ୍କ ମୃତ୍ୟୁ

**ଲାଞ୍ଜିଗଡ, (ମହାଭାରତ):** ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନାର କନେଷ୍ଟବଳ ଭବାନୀ ଶଙ୍କର ସା (୩୪)ଙ୍କ ବାଇକ ଦୁର୍ଘଟଣାରେ ଶନିବାର ରାତିରେ ମୃତ୍ୟୁ ଘଟିଛି ।ସୂଚନାନୁସାରେ ବିଶ୍ୱନାଥପୁର ଥାନାରେ କାର୍ଯ୍ୟରତ କନେଷ୍ଟବଳ ଜଣକ କେଗାଁ ଥାନା ଅନ୍ତର୍ଗତ ଫଟାମୁଣ୍ଡଓ ଗ୍ରାମର ଭବାନୀ ଶଙ୍କର ସା ଶନିବାର ରାତି ପ୍ରାୟ ୯ ଘଣ୍ଟା ସମୟରେ ବାଇକ ଯୋଗେ ପେଟ୍ରୋଲିଙ୍ଗ ପାଇଁ ଯାଉଥିବା ବେଳେ ବକଟପୁର ନିକଟରେ ବାଇକ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନସ ଡକାଇ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ଓ ଡାକ୍ତରଖାନାରେ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରା ଡାକ୍ତର ଖାନାରେ ପହଞ୍ଚି ମୃତଦେହ ଦେଖିଲା ପରେ ବିଶ୍ୱନାଥପୁର ଥାନାର କନେଷ୍ଟବଲ ବୋଲି ଚିହ୍ନଟ କରିଥିଲେ ଏବଂ ଶବ ବ୍ୟବଛେଦ ପାଇଁ ଲାଞ୍ଜିଗଡ ପଠାଇଥିଲେ ଓ ଶନିବାର ରାତି ହୋଇଯାଇଥିବାରୁ ଶବ ବ୍ୟବଛେଦ ହୋଇପାରିଲା ନାହିଁ ରବିବାର ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଗଲା ।ଏ ନେଇ ବିଶ୍ୱନାଥପୁର ଥାନାଧିକାରୀ କଳ୍ପନା ବେହେରାଙ୍କୁ ପଚାରିବାରୁ ସେ ଆମ ଥାନାର କନେଷ୍ଟବଳ ଅଟେ ସେ ପୁରୀରୁ ରଥଯାତ୍ରା ଡିଉଟି ସାରି ଫେରିଥିଲା ଏବଂ ଆଜି ରାତି ପାୟ ୯ ଘଣ୍ଟା ସମୟରେ ବାଇକ ପେଟ୍ରୋଲିଙ୍ଗ ପାଇଁ ଯାଇଥିଲା ଏବଂ ତାର ବାଇକ ଦୁର୍ଘଟଣା ହୋଇଥିଲା । ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ରବିବାର ସକାଳେ କେସିଙ୍ଗା ଏସଡ଼ିପିଓ ସନ୍ଦୀପ ମାଝୀ ମଧ୍ୟ ଆସି ତଦନ୍ତ କରି ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବିଶ୍ୱନାଥପୁର ଥାନାଧିକାରୀ ସୂଚନା ଦେଇଛନ୍ତି ।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ବିଧାୟକ



**ଆଳି,(ମହାଭାରତ) :** ଚଳିତ ବନ୍ୟାରେ ଆଳି ଧୋୟାଞ୍ଚଳର ୧୦ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ୫୦ ହଜାରରୁ ଉର୍ଦ୍ଧ ଲୋକ ଜଳବନ୍ଦୀ ଜୀବନ ବିତାଉଛନ୍ତି। ବିଜେଡି ପକ୍ଷରୁ ଗତ ତିନି ଦିନ ହେବ ଆଳି ଧୋୟାଞ୍ଚଳର ବିଭିନ୍ନ ପଞ୍ଚାୟତରେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆ ଯାଉଥିବା ବେଳେ ରବିବାର ଦିନ ଆଳି ବିଧାୟକ ପ୍ରତାପ କେଶରୀ ଦେବ ବନ୍ୟାଞ୍ଚଳ ପରିଦର୍ଶନରେ ଯାଇ ବନ୍ୟା ପ୍ରପୀଡ଼ିତ ମାନଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ଯୋଗାଇ ଦେଇଛନ୍ତି । ବିଧାୟକ ଶ୍ରୀ ଦେବ ଆଳି ଭୂଇଁପୁର ଠାରୁ ଭୁଟୁଭୁଟି ସାହାଯ୍ୟରେ ସଂସିଧା,ପେତପଡା, ଡ଼ିମିରିପାଳ, ପଦନୀପାଳ ପଞ୍ଚାୟତରେ ପହଞ୍ଚି ବନ୍ୟାପାଣି ଘେରରେ ଥିବା ବନ୍ୟା ପ୍ରପୀଡ଼ିତ ମାନଙ୍କ ସମସ୍ୟା ବୁଝିଥିଲେ। ଏ ନେଇ ବିଧାୟକ ଶ୍ରୀ ଦେବ କହିଛନ୍ତି ଯେ ବନ୍ୟାରେ ସମ୍ପୂର୍ଣ୍ଣ ଭାବେ ଧୋୟାଞ୍ଚଳର ଦଶ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ସରକାରଙ୍କ ପକ୍ଷରୁ ବନ୍ୟା ପ୍ରପୀଡ଼ିତଙ୍କୁ ଯାହା ସହାୟତା ମିଳୁଛି ତାହା ନୈରାଶ୍ୟ ଜନକ । ଯାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

# ପୁରୀ ଜିଲ୍ଲାରେ ୧୪ଟି ପଞ୍ଚାୟତର ୧୯ଟି ଗ୍ରାମ ବନ୍ୟା ପ୍ରଭାବିତ

## ଜିଲ୍ଲାପାଳଙ୍କ ଜଳ ପ୍ଲାବିତ ଅଞ୍ଚଳ ପରିଦର୍ଶନ ଓ ପ୍ରଭାବିତଙ୍କ ସହ ଆଲୋଚନା

**ପୁରୀ :** ଚଳିତ ବନ୍ୟାରେ ପୁରୀ ଜିଲ୍ଲାର ନିମାପଡା, ପିପିଲି,ଡେଲାଙ୍ଗ, ପୁରୀ ସଦର ଓ କଣାସ ବ୍ଲକ ର ମୋଟ ୧୪ ଟି ପଞ୍ଚାୟତ ର ୧୯ ଟି ଗ୍ରାମ ପ୍ରଭାବିତ ହୋଇଛି ।ଏଥିରେ ମୋଟ ୧୭୨୨୧ ଜଣ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି ବୋଲି ଜିଲ୍ଲା ଜରୁରୀ ବିଭାଗ ସୂଚନା ଦେଇଛନ୍ତି। ଏଯାବତ ୩୪୫ ଜଣ ଙ୍କୁ ଉଦ୍ଧାର କରାଯାଇ ଆଶ୍ରୟସ୍ଥଳୀରେ ରଖାଯାଇଛି । ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି ଓ କଣାସ ଦୋକନ୍ଦା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ୩୦୦, ପିପିଲି ବ୍ଲକ କଣ୍ଟି ଆଶ୍ରୟସ୍ଥଳୀରେ ୩୦ ଏବଂ ନିମାପଡା ବ୍ଲକରେ କନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଜଣ ଙ୍କୁ ସୁରକ୍ଷିତ ଭାବରେ ରଖାଯାଇଛି । ଏତଦ ବ୍ୟତୀତ ଆଜି କଣାସ ବ୍ଲକରେ ୧୦ ହଜାର ପାଣି ବୋତଲ ବଣ୍ଟନ କରାଯାଇଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଜି ପୂର୍ବାହ୍ନ ରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନାଙ୍କ ସହ କଣାସର ବନ୍ୟା କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିଥିଲେ ଏବଂ ସ୍ଥିତି ଅନୁଧ୍ୟାନ କରିଥିଲେ ।ଜିଲ୍ଲା ଜରୁରୀ ବିଭାଗର ତଥ୍ୟ ଅନୁସାରେ ନିମାପଡା ବ୍ଲକର ଶଗଡା ପଞ୍ଚାୟତ,ପିପିଲି ବ୍ଲକ ର ପୁବା ଶାସନ, କଣ୍ଟି,ପୋପରଙ୍ଗା,ଓ ଭାରତୀପୁର ପଞ୍ଚାୟତ,କଣାସ ବ୍ଲକର ବଡାଶ, ଦୋକନ୍ଦା, ପାଣ୍ଡିଆକେରା ଓ ଗଡବଳଭଦ୍ରପୁର ପଞ୍ଚାୟତ ଏବଂ ଡେଲାଙ୍ଗ ବ୍ଲକର ସିଂହବରହମପୁର ପଞ୍ଚାୟତ ଓ ପୁରୀ ସଦର ବ୍ଲକର ଗୋପୀନାଥପୁର, କାସିହରେକୃଷ୍ଣପୁର, ଶାସନଦା ମୋଦରପୁର, କାସିହରିପୁର ଗ୍ରାମ ପଂଚାୟତ ପ୍ରଭାବିତ ହୋଇଛି । ପ୍ରଭାବିତ ମାନଙ୍କ ମଧ୍ୟରେ ୪୬ କ୍ୟୁଣ୍ଟାଲ ଚୁଡା ଓ ୫.୩ କ୍ୟୁଣ୍ଟାଲ ଗୁଡ ବଣ୍ଟନ କରାଯାଇଛି ।କୃଷି ବିଭାଗର ପ୍ରାଥମିକ ରିପୋର୍ଟ ଅନୁସାରେ ପ୍ରାୟ ୩୨୯୯ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି ।ଚିକିତ୍ସା ସୁବିଧା ପାଇଁ କଣାସ, ପୁରୀ ସଦର, ପିପିଲି ବ୍ଲକରେ ଗୋଟିଏ ଲେଖାଏଁ ମେଡ଼ିକାଲ ଟିମ ମୁତୟନ କରାଯାଇଛି ।ବନ୍ୟା ର ମୁକାବିଲା ପାଇଁ ପୂର୍ବରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏକ ଆଭାସୀ ବୈଠକ ମାଧ୍ୟମରେ ସମସ୍ତ ବିଡ଼ିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଆବଶ୍ୟକ ସ୍ଥଳେ ଖାଲୁଆ ଅଞ୍ଚଳ ରୁ ଲୋକ ମାନଙ୍କୁ ଉଦ୍ଧାର କରି ନିରାପଦ ଆଶ୍ରୟ ସ୍ଥଳରେ ରଖିବା, ଖାଦ୍ୟ,ପାନୀୟ ଜଳ, ଚିକିତ୍ସା ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥଲେ ।ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରେ ରହିଛି ।ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ବନ୍ୟା ର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେବା ସହ ଅଯଥା ଭୟଭୀତ ନ ହେବାକୁ ଅନୁରୋଧ କରିଛନ୍ତି ।ଅପରପକ୍ଷରେ ଜଳସ୍ତର ହ୍ରାସ ପାଉଛି ବୋଲି ଜଳସେଚନ ବିଭାଗ ସୂଚନା ଦେଇଛନ୍ତି।

# ପୁରୀରୁ ବିସ୍ତାରିତ ହେଉଛି ଓଏସ୍ଆରଟିସିର ଆନ୍ତଃରାଜ୍ୟ ବସ୍ ସେବା

**ପୁରୀ:** ଆଞ୍ଚଳିକ ଓ ଆନ୍ତଃରାଜ୍ୟ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଏସ୍ଆରଟିସ ପୁରୀରୁ ଆସାନସୋଲ, ଅଯୋଧ୍ୟା, ଉଜ୍ଜୟିନୀ, ଭିଲାଇ, କୋଲକାତା, ବେଙ୍ଗାଲୁରୁ ଏବଂ ବିଜୟୱାଡା ପରି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସିଧାସଳଖ ବସ୍ ସେବା ଯୋଗାଇ ଦେଉଛି। ଏହି ସେବା ମାଧ୍ୟମରେ ଯାତ୍ରୀମାନେ ସୁଲଭ ଦରରେ ସୁରକ୍ଷିତ, ଆରାମଦାୟକ ଓ ନିର୍ଭରଯୋଗ୍ୟ ଯାତ୍ରା ସହିତ ବିଭିନ୍ନ ରାଜ୍ୟର ପ୍ରମୁଖ ସହରଗୁଡ଼ିକ ସହ ନିରବିଚ୍ଛିନ୍ନ ଗମନାଗମନର ସୁବିଧା ପାଇପାରୁଛନ୍ତି।

# ଓଳାଶୁଣୀ ପାରା ସଂଘର ପାରା ଉଡ଼ା ପ୍ରତିଯୋଗିତା



**ବାଲିଚନ୍ଦ୍ରପୁର,(ମହାଭାରତ):** ବଡ଼ଚଣା ବ୍ଲକ ବାଲିପଡିଆ ଠାରେ ଓଳାଶୁଣୀ ପାରା ସଂଘ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ପାରା ଉଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ପ୍ରଭୃତି ଜିଲ୍ଲା ରୁ ୨୦ରୁ ଉର୍ଦ୍ଧ୍ୱ ପାରା ଉଡାଳି ଯୋଗଦେଇଥିଲେ,ବାଲିପଡିଆ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାଲେପୁର ପାରା ସଙ୍ଗର ସଭାପତି ନାରାୟଣ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତାଭାବେ ଆଦର୍ଶ ଶିକ୍ଷକ ବିନୋଦ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ଅଜିତ କୁମାର ପ୍ରଧାନ ଯୋଗଦେଇ ପାରା ରଖିବାର ପରମ୍ପରା ଓ ଆଭିମୁଖ୍ୟ ଉପରେ ମତପୋଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଉପେନ୍ଦ୍ର କୁମାର ତ୍ରିପାଠୀ, ନୂର ଖାଁ, ଉପେନ୍ଦ୍ର ମଲିକ , ଶିବପ୍ରସାଦ ସିଂହ ପ୍ରମୁଖ ଯୋଗ ଦେଇ ଏହି ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅଞ୍ଚଳ ସହ ଭାଇଚାରା ର ସମ୍ପର୍କ ଦୃଢୀଭୂତ ହୁଏ ବୋଲି ମତ ରଖିଥିଲେ, ପ୍ରତିଯୋଗିତା ରେ ଯାଜପୁର ଜିଲ୍ଲା ବାଲିପଡିଆ ଗ୍ରାମର ଆକାଶ କୁମାର ମଲିକ ତାଙ୍କର ୪ଗୋଟି ପାରା ୨୨ଘଣ୍ଟା ଧରି ଅକାଶରେ ଉଡାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ପଞ୍ଚୁପାଣ୍ଡବ ଗ୍ରାମର ନୂରଖାଁ ୧୩ଘଣ୍ଟା ୨୩ମିନିଟ ପାରା ଉଡାଇ ଦ୍ୱିତୀୟ ସ୍ଥାନ ଅଧିକାର, କେନ୍ଦ୍ରାପଡା ଜିଲ୍ଲା ଘଣ୍ଟପଦା ଗ୍ରାମର ଟୁଟୁନି ଦାସ ୯ଘଣ୍ଟା ୧୯ମିନିଟ୍ ପାରା ଉଡାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରତିଯୋଗୀତା ରେ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ମଞ୍ଚାସୀନ ଅତିଥି ମାନେ ମାନପତ୍ର ଉତ୍ତରୀୟ, ଫୁଲତୋଡ଼ା, ସିଲ୍ କପ ଓ ନଗଦ ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ।

# ଉମରକୋଟରେ ପୁଣି ଚୋରି

**ଉମରକୋଟ(ମହାଭାରତ):** ଗତ କାଲି ବିଳମ୍ବିତ ରାତିରେ ପୁଣି ଥରେ ଉମରକୋଟ ସହର ଗୁଲିପାଟଣା ଦଶ ନମ୍ବର ୱାର୍ଡ ଉତ୍ତମ ରୟ ଙ୍କ ଘରୁ ଚୋରି ହେଇଛି। ଏହି ଚୋରି ମିଶାଇ ବର୍ତମାନ ପର୍ଯ୍ୟନ୍ତ ୪୮ ଘଣ୍ଟା ରେ ଉମରକୋଟ ସଦର ଥାନା ଅଞ୍ଚଳ ରେ ଲଗାତାର ଚାରୋଟି ଚୋରି ହେଇଥିବାର ଥାନା ରେ ଅଭିଯୋଗ ହେଇଛି। ବର୍ତମାନ ପର୍ଯ୍ୟନ୍ତ ଗୋଟିଏ ବି ଚୋର କୁ ପୋଲିସ ପକ୍ଷରୁ ସନ୍ଧାନ କରିପାରିନାହିଁ। ଗତ ଦୁଇ ଦିନ ପୂର୍ବରୁ ଉମରକୋଟ ସହର ମଧ୍ୟରେ ଗୋଟିଏ ଚୋରି ଓ ସ୍ଥାନୀୟ ନୂଆଗୁଡା ଅଞ୍ଚଳ ରେ ଦୁଇଟି ଚୋରି ହେଇଥିଲା। ଯେଉଁଥିରେ ଲକ୍ଷା ଧିକ ଟଙ୍କା, ସୁନା ଅଳଂକାର ଓ ମୋବଇଲ ଫୋନ୍ ସାମିଲ ଥିବା ବେଳେ। ସେମାନଙ୍କୁ ଧରିବାକୁ ଏବେ ଯାଏ ପୋଲିସ ବିଫଳ ହେଇଛି। ସେହିପରି ସମାନ ଢଙ୍ଗରେ ଗୁଲିପାଟଣା ରେ ରବିବାର ବିଳମ୍ବିତ ରାତିରେ ଚୋର ମାନେ ଘରେ ନଥିବା ର ସୁଯୋଗ ପାଇ ଉତ୍ତମ ଙ୍କ ଘରୁ ସୁନା ଚେନ,୪ ଟି ସୁନା ମୁଦି,ଗୋଟିଏ ମଙ୍ଗଳ ସୂତ୍ର, ଗୋଟେ ସୁନା ଲକେଟ, ନଗଦ ୧୫୦୦୦ ଟଙ୍କା ଓ ଦୋକାନ ରୁ ସାମଗ୍ରୀ ଚୋରି କରି ଛୁ ମାରିଛନ୍ତି। ଏ ସମ୍ପର୍କ ରେ ସ୍ଥାନୀୟ ଲୋକେ ଓ ମହିଳା ପୋଲିସ ବିରୁଦ୍ଧରେ ଗଣମାଧ୍ୟମ ପ୍ରତିନିଧି ଆଗରେ ବିଶୋଦଗାର କରିଥିଲେ. ସେହିପରି ସେହି ସାହି ବାସିନ୍ଦା ଆଲୋକ ମିତ୍ର ଙ୍କ କହିବା ଅନୁଯାୟୀ ପ୍ରତିଦିନ ସାହି ରେ ଅସମାଜିକ ପିଲାମାନେ ନିଶା ଟାଣି ଅସଂଯତ ଅବସ୍ଥାରେ ରହୁଛନ୍ତି। ଯାହା ପାଇଁ ଝିଅ ବୋହୁ ଚଳିବା କଷ୍ଟ ହେଇପଡିଛି। ପୋଲିସ ପାଖରେ ସଠିକ ଗୁଇନ୍ଦା ଖବର ନଥିବାରୁ ଚୋର ଧରିବା ରେ ପୋଲିସ ଅସଫଳ ହେଉଛନ୍ତି ବୋଲି ଗଣମାଧ୍ୟମ କୁ ସଫେଇ ଦେଇଛନ୍ତି ।ସେପଟେ ଦୁଇ ଦିନ ରେ ଚାରି ଚାରୋଟି ଚୋରି କୁ ନେଇ ଉମରକୋଟ ଅଞ୍ଚଳ ରେ ପୋଲିସ ପ୍ରଶାସନ ଉପରେ ସାଧାରଣ ଲୋକ ଙ୍କ ଭରଷା ତୁଟୁ ଥିବା ସାଧାରଣ ରେ ମତ ପ୍ରକାଶ ପାଇଛି।

# ଭଡ଼ା ନ ଦେବାରୁ ବ୍ୟାଙ୍କରେ ତାଲା ପକାଇଲେ ଘର ମାଲିକ

**ଉମରକୋଟରେ,(ମହାଭାରତ):** ଉମରକୋଟରେ ଆଜି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଘର ଭଡା ଚକ୍ତିକୁ କେନ୍ଦ୍ର କରି ବ୍ୟାଙ୍କ ଅଫ୍ ବରୋଦା ଶାଖା ସମ୍ମୁଖରେ ଉତ୍ତେଜନା ଦେଖାଦେଇଛି। ଚୁକ୍ତିର ମିଆଦ ଶେଷ ହୋଇଥିଲେ ମଧ୍ୟ ନୂଆ ଚୁକ୍ତି ନ ହେବାର ଅଭିଯୋଗ କରି ଘର ମାଲିକଙ୍କ ପୁଅ ବ୍ୟାଙ୍କର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଅଭିଯୋଗ ଅନୁସାରେ, ପ୍ରାୟ ୧୦ ବର୍ଷ ପୂର୍ବରୁ ଉଦିପ୍ତ ଚୌଧୁରୀଙ୍କ ପିତା ଜୀବିତ ଥିବା ସମୟରେ ଉମରକୋଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ନିଜ ଘରକୁ ବ୍ୟାଙ୍କ ଅଫ୍ ବରୋଦାକୁ ଭଡାରେ ଦେଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିବା ଚୁକ୍ତିର ଅବଧି ଶେଷ ହୋଇ ପ୍ରାୟ ସାତ ମାସ ବିତିଯାଇଥିଲେ ମଧ୍ୟ ବ୍ୟାଙ୍କ ପକ୍ଷରୁ ନୂତନ ଚୁକ୍ତି କରାଯାଉନଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଘର ମାଲିକଙ୍କ ପୁଅ ଆଜି ବ୍ୟାଙ୍କର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଫଳରେ କିଛି ସମୟ ପାଇଁ ବ୍ୟାଙ୍କର କାର୍ଯ୍ୟକଳାପ ପ୍ରଭାବିତ ହୋଇଥିବାର ଜଣା ପଡିଛି ।

# କୃଷି ବିଭାଗ ଯୋଡା ବ୍ଲକ ଆନୁକୂଲ୍ୟରେ ବାସ୍ନାଧାନ ଚାଷ



**ଯୋଡା,(ମହାଭାରତ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ଚଳିତବର୍ଷ ଜଜାଙ୍ଗ ପଞ୍ଚାୟତରେ ସୁବାଶିତ ବା ବାସ୍ନା ଧାନ (ପାର୍ବତୀ କିସମ)ର ୨୮ ଜଣ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି । ପାଖାପାଖି ୨୦ ଏକର ଜମିରେ ସୁବାଶିତ ଧାନକୁ ଧାଡିରୁଆ କରିଛନ୍ତି । ଏହାର ଅମଳ ଏକର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ଅମଳ ହେବାର ଆଶା ରଖିଛନ୍ତି ।ବାସ୍ନା ଚାଉଳର ଚାହିଦା ଅଧିକ ଥିବାରୁ ଚାଷୀମାନେ ଚାଉଳ କିଲୋ ପ୍ରତି ୮୦ ରୁ ୧୦୦ ଟଙ୍କା ମଧ୍ୟରେ ବିକ୍ରି କରିବେ । ଏବଂ ଭଲ ଦୁଇ ପଇସା ଅମଳ କରି ରୋଜଗାରକ୍ଷମ ହୋଇପାରିବେ । ବିଗତବର୍ଷ ଏହି ପଞ୍ଚାୟତରେ ଜଣେ ମାତ୍ର ଚାଷୀ ଏକ ଏକରରେ ଏହି ବାସ୍ନା ଧାନ ଚାଷ କରିଥିଲେ । ଏଥିରେ ଅନ୍ୟ ଚାଷୀମାନେ ଅନୁପ୍ରାଣିତ ହୋଇ ଚଳିତବର୍ଷ ଅଧିକ ଜମିରେ ଏହି ଚାଷ କରୁଛନ୍ତି । ଏହି ଚାଷର ପ୍ରସାର ହେଲେ ଚାଷୀ ମାନେ ଧାନ ବିକ୍ରି ନିମନ୍ତେ ସରକାରୀ ମଣ୍ଡି ଉପରେ ନିର୍ଭର କରିବେ ନାହିଁ ବୋଲି ମତପ୍ରକାଶ ପାଇଛି । କାରଣ ମଣ୍ଡିରେ ଧାନ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଠାରୁ ବହୁତ ଅଧିକା ଦରରେ ଚାଷୀ ବିକ୍ରି କରି ରୋଜଗାରକ୍ଷମ ହୋଇପାରିବେ । ତେବେ ଚାଷର ପ୍ରସାର ନିମନ୍ତେ ଯୋଡା ବ୍ଲକ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡା,ସହାୟକ କୃଷି ଅଧିକାରୀ ଦେବବ୍ରତ ମିଶ୍ରଙ୍କ ସମେତ ଅନ୍ୟ କୃଷି ଅଧିକାରୀ ମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି । ଗ୍ରାମର ଚାଷୀ ମାନଙ୍କର ଆଗ୍ରହ ଦେଖି ଚଳିତବର୍ଷ କୃଷକ କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ ଉକ୍ତ ଗ୍ରାମରେ ନିଆଯାଇଛି । ଏହିପରି କାର୍ଯ୍ୟକ୍ରମ ହେଲେ ଅଧିକ ପରିମାଣର ଚାଷ ହୋଇପାରିବ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି ।

# ରାୟଗଡ଼ ଠାରେ ଜିଲ୍ଲାପାଳଙ୍କର ଯୁଗ୍ମଅଭିଯୋଗ ଶୁଣାଣି




**ରାୟଗଡ଼ (ମହାଭାରତ):** ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରାସାଦ, ବନ ବିଭାଗର ଅଧିକାରୀ ଶ୍ରୀ ସଚିନ୍ ଆଓ୍ୱା ସାହେବ ଓହଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର, ଉପ ଜିଲ୍ଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ମୋଟ ୮୩ଟି ଅଭିଯୋଗ ପଞ୍ଜିକୃତ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ୫୮ ଏବଂ ୧୭ ଟି ସାମୁହିକ ଅଭିଯୋଗ ଶୁଣାଣି କରାଯାଇଥିଲା। ଉକ୍ତ ଅଭିଯୋଗ ଶୁଣାଣିରେ ରେଡକ୍ରୋସ ପାଣ୍ଠିରୁ ୮ଜଣଙ୍କୁ ୧ ଲକ୍ଷ ୨୭ ହଜାର (୧, ୨୭, ୦୦୦)ଟଙ୍କା ଆବଶ୍ୟକୀୟ ବ୍ୟକ୍ତିଙ୍କୁ ପ୍ରଧାନ କରାଯଇଥିବାବେଳେ ୧୭ଟି ଅଭିଯୋଗର ତୁରନ୍ତ ଫଇସଲା ହୋଇଥିଲା। ଅନ୍ୟ ଅଭିଯୋଗ ଗୁଡିକ ସମ୍ପୃକ୍ତ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ସ୍କୁଲରେ ନାହାନ୍ତି ଶିକ୍ଷକ, ଛାତ୍ରଛାତ୍ରୀ ତାତିଲେ, ବିଦ୍ୟାଳୟରେ ତାଲା ମାରିଲେ



**ଗୋଲାମୁଣ୍ଡ,:** କଳାହାଣ୍ଡିଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ କେଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକନାହାନ୍ତି। ଏଣୁ ଠିକ୍ ସମୟରେ ପାଠପା ହୋଇପାରୁନାହିଁ ।ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମ ଶେଷ ହେଉନାହିଁ। ପୂର୍ବରୁ ଏନେଇ ଅଭିଭାବମାନେ ଅନେକ ଥର ଅଭିଯୋଗ କରିଥିଲେ, କେହି ଶୁଣୁନଥିଲେ। ଶେଷରେ ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏନେଇ ଅଣ୍ଟାଭିଡ଼ିଛନ୍ତି। ବିଦ୍ୟାଳୟ ଫାଟକରେ ତାଲା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।ଶିକ୍ଷକ ଓ ବିଦ୍ୟାଳୟ ସମସ୍ୟାର ସମାଧାନ ପାଇଁ ବ୍ଲକ୍ସ୍ତରରେ ଖୋଲିବ ଅଭିଯୋଗ ପ୍ରକୋଷ୍ଠବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୮୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ସମ୍ପ୍ରତି ୩ଜଣ ଶିକ୍ଷକ ଓ ଜଣେ ଶିକ୍ଷୟତ୍ରୀ ଅଛନ୍ତି । ବର୍ତ୍ତମାନ ୨ ଜଣ ଶିକ୍ଷକ ଜନଗଣନା କାମରେ ନିୟୋଜିତ ହୋଇଥିବା ବେଳେ ଅନେକ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ଅନ୍ୟ ୨ ଜଣ ଶିକ୍ଷକ ବିଦ୍ୟାଳୟ ଦାୟିତ୍ୱରେ ରହିଥିବାରୁ ବିଦ୍ୟାଦାନରେ ଅବହେଳା ହେଉଛି। ବିଦ୍ୟାଳୟ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଆଜି ସ୍କୁଲ ବିଦ୍ୟାଳୟ ଖୋଲିବା ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଭିତରକୁ ନଯାଇ ଫାଟକ ସମ୍ମୁଖରେ ଅଟକି ରହିଥିଲେ। ପ୍ରାୟ ୧ ଘଣ୍ଟା ଛାତ୍ରଛାତ୍ରୀ ଗେଟ ସମ୍ମୁଖରେ ଠିଆ ହୋଇ ରହିଥିଲେ। ଦାୟିତ୍ୱରେ ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ଅନେକ ବୁଝାସୁଝା କରିଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଶୁଣିନଥିଲେ ।ଏହି ସମୟରେ ଉକ୍ତ ରାସ୍ତା ଦେଇ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଆଗ୍ରୱାଲ ଯାଉଥିବା ବେଳେ ଛାତ୍ରଛାତ୍ରୀ ତାଙ୍କ ଗାଡିକୁ ଅଟକାଇଥିଲେ। ଛାତ୍ରଛାତ୍ରୀଙ୍କଠାରୁ ବିଦ୍ୟାଳୟରେ ଥିବା ଅସୁବିଧା ଶୁଣି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରି ଗେଟ ଖୋଲିଥିଲେୟ ୩ ଘଣ୍ଟାରୁ ଅଧିକ ସମୟ ବିଦ୍ୟାଳୟରେ ରହିଥିଲେ। ଶିକ୍ଷକ ସମସ୍ୟା ବିଷୟରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ କଥାବର୍ତ୍ତା ହୋଇ ଖୁବ କମ ଦିନ ମଧ୍ୟରେ ଶିକ୍ଷକ ସମସ୍ୟା ଦୂର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟରେ ଥିବା ପାନୀୟ ଜଳ ସମସ୍ୟା ଓ ଅନ୍ୟାନ୍ୟ ସମସ୍ୟା ବୁଝି ବିଦ୍ୟାଳୟ ମଧ୍ୟକୁ ଗୋଲାମୁଣ୍ଡା ବିଡିଓ ବିଶ୍ୱନାଥ ରାଉତ ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଡ଼କାଇ ଯଥାଶୀଘ୍ର ସମସ୍ତ ସମସ୍ୟା ସମାଧାନ କରିବାକୁ କହିଥିଲେ। ପରେ ଉପଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ ସହିତ ବିଦ୍ୟାଳୟରେ ମଧ୍ୟାଓ ଭୋଜନ ମଧ କରିଥିଲେ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ମାଡ୍ରାସ ହାଇକୋର୍ଟରୁ ଉଦୟନିଧିଙ୍କୁ ଆଶ୍ୱସ୍ତି, ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଚେନ୍ନାଇ : ପଚରାଉଚରା ପରେ ଉଦୟନିଧି ଷ୍ଟାଲିନଙ୍କୁ ଛାଡିବାକୁ ନିର୍ଦ୍ଦେଶ ଦେଲେ ମାଡ୍ରାସ ହାଇକୋର୍ଟ । ତାମିଲନାଡୁ ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ ଫିଲ୍ମ ଅଭିନେତ୍ରୀ ତ୍ରିଷାଙ୍କୁ ନେଇ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେବା ଘଟଣାରେ ଗିରଫ ହୋଇଥିଲେ । ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ପ୍ରାୟ ୪ ଘଣ୍ଟା ପରେ ପୋଲିସ ମୁକ୍ତ କରିଛି । ଡିଏମକେ ନେତା ଷ୍ଟାଲିନଙ୍କୁ ତଦନ୍ତରେ ସହାୟତା କରିବାକୁ କହିଛନ୍ତି ହାଇକୋର୍ଟ । ତ୍ରିଷା କୃଷ୍ଣନଙ୍କୁ ନେଇ କଥିତ ବିବାଦୀୟ ମନ୍ତବ୍ୟ ମାମଲାରେ ଗିରଫ ହୋଇଥିବା ତାମିଲନାଡୁ ବିଧାନସଭାର ବିରୋଧୀ ଦଳ ନେତା ଓ ଡିଏମକେ ବିଧାୟକ ଉଦୟନିଧି ଷ୍ଟାଲିନଙ୍କୁ ପଚରାଉଚରା ପରେ ମୁକ୍ତ କରିବାକୁ ମାଡ୍ରାସ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ କୋର୍ଟଙ୍କୁ ଜଣାଇଥିଲେ ଯେ, ପୁଲିସ ଉଦୟନିଧିଙ୍କୁ କେବଳ ପଚରାଉଚରା ପାଇଁ ଗିରଫ କରିଛି ଏବଂ ତାଙ୍କୁ ନ୍ୟାୟିକ ହାଜତକୁ ପଠାଇବାର କୌଣସି ଉଦ୍ଦେଶ୍ୟ ନାହିଁ । ଏହାପରେ ହାଇକୋର୍ଟ ପଚରାଉଚରା ଶେଷ ହେବା ପରେ ସେହି ଦିନ ଷ୍ଟେସନ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସହ ତଦନ୍ତରେ ସହଯୋଗ କରିବାକୁ ଉଦୟନିଧିଙ୍କୁ କହିଛନ୍ତି । ଗତକାଲି କାବେରୀ ଜଳ ପ୍ରସଙ୍ଗରେ ତଞ୍ଜାଭୁରରେ ଡିଏମକେର ଏକ ପ୍ରତିବାଦ ସଭାରେ ଉଦୟନିଧିଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଟିଭିକେ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ତାଙ୍କ ମନ୍ତବ୍ୟ ଅଭିନେତ୍ରୀ ତ୍ରିଷା କ୍ରିଷ୍ଣନଙ୍କ ପ୍ରତି ଅପମାନଜନକ ଏବଂ ଦ୍ୱିଅର୍ଥବୋଧକ ଥିଲା । ଏହାକୁ ନେଇ ଏକାଧିକ ଧାରାରେ ମାମଲା ରୁଜୁ ହେବା ପରେ ମଙ୍ଗଳବାର ସକାଳେ ଚେନ୍ନାଇସ୍ଥିତ ବାସଭବନରୁ ପୋଲିସ ତାଙ୍କୁ ଗିରଫ କରିଥିଲା ।

# ବିଦେଶରୁ ୨୭୪ ଜଣ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଲା ଭାରତ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ମାର୍ଗଦର୍ଶନରେ ପଳାତକ ଅପରାଧୀଙ୍କ ବିରୋଧରେ ଏକ ନିର୍ଣ୍ଣାୟକ ଆଭିମୁଖ୍ୟ ଗ୍ରହଣ କରି ଭାରତ ୨୦୧୯ ଠାରୁ ୩୬ଟି ଦେଶରୁ ୨୭୪ ଜଣ ପଳାତକ ଅପରାଧୀଙ୍କୁ ଫେରାଇ ଆଣିଛି । ପଳାତକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ୨୦୧୮ରେ ପଳାତକ ଆର୍ଥିକ ଅପରାଧ ଆଇନ ପ୍ରଣୟନ କରିଥିଲେ । ଗୃହମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଭାରତ ପଳାତକମାନଙ୍କ ବିରୋଧରେ ଏକ ସମନ୍ୱିତ, ଗୁଇନ୍ଦା-ଆଧାରିତ ଏବଂ ପ୍ରଯୁକ୍ତିବିଦ୍ୟା ପରିଚାଳିତ ମଡେଲ ବିକଶିତ କରିଛି, ଯାହା ସେମାନଙ୍କ ବିରୋଧରେ କଠୋର ପଦକ୍ଷେପ ପାଇଁ ପଥ ପରିଷ୍କାର କରିଛି ଏବଂ ସେମାନଙ୍କୁ ଭାରତକୁ ଫେରାଇ ଆଣିବା ସହଜ କରିଛି ।




ଅମିତ ଶାହ ମଙ୍ଗଳବାର ଦିନ କହିଛନ୍ତି, ୨୦୧୪ ପୂର୍ବରୁ ଦେଶର ପ୍ରତ୍ୟର୍ପଣ ବ୍ୟବସ୍ଥା ପୁରୁଣା ହୋଇଯାଇଥିଲା ଏବଂ ଭାରତର କେବଳ ୩୭ଟି ଦେଶ ସହିତ ପ୍ରତ୍ୟର୍ପଣ ଚୁକ୍ତି ଥିଲା । ଆର୍ଥିକ ପଳାତକମାନଙ୍କୁ ମୁକାବିଲା କରିବା କିମ୍ବା ସେମାନଙ୍କ ସମ୍ପତ୍ତି ଜବତ କରିବା ପାଇଁ କୌଣସି ଉତ୍ସର୍ଗୀକୃତ ଆଇନ ମଧ୍ୟ ନଥିଲା । ୨୦୦୪ରୁ ୨୦୧୩ ମଧ୍ୟରେ, ଭାରତ ପ୍ରତିବର୍ଷ ହାରାହାରି ମାତ୍ର ଚାରି ଜଣ ପଳାତକଙ୍କ ପ୍ରତ୍ୟର୍ପଣ ହାସଲ କରିଥିଲା, ଯେତେବେଳେ କି ୧୧୦ଟି ପ୍ରତ୍ୟର୍ପଣ ଅନୁରୋଧ ବିଚାରାଧୀନ ରହିଥିଲା । ୨୦୨୪ରେ ମୋଦୀ ସରକାର ପଳାତକ ଅପରାଧୀଙ୍କ ସହ ଜଡିତ ସ୍ୱତନ୍ତ୍ର ବ୍ୟବସ୍ଥା ଅନ୍ତର୍ଭୁକ୍ତ କରି ତିନୋଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରିଥିଲେ । ପ୍ରଥମ ଥର ପାଇଁ, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବି. ଏନ୍. ଏସ୍. ଏସ୍.)ର ଧାରା ୩୫୫ ଏବଂ ୩୫୬ ଅପରାଧିକଙ୍କ ଅନୁପସ୍ଥିତିରେ ବିଚାର ପାଇଁ ବ୍ୟବସ୍ଥା କରିଥାଏ, ଯାହା ପଳାତକ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମଧ୍ୟ ବିଚାର ଠାରୁ ଆରମ୍ଭ କରି ଅଭିଯୋଜନ ପର୍ଯ୍ୟନ୍ତ ସମଗ୍ର ନ୍ୟାୟିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବାରେ ସକ୍ଷମ କରିଥାଏ ।

ମୋଦୀ ସରକାର ଅଧିକ କଠୋରତାର ସହ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମଏଲଏ) ଲାଗୁ କରିଛନ୍ତି । ପିଏମଏଲଏକୁ କଡାକଡି ଭାବେ ଲାଗୁ କରି ମୋଦୀ ସରକାର ୨୦୧୯ରୁ ୨୦୨୬ ମଧ୍ୟରେ ପଳାତକ ଅପରାଧୀଙ୍କ ୧୭,୮୭୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛନ୍ତି । ପଳାତକମାନଙ୍କୁ ଠାବ କରିବା ଏବଂ ଗିରଫ କରିବା ଲାଗି ଅନ୍ତର୍ଜାତୀୟ ପ୍ରୟାସକୁ ସୁଦୃଢ଼ କରିବା ଲାଗି କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋର (ସି. ବି. ଆଇ.) ଏକ ସ୍ୱତନ୍ତ୍ର ବିଶ୍ୱସ୍ତରୀୟ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରିଛି । କେନ୍ଦ୍ର ଇଣ୍ଟରପୋଲ ମାଧ୍ୟମରେ ସମଗ୍ର ବିଶ୍ୱର ପୋଲିସ ଏଜେନ୍ସି ସହିତ ବାସ୍ତବ ସମୟରେ ସମନ୍ୱୟ ରକ୍ଷା କରିଥାଏ, ଯାହାଦ୍ୱାରା ପଳାତକମାନଙ୍କୁ ଦ୍ରୁତ ଟ୍ରାକ୍ ଏବଂ ଚିହ୍ନଟ କରାଯାଇପାରିବ । ଦ୍ରୁତ ସୂଚନା ବିନିମୟକୁ ସୁଗମ କରିବା ପାଇଁ, ସିବିଆଇ ପ୍ରତ୍ୟେକ ରାଜ୍ୟ ତଥା ସମସ୍ତ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥାରେ ଇଣ୍ଟରପୋଲ ଯୋଗାଯୋଗ ଅଧିକାରୀଙ୍କୁ ମଧ୍ୟ ମନୋନୀତ କରିଛି, ଯାହା ପଳାତକ ତଦନ୍ତରେ ସମନ୍ୱୟ ଏବଂ ଅନ୍ତର୍ଜାତୀୟ ସହଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି । ଗତ କିଛି ବର୍ଷ ମଧ୍ୟରେ ଇଣ୍ଟରପୋଲ ଜାରି କରିଥିବା ରେଡ୍ କର୍ଣ୍ଣର ନୋଟିସ୍ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୨୨ରେ ୪୦ ଟି ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଥିବାବେଳେ ୨୦୨୩ରେ ୧୦୦ଟି, ୨୦୨୪ରେ ୧୦୭ଟି, ୨୦୨୫ରେ ୧୧୨ଟି ଏବଂ ୨୦୨୬ରେ ଏପର୍ଯ୍ୟନ୍ତ ୧୬୨ ଟି ଜାରି ହୋଇସାରିଛି । ପଳାତକ ଅପରାଧୀମାନଙ୍କୁ ଠାବ କରିବା ପାଇଁ ପ୍ରୟାସକୁ ସୁଦୃଢ଼ କରିବା ପାଇଁ, ପଳାତକ ଅପରାଧୀମାନଙ୍କୁ ସଠିକ ସ୍ଥାନରେ ଠାବ କରିବା ପାଇଁ ଅପରେସନ ତ୍ରିଶୂଳ ଆରମ୍ଭ କରାଯାଇଥିଲା ।

ଏହି ପଦକ୍ଷେପ ଅଧୀନରେ, ଇଣ୍ଟରପୋଲର ସହାୟତାରେ, ସାଟେଲାଇଟ୍ ସୂଚନା, ତଦାରଖ ଏବଂ ଡିଜିଟାଲ୍ ଫୁଟପ୍ରିଣ୍ଟ ବିଶ୍ଳେଷଣ ବ୍ୟବହାର କରି ଲୁଚିଥିବା ପଳାତକଙ୍କ ଅବସ୍ଥାନ ଚିହ୍ନଟ କରାଯାଇଥିଲା । ଅନେକ ପଳାତକ ବିଦେଶରେ ରହୁଥିବା ସମୟରେ ସେମାନଙ୍କ ନାମ କିମ୍ବା ପରିଚୟ ପରିବର୍ତ୍ତନ କରିଥିଲେ । ତଥାପି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରୋଫାଇଲ୍ ମ୍ୟାପିଂ ବ୍ୟବହାର ମାଧ୍ୟମରେ, ଭାରତୀୟ ଏଜେନ୍ସିମାନେ ସେମାନଙ୍କୁ ଚିହ୍ନଟ ଏବଂ ପାଇବାରେ ସକ୍ଷମ ହୋଇଥିଲେ । ପ୍ରତ୍ୟର୍ପଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜ୍ଞାନକୌଶଳର ମଧ୍ୟ ଲାଭ ଉଠାଯାଇଛି, ଯେଉଁଥିରେ ଅଦାଲତର ଶୁଣାଣି ପାଇଁ ଭିଡିଓ କନଫରେନ୍ସିଂର ବ୍ୟବହାର ଅନ୍ତର୍ଭୁକ୍ତ, ଯାହା ଦ୍ୱାରା ଆଇନଗତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ ମିଳିଥାଏ । ଗତ ତିନି ବର୍ଷ ମଧ୍ୟରେ ୪୦୧ ଜଣ ପଳାତକ ଅପରାଧୀଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଛି ।

## ଗୁଜରାଟରେ ଚାନ୍ଦିପୁରା ଭାଇରସ୍, ୨୨ ଶିଶୁ ମୃତ




ଗୁଜରାଟ: ଗୁଜରାଟରେ ଚାନ୍ଦିପୁରା ଭାଇରସ୍ ଆତଙ୍କ । ଏହି ଆତଙ୍କ ଯୋଗୁଁ ୨୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି । ଗୁଜରାଟରେ ମାରାତ୍ମକ ଚାନ୍ଦିପୁରା ଭାଇରସର ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି । ସାଧାରଣ ଜ୍ୱର ଭଳି ଦେଖାଯାଉଥିବା ଏହି ରୋଗ କିଛିଦିନ ଭିତରେ ମସ୍ତିଷ୍କକୁ ଆକ୍ରାନ୍ତ କରି ଜୀବନପ୍ରତି ବିପଦ ସୃଷ୍ଟି କରୁଛି । ଗୁଜରାଟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫୁଲ୍ଲ ପାନସେରିୟାଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ମୋଟ ୧୮୪ ଜଣ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୩୫ ଜଣଙ୍କଠାରେ ଏହି ଭାଇରସ୍ ପଜିଟିଭ୍ ଚିହ୍ନଟ ହୋଇଛି । ବର୍ତ୍ତମାନ ୭ଜଣ ଶିଶୁ ଆଇସିୟୁରେ ରହିଛନ୍ତି । ସ୍ୱତନ୍ତ୍ର ଡାକ୍ତରୀ ଦଳ ଆକ୍ରାନ୍ତ ଶିଶୁମାନଙ୍କୁ ଭେଣ୍ଟିଲେଟର ଏବଂ ଅକ୍ସିଜେନ ସହାୟତାରେ ଚିକିତ୍ସା ଯୋଗାଇ ଦେଉଛନ୍ତି । କିନ୍ତୁ ଏଥିରେ ଆକ୍ରାନ୍ତ ହୋଇଥିବା ମୋଟ ୨୨ ଜଣ ଶିଶୁଙ୍କର ମୃତ୍ୟୁ ଘଟିଛି । ଅନ୍ୟପଟେ ଏହି ଭାଇରସ୍ ମୁଖ୍ୟତଃ ମାଛି କାମୁଡ଼ିବା ଦ୍ୱାରା ବ୍ୟାପିଥାଏ । ଏହି ଭାଇରସ୍ ସଂକ୍ରମଣର ଲକ୍ଷଣ ହେଲା ଶୀଘ୍ର ମସ୍ତିଷ୍କ ଏବଂ ଏକାଧିକ ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇପଡ଼ିବ । ?ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଟି ଘରର କାନ୍ଥରେ ଥିବା ଫାଟକୁ ମରାମତି କରିବା ଏବଂ କୀଟନାଶକ ସ୍ପ୍ରେ କରିବାକୁ ପରାମର୍ଶ ଦିଆଯାଇଛି । ପିଲାମାନଙ୍କ ଠାରେ ଜ୍ୱର, ବାନ୍ତି ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଗଲେ ବିଳମ୍ବ ନକରି ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

# କେଜ୍ରିୱାଲଙ୍କୁ ପଦଯାତ୍ରା ବେଳେ ଅଟକାଇଲା ପୋଲିସ, ଧାରଣାରେ ବସିଲେ ଆପ୍ ନେତା

ନୂଆଦିଲ୍ଲୀ : ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଅଟକାଇଲା ପୋଲିସ । ଇ-୨୦ ଅଭିଯୋଗ ନେଇ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରୁଥିବାବେଳେ ପୋଲିସ ତାଙ୍କୁ ଫିରୋଜଶାହା ରୋଡରେ ଅଟକାଇଛି । ପୋଲିସର କାର୍ଯ୍ୟାନୁଷ୍ଠାନ ବିରୋଧରେ ଆମ ଆଦମୀ ପାର୍ଟିର ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କେଜରିୱାଲଙ୍କ ସହ ମନୀଷ ସିସୋଦିଆ ଏବଂ ସଞ୍ଜୟ ସିଂହ, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ଯୋଗ ଦେଇଛନ୍ତି । କେଜ୍ରିୱାଲ କହିଛନ୍ତି, ଆମେ ୨ ଲକ୍ଷ ୩୦ ହଜାର ଆବେଦନପତ୍ର ନେଇ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଉଛୁ । ଆମ ସହିତ ୧୦୦ ଜଣ ଲୋକ ଅଛନ୍ତି, ଯାହାଙ୍କ ଗାଡ଼ି ଇ-୨୦ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି । ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ସ୍ୱର ଶୁଣିବେ ବୋଲି ଆମେ ଆଶା କରୁଛୁ । କେଜ୍ରିୱାଲ ଦାବି କରୁଛନ୍ତି ଯେ, କେନ୍ଦ୍ର ସରକାର ଇ-୨୦ ପେଟ୍ରୋଲ ପ୍ରତ୍ୟାହାର କରନ୍ତୁ କିମ୍ବା ଏହାର ମୂଲ୍ୟ ଲିଟର ପିଛା ୮୫ ଟଙ୍କାକୁ ହ୍ରାସ କରନ୍ତୁ । ଲୋକମାନଙ୍କୁ ସେମାନଙ୍କ ପସନ୍ଦ ଅନୁସାରେ ସେମାନଙ୍କ ଯାନବାହନରେ ଶୁଦ୍ଧ ପେଟ୍ରୋଲ କିମ୍ବା ଇଥାନଲ୍ ମିଶ୍ରିତ ପେଟ୍ରୋଲ ଭର୍ତ୍ତି କରିବାର ବିକଳ୍ପ ମଧ୍ୟ ଦିଆଯାଉ । କେଜ୍ରିୱାଲଙ୍କ ପଦଯାତ୍ରା ସମ୍ପର୍କରେ ଦିଲ୍ଲୀ ବିଜେପି ସଭାପତି ହର୍ଷ ମାଲହୋତ୍ରା କହିଛନ୍ତି ଯେ, ତାଙ୍କ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ମଧ୍ୟରେ ବିଶୃଙ୍ଖଳିତ ଉପାଧି ପାଇଁ ପ୍ରତିଯୋଗିତା ଚାଲିଛି । ଯେବେଠାରୁ ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପ୍ରତିବାଦରେ ବସିଛନ୍ତି, ସେବେଠାରୁ ଅରବିନ୍ଦ କେଜରିୱାଲ ଏହି ଖେଳରେ ନିଜକୁ ପଛରେ ପଡ଼ିଥିବା ଭାବୁଛନ୍ତି । ସେଥିପାଇଁ କେଜ୍ରିୱାଲ ଇଥାନଲ ପ୍ରସଙ୍ଗରେ ବିନା ଅନୁମତିରେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯିବାର ତାଙ୍କର ଇଚ୍ଛା ଘୋଷଣା କରିଛନ୍ତି । କେଜ୍ରିୱାଲଙ୍କ ପଦଯାତ୍ରାକୁ ଓକିଲମାନେ ବିରୋଧ କରୁଛନ୍ତି । ସେମାନଙ୍କ କହିବା ମୁତାବକ, ପ୍ରଧାନମନ୍ତ୍ରୀଙ୍କ ଆବାସ ଦେଶରୁ ସବୁଠାରୁ ସମ୍ବେଦନଶୀଳ ଏବଂ ଉଚ୍ଚସ୍ତରୀୟ ସୁରକ୍ଷା ସ୍ଥଳ ମଧ୍ୟୁ ଅନ୍ୟତମ । ଏମିତି ସ୍ଥାନକୁ ସାର୍ବଜନୀନ ଲୋକ ଯାଇ ଧାରଣ ଦେବା ସୁରକ୍ଷା ପାଇଁ ବିପଦ ଆଣିପାରେ ।




## ମଝି ଆକାଶରେ ଏୟାର ଇଣ୍ଡିଆ ବିମାନରେ ଟର୍ବୁଲାନ୍ସ, ଅନେକ ଯାତ୍ରୀ ଆହତ

ନୂଆଦିଲ୍ଲୀ : ଦିଲ୍ଲୀ ଏୟାରପୋର୍ଟରେ ଟଳିଲା ବଡ଼ ବିମାନ ଦୁର୍ଘଟଣା । ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଟର୍ବୁଲାନ୍ସ ଯୋଗୁଁ ଅନେକ ଯାତ୍ରୀ ଆହତ ହୋଇଛନ୍ତି । ଘଟଣା ସ୍ଥଳରେ ଆମ୍ବୁଲାନ୍ସ ଡକାଯାଇ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଏହା ବିଷୟରେ ଏୟାର ଇଣ୍ଡିଆ ସୂଚନା ଦେଇଛି । ଏୟାର ଇଣ୍ଡିଆ କହିବା ମୁତାବକ, ଅଗଷ୍ଟ ୪ରେ ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନ ଇଓ ୨୩୭୯ ଉଡ଼ାଣ ଭରିବାର କିଛି ସମୟ ପରେ ଟର୍ବୁଲାନ୍ସର ଶିକାର ହୋଇଥିଲା । ବିମାନଟି ଅବତରଣ କରିବା ପରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଛି । ଆହତ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଜରିଆରେ ଏୟାରପୋର୍ଟରୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଯାତୟୀ ଏବଂ କ୍ରୁ ସଦସ୍ୟଙ୍କୁ ସାମାନ୍ୟ ଆଘାତ ଲାଗିଛି । ଯାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦେଖି ସେମାନଙ୍କୁ ଏୟାରପୋର୍ଟରୁ




ମେଡିକାଲ ସେଣ୍ଟରକୁ ଯାଞ୍ଚ ପାଇଁ ପଠାଯାଇଛି । ଯାତ୍ରୀ ଏବଂ କ୍ରୁ ସଦସ୍ୟଙ୍କ ସୁରକ୍ଷା ଏୟାରଲାଇନ୍ସ ପାଇଁ ବଡ଼ ପ୍ରାଥମିକତା । ପ୍ରଭାବିତ ଯାତ୍ରୀଙ୍କୁ ଯଥା ସମ୍ଭବ ସହାୟତା କରିବା ସହିତ ଘଟଣାର ଯାଞ୍ଚ ପାଇଁ ସମ୍ବନ୍ଧୀୟ ଅଧିକାରୀ ସଂପୂର୍ଣ୍ଣ ଭାବେ ସହଯୋଗ କରୁଛନ୍ତି ବୋଲି ଏୟାର ଇଣ୍ଡିଆ କହିଛି । ବିମାନରେ ଥିବା ଯାତ୍ରୀଙ୍କ କହିବା ମୁତାବକ, ବିମାନଟି ଦ୍ରୁତଗତିରେ ତଳକୁ ଖସିଥିଲା, ଯେଉଁଥିପାଇଁ ଅନେକ ଯାତ୍ରୀ ଆହତ ହୋଇଥିଲେ । କିନ୍ତୁ ବିମାନଟି ଠିକ୍ ଭାବେ ଅବତରଣ କରିବା ପରେ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା । ଘଟଣା ପରେ ସମସ୍ତ ଯାତ୍ରୀ ଭୟଭୀତ ହୋଇଯାଇଥିଲେ ।

## ରୁଷ୍ ବେଳାଭୂମିରେ ଡ୍ରୋନ୍ ଆକ୍ରମଣ, ୩ଶିଶୁଙ୍କ ସମେତ ୭ ମୃତ

ରୁଷ: ରୁଷର ବ୍ଲାକ୍ ସିର ଉପକୂଳରେ ଥିବା ଲୋକପ୍ରିୟ ପର୍ଯ୍ୟଟନସ୍ଥଳ ଗେଲେଣ୍ଡଜିକ୍ ନିକଟସ୍ଥ ଏକ ବେଳାଭୂମିରେ ରବିବାର ଦିନ ଡ୍ରୋନ୍ ଆକ୍ରମଣ ହୋଇଛି । ଯେଉଁଥିରେ ଅତି କମରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୩ ଜଣ ପିଲା ଥିବା ଜଣାପଡିଛି । ଏଥିସହ ଏହି ଆକ୍ରମଣରେ ୪୦ ଜଣ ମଧ୍ୟ ଆହତ ହୋଇଛନ୍ତି । ଏହି ଆକ୍ରମଣ ପାଇଁ ରୁଷ ୟୁକ୍ରେନକୁ ଦାୟୀ କରିଛି । ସୂଚନାନୁଯାୟୀ, ଗେଲେଣ୍ଡଜିକ୍ ସହର ନିକଟସ୍ଥ ଆର୍ଖିପୋ-ଓସିପୋଭକା ବିଚ୍‌ରେ ଏହି ଘଟଣା ଘଟିଛି । ଖରାଦିନ ଯୋଗୁଁ ଆକ୍ରମଣସ୍ଥଳରେ ଅନେକ ପର୍ଯ୍ୟଟକ ଥିଲେ । ଫଳରେ ଏହି ଆକ୍ରମଣରେ ତିନି ଜଣ ଶିଶୁଙ୍କ ସମେତ ଅତି କମରେ ୭ ଜଣ ପ୍ରାଣ ହରାଇଛନ୍ତି । ଅନ୍ୟ ୪୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୨୧ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ୧୯ ଜଣଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଛି ବୋଲି କ୍ରାସନୋଡାର କ୍ରାଇ ଆଞ୍ଚଳିକ ସରକାର ସୂଚନା ଦେଇଛନ୍ତି । ଏହାରି ମଧ୍ୟରେ କ୍ରାସନୋଡାର କ୍ରାଇ ରାଜ୍ୟପାଳ ଭେନିଆମିନ୍ କୋଣ୍ଡ୍ରାଟିଭ ଏହି ଆକ୍ରମଣ ପାଇଁ ୟୁକ୍ରେନକୁ ଦାୟୀ କରିଛନ୍ତି । ହେଲେ ବର୍ତ୍ତମାନ ସୁଦ୍ଧା ୟୁକ୍ରେନୀୟ ସେନା କିମ୍ବା କିଭ୍ ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ସରକାରୀ ବିବୃତ୍ତି ଦିଆଯାଇ ନାହିଁ । ଅନ୍ୟପଟେ ଏହି ଘଟଣା ପରେ ରୁଷର ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ପଶ୍ଚିମ ଦେଶଗୁଡିକ ଉପରେ କଠୋର ଆକ୍ରମଣ କରିବା ଆରମ୍ଭ କରିଛି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା ରୁଷର ସରକାରୀ ସମାଚାର ଏଜେନ୍ସି ଝଇଝଝକୁ କହିଛନ୍ତି ଯେ, ନାଟୋ ଏବଂ ୟୁରୋପୀୟ ସଂଘ ପୂର୍ବରୁ ଆତଙ୍କବାଦ ବିରୋଧରେ ଜିରୋ ଟଲେରାନ୍ସ ର ନୀତିକୁ ସମର୍ଥନ କରିଥିଲେ କିନ୍ତୁ ଏବେ ସେମାନେ ଅନ୍ତରାଷ୍ଟ୍ରୀୟ ଆତଙ୍କବାଦୀ ଗତିବିଧି ସାମିଲ ହୋଇଛି । ସେ ପଶ୍ଚିମ ଦେଶଗୁଡ଼ିକୁ ଏପରି କାର୍ଯ୍ୟକଳାପକୁ ସମର୍ଥନ କରୁଥିବା ଅଭିଯୋଗ କରିଛନ୍ତି ।

# ଏଲ୍ ?ଆଇସିର ୬.୫% ଅଂଶଧନ ବିକ୍ରିହେବ

ନୂଆଦିଲ୍ଲୀ: କେନ୍ଦ୍ର ସରକାର ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ୬.୫ ପ୍ରତିଶତ ଅଂଶଧନ ବିକିବେ । ମଙ୍ଗଳବାରଠାରୁ ଏହି ସେୟାର ବିକ୍ରି ଅଫର୍ ଫର ସେଲ୍ ବା ଓଏଫ୍ଏସ୍ ଜରିଆରେ ଆରମ୍ଭ ହେବ ବୋଲି ନିବେଶ ଓ ସରକାରୀ ସମ୍ପତ୍ତି ପରିଚାଳନା ବିଭାଗ (ଦିପମ୍) ସଚିବ ଆରୁନିଷ ଚାୱଲା ସୂଚନା ଦେଇଛନ୍ତି । ପ୍ରଥମେ ୨.୫ ପ୍ରତିଶତ ଅଂଶଧନ ବିକ୍ରି ହେବ ଏବଂ ଚାହିଦା ଭଲ ରହିଲେ ଆଉ ୪ ପ୍ରତିଶତ ବିକ୍ରି କରାଯିବ । ମଙ୍ଗଳବାର ଅଣଖୁଚୁରା ବା ନନ୍-ରିଟେଲ୍ ନିବେଶକମାନଙ୍କ ପାଇଁ ଏଲ୍ ?ଆଇସିର ସେୟାର କିଣିବା ସୁଯୋଗ ମିଳିବ । ବୁଧବାର ରିଟେଲ୍ ବା ଖୁଚୁରା ନିବେଶକମାନେ ସେୟାର କିଣିପାରିବେ । ସୋମବାର କାରବାର ଶେଷବେଳକୁ ଏଲଆଇସିର ସେୟାର ପିଛା ମୂଲ୍ୟ ୪୨୪ ଟଙ୍କା ରହିଥିଲା । ଏହି ମୂଲ୍ୟ ଉପରେ ୧୦ ପ୍ରତିଶତ ରିହାତି ଦରରେ ବା ୩୮୨ ଟଙ୍କାରେ ସେୟାର ବିକ୍ରି ପାଇଁ ଧାର୍ଯ୍ୟ କରାଯାଇଛି ବୋଲି ଚାୱଲା କହିଛନ୍ତି । ଯଦି ସରକାର ସଂପୂର୍ଣ୍ଣ ୬.୫ ପ୍ରତିଶତ ଅଂଶଧନ ବିକ୍ରି କରନ୍ତି ତାହେଲେ ଏ ବାବଦରେ ପ୍ରାୟ ୩୧,୪୦୦ କୋଟି ଟଙ୍କା ମିଳିବ । ଏଲ୍ଆଇସିରେ ସରକାରଙ୍କର ବର୍ତ୍ତମାନ ୯୬.୫ ପ୍ରତିଶତ ଅଂଶଧନ ରହିଛି । ୬.୫ ପ୍ରତିଶତ ଅଂଶଧନ ବିକ୍ରି ହେଲେ ଏଲଆଇସିରେ କେନ୍ଦ୍ର ସରକାରଙ୍କ ଅଂଶଧନ ୯୦ ପ୍ରତିଶତକୁ ଖସିଆସିବ । ବର୍ତ୍ତମାନ ସାଧାରଣ ଅଣପ୍ରତିଷ୍ଠାତା ନିବେଶକଙ୍କ ନିକଟରେ ଏଲଆଇସିର ୩.୫ ପ୍ରତିଶତ ଅଂଶଧନ ଥିବାରୁ ସେମାନଙ୍କର ଅଂଶ ୧୦ ପ୍ରତିଶତରେ ପହଞ୍ଚିଯିବ । ଉଲ୍ଲେଖଯୋଗ୍ୟ, ୨୦୨୨ ମସିହାରେ ସରକାର ପ୍ରାରମ୍ଭିକ ପବ୍ଲିକ ଅଫର (ଆଇପିଓ) ଜରିଆରେ ଏଲଆଇସିର ୩.୫ ପ୍ରତିଶତ ଅଂଶଧନ ବିକ୍ରି କରିଥିଲେ । ୨୦୨୭ ମେ ସୁଦ୍ଧା ୧୦ ପ୍ରତିଶତ ଏବଂ ୨୦୩୨ ସୁଦ୍ଧା ୨୫ ପ୍ରତିଶତ ଅଂଶଧନ ସାଧାରଣ ଅଣପ୍ରତିଷ୍ଠାତା ନିବେଶକଙ୍କ ନିକଟରେ ରଖିବାକୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ ଏଲଆଇସିକୁ ପୂର୍ବରୁ ସମୟ ଦେଇଛି । ତେଣୁ ୨୦୨୭ ମେ ପୂର୍ବରୁ ଏଲ୍ଆଇସିର ୧୦ ପ୍ରତିଶତ ଅଂଶଧନ ସାଧାରଣ ଅଣପ୍ରତିଷ୍ଠାତା ନିବେଶକଙ୍କ ନିକଟରେ ରହିପାରିବ । ଉଲ୍ଲେଖଯୋଗ୍ୟ, ସରକାର ଚଳିତ ଆର୍ଥିକବର୍ଷ ପାଇଁ ୮୦ ହଜାର କୋଟି ଟଙ୍କା ପୁଞ୍ଜି ପ୍ରତ୍ୟାହାର ଓ ସମ୍ପତ୍ତି ମୁଦ୍ରୀକରଣ ବା ଆସେଟ୍ ମନିଟାଇଜେସନ୍‌ରୁ ସଂଗ୍ରହ କରିବା ଲକ୍ଷ୍ୟ ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ୨୧,୨୦୧ କୋଟି ଟଙ୍କା ସଂଗ୍ରହ କରିଛନ୍ତି । ଏଲ୍ଆଇସିର ଅଂଶଧନ ବିକ୍ରି ପରେ ଏହି ରାଶି ୫୨ ହଜାର କୋଟି ଟପିବ ।




## ୧୮ ବର୍ଷ ବୟସରେ ବିଶ୍ୱର ସବୁଠୁ ତରୁଣ ପ୍ରଫେସର

ୱାସିଂଟନ: ୧୮ ବର୍ଷ ବୟସରେ ବିଶ୍ୱର ସବୁଠୁ କମ୍ ବୟସ୍କ ପୁରୁଷ ପ୍ରଫେସର ହୋଇ ଆମେରିକାର ଫ୍ଲୋରିଡାର ନାଥନ୍ ଟମାସ ଇତିହାସ ସୃଷ୍ଟି କରିଛନ୍ତି । ସେ ୩୦୬ ବର୍ଷ ଧରି ଅକ୍ଷୁଣ୍ଣ ରହିଥିବା ଏହି ରେକର୍ଡକୁ ଭାଙ୍ଗି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ପକ୍ଷରୁ ନିକଟରେ ଏହି ସଫଳତାକୁ ଆନୁଷ୍ଠାନିକ ସ୍ୱୀକୃତି ଦିଆଯାଇଛି । ନାଥନ୍ ଟମାସ ୨୧ ଅଗଷ୍ଟ ୨୦୨୩ରେ ୧୮ ବର୍ଷ ୩୪୬ ଦିନ ବୟସରେ ଫ୍ଲୋରିଡାର ମିଆମି ଡାଡେ କଲେଜରେ ଇଞ୍ଜିନିୟରିଂ ପ୍ରଫେସର ଭାବେ ଯୋଗ ଦେଇଥିଲେ । ଏହା ସହିତ ସେ ୧୭୧୭ରେ ମାତ୍ର ୧୯ ବର୍ଷ ବୟସରେ ପ୍ରଫେସର ହୋଇଥିବା ସ୍କଟଲ୍ୟାଣ୍ଡର ଗଣିତଜ୍ଞ କଲିନ୍ ମ୍ୟାକଲରିନ୍‌ଙ୍କ ୩୦୬ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଥିଲେ । ଏପରିକି ୨୦୦୮ରେ ୧୮ ବର୍ଷ ୩୬୨ ଦିନ ବୟସରେ ପ୍ରଫେସର ହୋଇଥିବା ଆଲିଆ ସାବୁରଙ୍କଠାରୁ ମଧ୍ୟ ସେ ୧୬ ଦିନ କମ୍ ବୟସରେ ଏହି ସଫଳତା ହାସଲ କରିଛନ୍ତି ।

## ଭାରତକୁ ବଡ଼ ଝଟ୍‌କା: ଏସିଆନ୍ ଗେମ୍ସରେ ଖେଳିବେନି ହର୍ଡଲ୍ସ ଷ୍ଟାର ଶୀର୍ସ

ନୂଆଦିଲ୍ଲୀ,୪।୮: ଆସନ୍ତା ମାସରେ ଜାପାନରେ ହେବାକୁ ଥିବା ଏସିଆନ ଗେମ୍ସରେ ଭାରତର ୧୧୦ ମି. ହର୍ଡଲ୍ସ ଷ୍ଟାର ତେଜସ ଶୀର୍ସ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଏ ନେଇ ଶୀର୍ସ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ବାମ ପାଦରେ ଦୁଇଟି ଷ୍ଟ୍ରେସ୍ ଫ୍ରାକଚର ସତ୍ତ୍ୱେ ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବା କାରଣରୁ ତାଙ୍କ ସମସ୍ୟା ବୃଦ୍ଧି ପାଇଛି।



ଶୀର୍ସ ପ୍ରଥମ ଭାରତୀୟ ଭାବେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୧୧୦ ମି. ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଅତ୍ୟଧିକ ଟେପ ବାନ୍ଧି ଦୌଡ଼ିଥିବା ଶୀର୍ସ ୮ ଧାବକ ବିଶିଷ୍ଟ ଫାଇନାଲରେ ଅନ୍ତିମ ସ୍ଥାନରେ ରହିଥିଲେ।

ପୋଷ୍ଟ ମୋତେ କଦାପି କରିବାକୁ ପଡ଼ିବ ଚିନ୍ତା କରି ନ ଥିଲି। ମୁଁ ହାତରେ ପଦକ ଧରି ପୋଷ୍ଟ କରିବି ଚିନ୍ତା କରିଥିଲି। ଏବେ ମୋତେ ଜିତିବା ପାଇଁ ପ୍ରସ୍ତୁତି କରିବାର ଥିଲା। କିନ୍ତୁ ମୁଁ ଏବେ ଏମ୍‌ଆରଆଇ ରିପୋର୍ଟ ଧରିଛି। ବାମ ପାଦରେ ଦୁଇଟି ଷ୍ଟ୍ରେସ ଫ୍ରାକଚର ହୋଇଛି। ଏଥିଯୋଗୁ ମୋ ସିଜନ ଶେଷ ହୋଇଛି। ସବୁଠୁ ଦୁଃଖର ବିଷୟ ହେଉଛି, ମୁଁ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବା ସତ୍ତ୍ୱେ ରେସର ଷ୍ଟାର୍ଟିଂ ଲାଇନରେ ଛିଡ଼ା ହୋଇପାରିବି ନାହିଁ। ଇଞ୍ଜୁରି କାରଣରୁ ମୁଁ ୯ଟି ବୃହତ ପ୍ରତିଯୋଗିତା ମିସ କରିସାରିଛି। ଆଜି ମୋ ପାଖରେ ପ୍ରତ୍ୟାବର୍ତ୍ତନର କାହାଣୀ ନାହିଁ। ମୁଁ ଏବେ ଯନ୍ତ୍ରଣାରେ ଅଛି' ବୋଲି ସେ ପୋଷ୍ଟ କରିଛନ୍ତି।

## ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଲଜ୍ଜିତ ହେଲା ପାକିସ୍ତାନ

କରାଚି,୪।୮: ପୁଣି ଥରେ ଅନ୍ତର୍ଜାତୀୟ କ୍ରୀଡ଼ା ଇଭେଣ୍ଟରେ ଲଜ୍ଜିତ ହୋଇଛି ପାକିସ୍ତାନ। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିବା ପାକିସ୍ତାନୀ ବକ୍ସର କୁଦ୍ରାତୁଲା ଦଳୀୟ ହୋଟେଲରୁ ଖସି ପଳାଇଛନ୍ତି। ଏହି ଘଟଣା ଯୋଗୁ ପାକିସ୍ତାନ ବକ୍ସିଂ ଫେଡେରେଶନ (ପିବିଏଫ) ପୁଣିଥରେ ଚର୍ଚ୍ଚାକୁ ଆସିଛି। ନିକଟ ଅତୀତରେ ମଧ୍ୟ ବିଦେଶରେ ଅନୁଷ୍ଠିତ ପାଖାପାଖି ପ୍ରତ୍ୟେକ ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟରେ ପାକିସ୍ତାନୀ ବକ୍ସର ଖସି ପଳାଇଥିବାର ଦୃଷ୍ଟାନ୍ତ ରହିଛି। ଅଲିମ୍ପିକ୍ ଆସୋସିଏଶନ(ପିଓଏ) ପକ୍ଷରୁ କୁହାଯାଇଛି, କୁଦ୍ରାତୁଲା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିଜ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବା ପରେ ଦଳୀୟ ହୋଟେଲରୁ ଉଭାନ୍ ହୋଇଯାଇଥିଲେ। ସବୁଠୁ କୌତୂହଳର ବିଷୟ ହେଲା, ଟିମ୍ ମ୍ୟାନେଜରଙ୍କ ପାଖରେ ପାସପୋର୍ଟ ଥିବା ସତ୍ତ୍ୱେ କୁଦ୍ରାତୁଲା ଖସି ପଳାଇଛନ୍ତି। ଏପରିକି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବେଳେ ଦୁଇ ପାକିସ୍ତାନୀ ବକ୍ସର ସୁଲେମାନ ବାଲୋଚ ଓ ନାଜିରୁଲ୍ଲା ଖାନ୍ ପାସପୋର୍ଟ ଛାଡ଼ି ବର୍ମିଂହାମ୍‌ରୁ ଉଭାନ୍ ହୋଇଯାଇଥିଲେ। ସେହିଭଳି ୨୦୨୪ରେ ଇଟାଲୀରେ ଅନୁଷ୍ଠିତ ୱାର୍ଲଡ଼ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟରେ ଏସିଆନ ଗୋଲ୍ଡ ମେଡାଲିଷ୍ଟ ବକ୍ସର ଜୋହେବ ରଶିଦ୍ ନିଜ ରୁମ୍‌ମେଟ୍‌ଙ୍କ ବିଦେଶୀ ମୁଦ୍ରା ନେଇ ବ୍ରୁସ୍ତୋ ଆର୍ସିଜିଓ ସହରରୁ ଉଭାନ୍ ହୋଇଯାଇଥିଲେ।

# ଅପରାଜେୟ ଫାଇଟରଙ୍କୁ ହରାଇଲେ ଭାରତର ୟାକୁବ୍

**ନୂଆଦିଲ୍ଲୀ :** ଇତିହାସ ରଚିଛନ୍ତି କଶ୍ମୀରର ମିକ୍ସଡ ମାର୍ଶଲ ଆର୍ଟସ(ଏମଏମଏ) ଫାଇଟର ଓୱେସ ୟାକୁବ। ବୁଲଗେରିଆରେ ଆୟୋଜିତ ବ୍ରେଭ ସିଏଫ ୧୦୭ରେ ବିଶ୍ୱ ବିଜେତାଙ୍କୁ ହରାଇ ନୂଆ ରେକର୍ଡ କରିଛନ୍ତି। ସେ ଅପରାଜେୟ ଥିବା ୨ଥରର ଆଇଏମଏମଏଏଫ ବିଶ୍ୱ ଚାମ୍ପିୟନଙ୍କୁ ହରାଇ ନୂଆ କୀର୍ତ୍ତିମାନ ହାସଲ କରିଥିବାରୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଅବଦୁଲ୍ଲାଙ୍କ ଅଫିସ ପକ୍ଷରୁ ଏକ୍ସରେ ଲେଖାଯାଇଛି ଯେ "ଜମ୍ମୁ-କଶ୍ମୀରର ପ୍ରତିଭାବାନ ଏମଏମଏ ଫାଇଟର ଓୱେସ ୟାକୁବଙ୍କୁ ବ୍ରେଭ୍ ସିଏଫ ୧୦୭ରେ ତାଙ୍କର ଉଲ୍ଲେଖନୀୟ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଏହା ଜମ୍ମୁ-କଶ୍ମୀର ଓ ସମଗ୍ର ଭାରତ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ ଭବିଷ୍ୟତରେ ମଧ୍ୟ ଓୱେସ ଆହୁରି ସଫଳତା ହାସଲ କରନ୍ତୁ ବୋଲି କାମନା କରିଛନ୍ତି।" ଅଗଷ୍ଟ ୧ରେ ବୁଲଗେରିଆର ବର୍ଗାସ ଆରେନାରେ ଆୟୋଜିତ ବ୍ରେଭ୍ ସିଏଫ ୧୦୭ରେ ଓୱେସ ୟାକୁବ ଅପରାଜିତ ବୁଲଗେରିଆନ ଫାଇଟର ଡେଲିୟାନ ଜର୍ଜିଏଭଙ୍କୁ ପ୍ରଥମ ରାଉଣ୍ଡରେ ଟେକ୍ନିକାଲ ନକ୍-ଆଉଟ୍ ଜରିଆରେ ପରାସ୍ତ କରି ଅନ୍ତର୍ଜାତୀୟ ସ୍ତରରେ ଐତିହାସିକ ସଫଳତା ହାସଲ କରିଥିଲେ।





ମ୍ୟାଚ୍‌ର ପ୍ରଥମ ରାଉଣ୍ଡର ଚତୁର୍ଥ ମିନିଟ୍‌ରେ ସେ ଜର୍ଜିଏଭଙ୍କୁ ମାତ ଦେଇ ନିଜ ପେଶାଦାର କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିଥିଲେ। ଜର୍ଜିଏଭ ଏହି ଲଇକୁ ଦୁଇ ଥରର ଆନ୍ତର୍ଜାତିକ ମିକ୍ସଡ ମାରିଟାଲ ଆର୍ଟ୍ସ ଫେଡେରେସନ୍ ଆମେଚର ବିଶ୍ୱ ଚାମ୍ପିଅନସିପ୍ ବିଜେତା ଭାବେ ପ୍ରବେଶ କରିଥିଲେ। ଏହି ପରାଜୟ ତାଙ୍କ ପେଶାଦାର କ୍ୟାରିୟରର ପ୍ରଥମ ପରାଜୟ।ଦକ୍ଷିଣ କଶ୍ମୀରର ପୁଲୱାମା ଜିଲ୍ଲାର ମୁରାନ ଗାଁର ବାସିନ୍ଦା ଓୱେସ ସମଗ୍ର ମୁକାବିଲାରେ ଶାନ୍ତ ମନୋଭାବ, ଦୃଢ଼ ସଂକଳ୍ପ ଓ ଉତ୍କୃଷ୍ଟ କୌଶଳ ପ୍ରଦର୍ଶନ କରି ବିଶ୍ୱର ଅଗ୍ରଣୀ ଏମଏମଏ ମଞ୍ଚରେ ବୁଲଗେରିଆନ ପ୍ରତିଦ୍ୱନ୍ଦ୍ୱୀଙ୍କ ସବୁ ରଣକୌଶଳକୁ ଫିକା କରି ଦେଇଥିଲେ। ବିଜୟ ପରେ ଓୱେସ କହିଥିଲେ, "ଏହି ବିଜୟ ମୋ ପାଇଁ ସବୁକିଛି। ମୁଁ ରିଙ୍ଗକୁ ମୋ ପରିବାର, ଜମ୍ମୁ-କଶ୍ମୀରଓ ସମଗ୍ର ଭାରତର ଆଶା ନେଇ ପ୍ରବେଶ କରିଥିଲି। ଅପରାଜିତ ବିଶ୍ୱ ଚାମ୍ପିୟନଙ୍କୁ ପରାସ୍ତ କରିବା ସ୍ୱପ୍ନ ସାକାର ହେବା ସହିତ ସମାନ। କିନ୍ତୁ ଏହା କେବଳ ଆରମ୍ଭ। ମୁଁ ଆହୁରି କଠିନ ପରିଶ୍ରମ କରି ବିଶ୍ୱସ୍ତରରେ ଭାରତର ପ୍ରତିନିଧିତ୍ୱ କରି ଆହୁରି ବଡ଼ ସଫଳତା ହାସଲ କରିବାକୁ ଚେଷ୍ଟା କରିବି।" ଅତୀତରେ କଶ୍ମୀରର ଅନେକ କୁସ୍ତିଯୋଦ୍ଧା ସାମ୍ନାକୁ ଆସିଥିଲେ ମଧ୍ୟ କେହି ବି ଓୱେସ ୟାକୁବଙ୍କ ଭଳି ଅନ୍ତର୍ଜାତୀୟ ସ୍ତରରେ ଏଭଳି ଐତିହାସିକ ସଫଳତା ହାସଲ କରିପାରି ନଥିଲେ।

## ଶ୍ରୀଲଙ୍କାରେ ଭଲ ପ୍ରଦର୍ଶନ ଜରୁରୀ

ନୂଆଦିଲ୍ଲୀ,୦୪।୮ ଟିମ୍ ଇଣ୍ଡିଆ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି। ରିପୋର୍ଟ ଅନୁଯାୟୀ, ଭାରତର ହେଡ୍ କୋଚ୍ ଭାବରେ ତାଙ୍କ ପଦବୀକୁ ନେଇ ବିସିସିଆଇ ଉପରେ ପ୍ରଶ୍ନ ଉଠାଯାଉଛି । ପରାଜୟର ଦାୟୀକୁ ସେ ଗ୍ରହଣ କରିବାକୁ ଅନିଚ୍ଛୁକ । ଏହା ବ୍ୟତୀତ, ତାଙ୍କ ପ୍ରଶିକ୍ଷକ ଶୈଳୀ ବିଷୟରେ ପ୍ରଶ୍ନ ଉଠୁଛି । ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ବରିଷ୍ଠ ଖେଳାଳିମାନେ ଗମ୍ଭୀରଙ୍କ ପ୍ରଶିକ୍ଷକ ଶୈଳୀରେ ଅସନ୍ତୁଷ୍ଟ ଏବଂ ବିସିସିଆଇକୁ ଅଭିଯୋଗ କରିଛନ୍ତି । ଯଦିଓ କୌଣସି ଅଧିକାରୀ ନିଶ୍ଚିତକରଣ ପ୍ରକାଶିତ ହୋଇନାହିଁ, ସୋସିଆଲ ମିଡିଆରେ ଏପରି ରିପୋର୍ଟ ପୁଣି ଥରେ ବରିଷ୍ଠ ଖେଳାଳି ଏବଂ ଗମ୍ଭୀରଙ୍କ ମଧ୍ୟରେ ଫାଟକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି ।

ରିପୋର୍ଟରୁ ଜଣାପଡିଛି ଯେ, ଦଳର କିଛି ଅଭିଜ୍ଞ ଖେଳାଳି ମଧ୍ୟ ଗମ୍ଭୀରଙ୍କ କାର୍ଯ୍ୟ ଶୈଳୀକୁ ଅସନ୍ତୁଷ୍ଟ। କିଛି ବରିଷ୍ଠ ଖେଳାଳି ବ୍ୟକ୍ତିଗତ ଭାବରେ ପୂର୍ବତନ ଭାରତୀୟ କ୍ରିକେଟର ଏବଂ ବିସିସିଆଇର ଆପେକ୍ସ ପରିଷଦର ସଦସ୍ୟଙ୍କ ନିକଟରେ ସେମାନଙ୍କର ଚିନ୍ତା ପ୍ରକାଶ କରିଛନ୍ତି ।ଦିଓ ଏହି ଆଲୋଚନାଗୁଡ଼ିକୁ ଅନୌପଚାରିକ ରିପୋର୍ଟରୁ ଜଣାପଡୁଛି ଯେ ସେମାନେ ମୁଖ୍ୟ ପ୍ରଶିକ୍ଷକ ଏବଂ ତାଙ୍କ କାର୍ଯ୍ୟ ଶୈଳୀକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏହି ଦାବିରୁ ଜଣାପଡୁଛି ଯେ, ଯେ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ତୁଳନାରେ ଡ୍ରେସିଂ ରୁମ୍ ବାତାବରଣ କମ୍ ସ୍ଥିର ଥିଲା, ଖେଳାଳିମାନଙ୍କ ପାଇଁ ସ୍ପଷ୍ଟ ଭୂମିକା ଥିଲା ।ଗୌତମ ଗମ୍ଭୀରଙ୍କ ପାଇଁ ସତର୍କ ଘଣ୍ଟି – ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ସିରିଜ ପରାଜୟ ଏବଂ ଅଷ୍ଟ୍ରେଲିଆରେ ପରାଜୟ ସମେତ ପୂର୍ବ ପରାଜୟ ପାଇଁ ଗମ୍ଭୀରଙ୍କୁ ଦାୟୀ କରାଯାଇ ନଥିଲା, କାରଣ ସେତେବେଳେ ବୋର୍ଡ ବିଶ୍ୱାସ କରିଥିଲା ଯେ ଖେଳାଳିମାନେ ମୁଖ୍ୟତଃ ଦାୟୀ । ଭାରତର ପରବର୍ତ୍ତୀ ଟେଷ୍ଟ ମ୍ୟାଚ୍ ଶ୍ରୀଲଙ୍କା ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ ହେବ, ଯାହା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରର ଏକ ଅଂଶ । ଭାରତ ପଏଣ୍ଟ ଟେବୁଲରେ ପଞ୍ଚମ ସ୍ଥାନରେ ଅଛି, ଯେଉଁଥିରେ ଚାରୋଟି ବିଜୟ, ଚାରୋଟି ପରାଜୟ ଏବଂ ଗୋଟିଏ ଡ୍ର ରହିଛି। ମୁଖ୍ୟ ପ୍ରଶିକ୍ଷକ ଭାବରେ ଗମ୍ଭୀରଙ୍କ କାର୍ଯ୍ୟକାଳରେ ଭାରତର ଟେଷ୍ଟ କ୍ରିକେଟ ପ୍ରଦର୍ଶନ ବିଶେଷ ଭାବରେ ଖରାପ ରହିଛି । ୨୦୨୪ରେ, ସେମାନେ ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ମ୍ୟାଚରେ ୦-୩ରେ ପରାଜୟର ସାମ୍ନା କରିଥିଲେ, ଯାହା ତିନି କିମ୍ବା ତା'ଠାରୁ ଅଧିକ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ସେମାନଙ୍କର ପ୍ରଥମ କ୍ଲିନ୍ ସୁଇପ୍ ଥିଲା । ଗତ ବର୍ଷ, ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଘରୋଇ ମ୍ୟାଚରେ ୦-୨ରେ ମଧ୍ୟ ପରାସ୍ତ ହୋଇଥିଲା ।

## ଆଖି ବୁଜିଲେ ୩୪ ବର୍ଷୀୟ ୟୁଏଫସି ଫାଇଟର୍

ନୂଆଦିଲ୍ଲୀ,୪।୮: ବୟସ ମାତ୍ର ୩୪। ପେଶାରେ ୟୁଏଫସି ଫ୍ଲାଏୱେଟ ଫାଇଟର। ରିଙ୍ଗରେ ସବୁବେଳେ ଲଇ କରୁଥିଲେ। ଜୁନ ମାସରେ ତାଙ୍କୁ ଶେଷ ଥର ରିଙ୍ଗରେ ଦେଖିବାକୁ ମିଳିଥିଲା।ରିଙ୍ଗରେ ଫାଇଟ୍ କରୁଥିବା ବେଳେ ସବୁବେଳେ ଫିଟ ରହୁଥିଲେ। କିନ୍ତୁ ହଠାତ୍ ୩୪ ବର୍ଷୀୟ ଫାଇଟର ଜଣଙ୍କ ସମସ୍ତଙ୍କୁ ଛାଡି ଚାଲି ଯାଇଛନ୍ତି। ଶୋଇଥିବା ବେଳେ ସେ ହୃଦଘାତର ସାମ୍ନା କରିଥିଲେ। ସକାଳୁ ତାଙ୍କ ମୃତଦେହ ଘର ଭିତରୁ ମିଳିଛି। ୩୪ ବର୍ଷ ବୟସରେ ଆଖି ବୁଜିଥିବା ୟୁଏଫସି ଫ୍ଲାଏୱେଟ ଫାଇଟର ଜଣଙ୍କ ହେଉଛନ୍ତି ବ୍ରାଜିଲର ଆଲାନ ନାସିମେଣ୍ଟୋ। ରିପୋର୍ଟ ଅନୁସାରେ, ସୋମବାର ସକାଳେ ତାଙ୍କୁ ତାଙ୍କ ଘରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଶୋଇଥିବା ବେଳେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।



ୟୁଏଫସି ଜାରି କରିଥିବା ବିବୃତିରେ କୁହାଯାଇଛି ଯେ "ଅଗଷ୍ଟ ୩ ତାରିଖରେ ନାସିମେଣ୍ଟୋଙ୍କୁ ଅଚେତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ପହଞ୍ଚିଥିବା ଚିକିତ୍ସାକର୍ମୀମାନେ ସମସ୍ତ ପ୍ରୟାସ କରିଥିଲେ ମଧ୍ୟ ତାଙ୍କୁ ବଞ୍ଚାଇପାରି ନଥିଲେ। ୟୁଏଫସି ତାଙ୍କ ପରିବାର, ବନ୍ଧୁ, ସହଯୋଗୀ ଓ ପ୍ରଶଂସକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି।"ନାସିମେଣ୍ଟୋ ଶେଷଥର ଜୁନ୍ ମାସରେ UFC Fight Night: Kape vs Horiguchiରେ ଲଇ କରିଥିଲେ। ଉକ୍ତ ମ୍ୟାଚ୍‌ରେ ସେ ମିଚ୍ ରାପୋସୋଙ୍କ ନିକଟରୁ ସ୍ପ୍ଲିଟ୍ ଡିସିଜନ୍‌ରେ ପରାସ୍ତ ହୋଇଥିଲେ। ଏହି ଲଢେଇର କିଛି ସପ୍ତାହ ପରେ ହିଁ ତାଙ୍କର ଅକାଳ ମୃତ୍ୟୁ ଘଟିଛି। ୨୦୧୮ରେ ଡାନା ହ୍ୱାଇଟ୍ସ କଣ୍ଟେଣ୍ଡର ସିରିଜ ଜରିଆରେ ନାସିମେଣ୍ଟୋ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିଲେ ହେଁ ପରେ ୟୁଏଫସିରେ ସେ ନିଜର ସ୍ଥାନ ପକ୍କା କରିଥିଲେ। ସେ ନିଜର ୟୁଏଫସି କ୍ୟାରିୟରରେ ସେ ୪ଟି ବିଜୟ ଓ ୨ଟି ପରାଜୟ ସହିତ ଦୁଇ ଥର ଫାଇଟ ଅଫ ଦ ନାଇଟ୍ ସମ୍ମାନ ମଧ୍ୟ ଜିତିଥିଲେ। ପୁରୋ ଓସୋ ନାମରେ ପରିଚିତ ନାସିମେଣ୍ଟୋ ଫ୍ଲାଇୱେଟ୍ ବର୍ଗଆରେ ଲଇ କରନ୍ତି। ୫ ଫୁଟ୍ ୮ ଇଞ୍ଚ ଉଚ୍ଚତା ଓ ୧୨୫ ପାଉଣ୍ଡ ଓଜନ ବିଶିଷ୍ଟ ଏହି ଫାଇଟର ନିଜ ପେଶାଦାର ଏମଏମଏ କ୍ୟାରିୟରରେ ୨୨ଟି ବିଜୟ ଓ ୭ଟି ପରାଜୟର ସାମ୍ନା କରିଥିଲେ। ନାସିମେଣ୍ଟୋ ସାଓ ପାଉଲୋର ପ୍ରସିଦ୍ଧ ଉଷଙ୍କଷର ଇକ୍ସଘର ଜିମ୍‌ରେ ପୂର୍ବତନ ଟରଉ ଲାଇଟୱେଟ୍ ଚ୍ୟାମ୍ପିୟନ ଚାର୍ଲ୍ସଓଲିଭେଇରାଙ୍କ ସହ ପ୍ରଶିକ୍ଷଣ ନେଉଥିଲେ। ତାଙ୍କ ମୃତ୍ୟୁ ଖବର ପରେ ଓଲିଭେଇରା ସୋଶାଲ ମିଡିଆରେ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ ନାସିମେଣ୍ଟୋ ତାଙ୍କ ପାଇଁ ଜଣେ ଭାଇ ସଦୃଶ ଥିଲେ ଓ ସେ ସଦା ସର୍ବଦା ଜଣେ କିମ୍ବଦନ୍ତୀ ଭାବେ ସ୍ମରଣୀୟ ହୋଇ ରହିବେ। ନାସିମେଣ୍ଟୋ ଅକାଳ ବିୟୋଗ ପରେ ସହ ଫାଇଟର, ପ୍ରଶଂସକ ଓ କ୍ରୀଡ଼ାଜଗତର ବିଭିନ୍ନ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ଦୁଇ ପିଲାର ମାଆଙ୍କ ସହ ରୋନାଲ୍‌ଡୋଙ୍କ ବିବାହ

ନୂଆଦିଲ୍ଲୀ ,୪।୮: : ଫୁଟବଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ଓ ତାଙ୍କ ପାର୍ଟନର ଜର୍ଜିନା ରୋଡ୍ରିଗେଜଙ୍କ ବିବାହକୁ ନେଇ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି। ପର୍ତ୍ତୁଗାଲର ମିଡିଆ ଆଉଟଲେଟ୍ ଉକ୍ସକ୍ୱବରସକୁ ୟବ ଗବଭଷବଙ୍କ ଏକ ରିପୋର୍ଟରେ ଦାବି କରାଯାଇଛି। ଏହି ଚର୍ଚ୍ଚିତ ଯୋଡ଼ି ୮ ଅଗଷ୍ଟରେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରନ୍ତି। ହେଲେ ରୋନାଲ୍‌ଡୋ ଓ ଜର୍ଜିନା ରୋଡ୍ରିଗେଜଙ୍କ ପକ୍ଷରୁ ଏବେସୁଦ୍ଧା ବିବାହକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା ହୋଇ ନାହିଁ।

ରିପୋର୍ଟ ମୁତାବିକ , ଉଭୟଙ୍କ ବିବାହ ପର୍ତ୍ତୁଗାଲର ମଦିରା ଦ୍ୱୀପ ସ୍ଥିତ କନଚଲ କାଡେଡ୍ରାଲରେ ହେବାର ସମ୍ଭାବନା ରହିଛି। ଏହି ସ୍ଥାନ ରୋନାଲ୍‌ଡୋଙ୍କ ପାଇଁ ଖୁବ୍ ସ୍ୱତନ୍ତ୍ର। କାରଣ ତାଙ୍କର ପିଲାଦିନ ଏହି ଦ୍ୱୀପରେ ବିତି ଥିଲା ଏବଂ ଏହି ଠାରୁ ସେ ନିଜର ପ୍ରଫେସନାଲ ଫୁଟବଲ ଯାତ୍ରାର ଆରମ୍ଭ କରି ଥିଲେ।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ, ବିବାହ ପରର ଉତ୍ସବ ପାଇଁ ମଦିରାର ଫାଇଭ ଷ୍ଟାର ସଭୋୟ ପ୍ୟାଲେସ୍ ହୋଟଲକୁ ବୁକ୍ କରାଯାଇଛି। କୁହାଯାଉଛି ଯେ, ହୋଟେଲର କିଛି ଭାଗ ଅତିଥିଙ୍କ ପାଇଁ ରିଜର୍ଭ ରଖାଯିବ। ହେଲେ ହୋଟେଲ୍ ବୁକିଂ ଓ ସମାରୋହ ସହ ଜଡ଼ିତ ଏହି ସବୁ ଖବର ମଧ୍ୟ ଅଫିସିଆଲି ସ୍ପଷ୍ଟ ହୋଇ ନାହିଁ।

ଯଦି ରିପୋର୍ଟ ସଠିକ୍ ସାବ୍ୟସ୍ତ ହୁଏ ତ , ରୋନାଲ୍‌ଡୋ ଓ ଜର୍ଜିନା ପାରମ୍ପରିକ ଚର୍ଚ୍ଚ ୱେଡିଂ କରିବେ। ରୋନାଲ୍‌ଡୋଙ୍କ ଲାଳନ ପାଳନ ଏକ କ୍ୟାଥୋଲିକ ପରିବାରରେ ହୋଇଛି। ସେ ଅନେକ ସମୟରେ ପରିବାରର ଗୁରୁତ୍ୱକୁ ଉଲ୍ଲେଖ କରିଛନ୍ତି। ଏହି କ୍ରମରେ ଫନଚଲ କ୍ୟାଥେଡ୍ରାଲକୁ ବାଛିବା ପାଇଁ ଧାର୍ମିକ ଓ ଭାବନାତ୍ମକ ଏହି ଦୁଇ ନଜରରେ ପ୍ରମୁଖ ମନେକରାଯାଉଛି। ବିବାହର ସମ୍ଭାବିତ ତାରିଖ ଓ ଭେନ୍ୟୁକୁ ନେଇ ରିପୋର୍ଟସ ନିଶ୍ଚୟ ସାମ୍ନାକୁ ଆସିଛି , ହେଲେ ଅତିଥିଙ୍କ ତାଲିକା , ସମାରୋହର



ପୂରା କାର୍ଯ୍ୟକ୍ରମ ଓ ବିବାହରେ ସାମିଲ ହେବାକୁ ଥିବା ଲୋକଙ୍କୁ ନେଇ ଏବେସୁଦ୍ଧା କୌଣସି ଆନୁଷ୍ଠାନିକ ସୂଚନା ସାମ୍ନାକୁ ଆସି ନାହିଁ।

**୯ ବର୍ଷର ପୁରୁଣା ରୋନାଲ୍ଡଙ୍କ ସଂପର୍କ –**

ରୋନାଲ୍‌ଡୋ ଓ ଜର୍ଜିନାଙ୍କ ସାକ୍ଷାତ୍ ୨୦୧୭ ମସିହାରେ ସ୍ପେନର ରାଜଧାନୀ ମ୍ୟାଡ୍ରିଡର ପଶ୍ ଅଞ୍ଚଳରେ ହୋଲଡେନ ମାଇଲ ସ୍ଥିତ ଗୁକ୍କି ଷ୍ଟୋରରେ ହୋଇଥିଲା। ଏହି ସମୟରେ ଜର୍ଜିନା ସେଠାରେ ସେଲ୍ସ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ପ୍ରଥମ ସାକ୍ଷାତ ପରେ ଉଭୟଙ୍କ ମଧ୍ୟରେ ନିକଟତରତା ବଢି ଥିଲା ଏବଂ ତାପରେ ବହୁତ ଶୀଘ୍ର ତାଙ୍କର ସଂପର୍କ ସାର୍ବଜନିକ ହୋଇଗଲା।

ପ୍ରାୟ ଏକ ଦଶକରୁ ଏକାଠି ରହି ଆସୁଥିବା ଏହି ଦମ୍ପତି ଏବେସୁଦ୍ଧା ଆଇନଗତ ଭାବେ ବିବାହ କରି ନାହାନ୍ତି। ହେଲେ ୧୧ ଅଗଷ୍ଟ ୨୦୨୫ ରେ ଉଭୟ ତାଙ୍କର ବିବାହ ନେଇ ଘୋଷଣା କରିଥିଲେ। ଜର୍ଜିନା ଇନଷ୍ଟାଗ୍ରାମରେ ନିଜର ମଲ୍ଟି –ମିଲିୟନ ଡଲାର ଡାଇମଣ୍ଡ ରିଙ୍ଗର ଫଟୋ ସେୟାର କରି ପ୍ରଶଂସକଙ୍କୁ ଏହି ଖୁସି ଖବର ଦେଇଛନ୍ତି।

ରୋନାଲ୍‌ଡୋ ଓ ଜର୍ଜିନାଙ୍କ ଏକ ବଡ଼ ପରିବାର। ଜର୍ଜିନା , ରୋନାଲ୍‌ଡୋଙ୍କ ବଡ଼ ପୁଅ କ୍ରିଷ୍ଟିଆନୋ ଜୁନିଅରଙ୍କୁ ମଧ୍ୟ ନିଜର ସନ୍ତାନ ପରି ପାଳନପୋଷଣ କରୁଛନ୍ତି। ତାଙ୍କର ପ୍ରକୃତ ମାଆ କେବେବି ସାର୍ବଜନୀନ ଭାବେ ସାମ୍ନାକୁ ଆସି ନାହାଁନ୍ତି। ଜୁନ ୨୦୧୭ ମସିହାରେ ସରୋଗେସି ମାଧ୍ୟମରେ ରୋନାଲ୍‌ଡୋ ଯମଜ ସନ୍ତାନ ମାଟେଓ ଓ ଇଭାଙ୍କ ବାପା ହୋଇଥିଲେ। ଏହାର କିଛି ମାସ ପରେ ନଭେମ୍ବରରେ ୨୦୧୭ ମସିହାରେ ଜର୍ଜିନା ଝିଅ ଏଲାନା ମାର୍ଟିନାଙ୍କୁ ଜନ୍ମ ଦେଇ ଥିଲେ।

୨୦୨୨ ମସିହାରେ ପୁଣି ଥରେ ଜର୍ଜିନା ଯମଜ ସନ୍ତାନର ମାଆ ହୋଇ ଥିଲେ, କିନ୍ତୁ ତାଙ୍କ ପ୍ରସବ ସମୟରେ ପୁଅର ଦୁଃଖଦ ମୃତ୍ୟୁ ହୋଇ ଥିଲା, ଝିଅ ବେଲା ଏସମାରାଲ୍ଡାଙ୍କ ଜନ୍ମ ସୁରକ୍ଷିତ ଭାବରେ ହୋଇଥିଲା। ଏହି କଷ୍ଟକର ସମୟ ବିଷୟରେ ରୋନାଲ୍ଡ ଓ ଜର୍ଜିନା ଏକ ଭାବପ୍ରବଣର ବିବୃତ୍ତି ସାର୍ବଜନୀନ ଦେଇଥିଲେ। ଏହି ଦୀର୍ଘ ସମ୍ପର୍କ, ବଡ଼ ପରିବାର ଏବଂ ବର୍ଷ ବର୍ଷର ପୁରୁଣା ସମ୍ପର୍କ ଯୋଗୁଁ ସାରା ବିଶ୍ୱର ପ୍ରଶଂସକମାନେ ଏବେ ସେମାନଙ୍କ ସମ୍ଭାବ୍ୟ ବିବାହକୁ ନେଇ ଉତ୍ସାହୀ ଅଛନ୍ତି।

## ଟିମ୍ ଇଣ୍ଡିଆର ନୂଆ ଫିଲ୍ଡିଂ କୋଚ୍

ନୂଆଦିଲ୍ଲୀ, ୪।୮ : ଭାରତୀୟ ପୁରୁଷ କ୍ରିକେଟ ଟିମର ସପୋର୍ଟ ଷ୍ଟାଫରେ ବଡ଼ ପରିବର୍ତ୍ତନ । ଇଂଲଣ୍ଡ ବିପକ୍ଷ ହ୍ୱାଇଟ-ବଲ୍ ସିରିଜ ପରେ ସହାୟକ କୋଚ ରୟାନ ଟେନ ଡେଶୋଟେଙ୍କ ପଦ ଛାଡ଼ିବା ଏବଂ ଫିଲ୍ଡିଂ କୋଚ୍ ଟି ଦିଲିପଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ବିସିସିଆଇ ଶୁଭଦୀପ ଘୋଷଙ୍କୁ ଟିମ୍ ଇଣ୍ଡିଆର ନୂଆ ଫିଲ୍ଡିଂ କୋଚ୍ ନିଯୁକ୍ତ କରିଛି । ତାଙ୍କର ପ୍ରଥମ ଆସାଇନମେଣ୍ଟ ୧୫ଅଗଷ୍ଟରୁ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେବାକୁ ଥିବା ଦୁଇ ମ୍ୟାଚର ଟେଷ୍ଟ ସିରିଜ ହେବ ।

ଶୁଭଦୀପ ଘୋଷ ଭାରତୀୟ ଘରୋଇ କ୍ରିକେଟର ଜଣାଶୁଣା ନାଁ । ସେ ନିଜ କ୍ୟାରିୟରରେ ଆସାମ ଏବଂ ରେଲୱେଜର ପ୍ରତିନିଧିତ୍ୱ କରିଛନ୍ତି। ୧୯୯୪ରୁ ୨୦୦୫ ମଧ୍ୟରେ ସେ ୧୭ଫାଷ୍ଟ କ୍ଲାସ ଏବଂ ୧୭ ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି । ପ୍ରାୟ ୩୪ମ୍ୟାଚରେ ତାଙ୍କ ନାଁରେ ୬୨୩ରନ୍ ରହିଛି । ଯେଉଁଥିରେ ୪ଅର୍ଦ୍ଧଶତକ ସାମିଲ ଅଛି । ସେ ବହୁତ ଭଲ ଫିଲ୍ଡର ବି ରହିଛନ୍ତି ଏବଂ ନିଜ କ୍ୟାରିୟରରେ ୧୬କ୍ୟାଚ୍ ନେଇଛନ୍ତି । ଘୋଷଙ୍କ ନିକଟରେ ଇଣ୍ଡିଆନ ପ୍ରିମିୟର ଲିଗର ବି ଭଲ ଅନୁଭବ ରହିଛି । ସେ ୨୦୧୪ରେ କୋଲକାତା ନାଇଟ୍ ରାଇଡର୍ସର ସପୋର୍ଟ ଷ୍ଟାଫର ଭାଗିଦାରୀ ଥିଲେ । ଯେତେବେଳେ ଗୌତମ ଗମ୍ଭୀରଙ୍କ ଅଧିନାୟକତ୍ୱରେ ଟିମ୍ ତାଜ୍ ଜିତିଥିଲା । ଏହାବ୍ୟତୀତ ସେ ଦିଲ୍ଲୀ କ୍ୟାପିଟାଲ୍ସର ଫିଲ୍ଡିଂ କୋଚର ଦାୟିତ୍ୱ ବି ସମ୍ଭାଳି ସାରିଛନ୍ତି । ଶୁଭଦୀପ ଘୋଷ ଆସାମ ଟିମକୁ କୋଚିଂ ଦେବା ବ୍ୟତୀତ ବେଙ୍ଗାଲୁରୁ ସ୍ଥିତ ନେଶନାଲ କ୍ରିକେଟ ଏକାଡେମୀରେ ବି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଭାଇଛନ୍ତି । ସେଠାରେ ସେ ରାହୁଲ ଦ୍ରାବିଡ଼ ଏବଂ ଭିଭିଏସ ଲକ୍ଷ୍ମଣଙ୍କ ସହ ମିଶି ଭାରତର କେତେକ ଯୁବ ଖେଳାଳୀଙ୍କୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ସେହିଭଳି ୨୦୨୧ରେ ଶୁଭଦୀପ ଘୋଷ ଭାରତୀୟ ମହିଳା କ୍ରିକେଟ ଟିମର ଫିଲ୍ଡିଂ କୋଚ୍ ହୋଇଥିଲେ । ସେ ଅଭୟ ଶର୍ମାଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିଥିଲେ । ଏହି ସମୟରେ ସେ ହରମନପ୍ରୀତ କୌର, ସ୍ମୃତି ମନ୍ଧାନାଙ୍କ ସମେତ କେତେକ ଖେଳାଳୀଙ୍କ ସହ କାମ କରିଛନ୍ତି ଏବଂ ଟିମର ଫିଲ୍ଡିଂକୁ ଭଲ କରିବା ଲାଗି କେତେକ ନୂଆ ଅଭ୍ୟାସ ଆରମ୍ଭ କରିଥିଲେ । ସେ ୨୦୨୩ ଏସିଆନ ଗେମ୍ସରେ ବି ଭାରତୀୟ ମହିଳା ଟିମର ଫିଲ୍ଡିଂ କୋଚ୍ ରହିଥିଲେ ।

## ୟନେକ୍ସ ସନରାଇଜ ସର୍ବଭାରତୀୟ ଜୁନିୟର ବ୍ୟାଡମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର,୪।୮: ଭୁବନେଶ୍ୱର କଳିଙ୍ଗ ଷ୍ଟଡିୟମର ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡ ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ) ଠାରେ ଚାଲିଥିବା ୟନେକ୍ସ ସନରାଇଜ ଜୁନିଅର ବେଡ଼ମୀଣ୍ଟନ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଅଛି । ଆଜି ଖେଳାଯାଇଥିବା ବାଳିକା ଫାଇନାଲ ରେ ରାଜସ୍ଥାନ ର ପାରୁଲ ଚୌଧୁରୀ ତାମିଲନାଡୁ ଖେଳାଳୀ ଦୀକ୍ଷା ଏସ ଆର ଙ୍କୁ ଙ୍କୁ ୨୦-୧୮,୧୫-୭ ପଏଣ୍ଟ ରେ ହରାଇ ଚାମ୍ପିୟନ ହୋଇଛନ୍ତି ।

ବାଳକ ସିଙ୍ଗଲ ଫାଇନାଲ ରେ ଉତ୍ତରାଖଣ୍ଡର ନିଶ୍ଚଳ ଚାନ୍ଦ ଏକ ତିନି ଗେମ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମେଚରେ ତେଲେଙ୍ଗାନା ଖେଳାଳୀ ଟି. ଜ୍ଞାନଦତ୍ତୃ ଙ୍କୁ ୧୨-୧୫,୧୫-୧୧,୧୭-୧୫ ପଏଣ୍ଟ ରେ ହରାଇ ଚମ୍ପିୟାନ ହୋଇଛନ୍ତି ।

ମିକ୍ସଡ଼ ଡବଲସ ଫାଇନାଲ ରେ ଛତିଶଗଡ ତାମିଲନାଡୁ ଯୋଡି ଦିବ୍ୟାନସ ଅଗ୍ରୱାଲ ଓ ଭାମା ପ୍ରଭୁଆନନ୍ଦ ଦିଲ୍ଲୀ ଉତ୍ତରାଖଣ୍ଡ ଯୋଡି ଯୋଗନ୍ସ ସିଂ ଓ ଅନ୍ୟା ବିସ୍ତ ଙ୍କୁ ସଂଘର୍ଷ ପୂର୍ଣ୍ଣ ତିନୋଟି ଗେମ ୧୪-୧୬,୧୫-୧୩ ଓ ୧୬-୧୪ ପଏଣ୍ଟ ରେ ହରାଇ ଚମ୍ପିୟାନ ହୋଇଛନ୍ତି କ୍ଷ ବାଳିକାବିଭାଗ ର ଡବଲସ ଫାଇନାଲ ରେ ଉତ୍ତରାଖଣ୍ଡ ର ଆନ୍ୟା ବିସ୍ତ ଓ ଆଞ୍ଜେଲ ପୁନେରା କର୍ଣ୍ଣାଟକ ଯୋଡି ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବି ଭି ବୃଦ୍ଧି ଙ୍କୁ ସିଧାସଳଖ ୧୫-୯,୧୫-୯ ପଏଣ୍ଟ ବିଶିଷ୍ଟ ଦୁଇଟି ଗେମ ରେ ହରାଇ ପ୍ରତିଯୋଗୀତା ରେ ଚାମ୍ପିୟନ ହୋଇଛନ୍ତି ।ବାଳକ ଡବଲସ ଫାଇନାଲ ରେ କେରଳ ଦିଲ୍ଲୀ ଯୋଡି ଆଥିସ ଶ୍ରୀନିବାସ ପି ଭି ଓ ଯୋଗନ୍ସ ସିଂ କର୍ଣ୍ଣାଟକ ଯୋଡି ପବନ ଏସ. ଓ ପୁନିଥ ଏସ. ଙ୍କୁ ୧୨-୧୫, ୧୫-୧୧ଓ ୧୭-୧୫ ପଏଣ୍ଟ ରେ ହରାଇ ଚାମ୍ପିୟନ ହୋଇଛନ୍ତି । ପ୍ରତିଯୋଗୀତା ର ସମସ୍ତ ଫାଇନାଲ ପରେ ପୁରାସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା କ୍ଷ ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ କ୍ରୀଡା ଯୁବ ସେବା ବିଭାଗ ନିର୍ଦ୍ଦେଶକ ଡ଼. ୟେଦୁଲ୍ଲା ବିଜୟ, ସମ୍ମାନିତ ଅତିଥିଭାବେ କ୍ରୀଡା ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା,ଉପସଚିବ ଅମିତ କୁମାର ନାୟକ, ଅତିରିକ୍ତ ସଚିବ ସୁଧାକର ନାୟକ, ଉପସଚିବ ବିଭୁଦା ଗଡ଼ନାୟକ ଓସବା ସମ୍ପାଦକ ନିଳିନ କୁମାର ଯୋଗ ଦେଇ ଚମ୍ପିୟାନ ଓ ରନର୍ସ ଅପ ଖେଳାଳିଙ୍କୁ ଟ୍ରଫି, ମେଡାଲ, ମାନପତ୍ର ଓ ଅର୍ଥରାଶି ରେ ପୁରସ୍କୃତ କରିଥିଲେ ।

ଗତ ମାସ ୨୫ ତାରିଖ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ର ସଫଳ ରୂପାୟନ ପାଇଁ ଉପସଭାପତି ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ଚୌଧୁରୀ, ଜୟପ୍ରକାଶ ସିଂ କମଳ ଦାସ, ସୁରୁଲାଲ ମଟକ୍ଷରୀ, ମନୋରଞ୍ଜନ ପଣ୍ଡା, ଜୟପ୍ରକାଶ ଜେନା, ଅଭିଷେକ ବିଶ୍ୱାସ,ଚନ୍ଦନ ମହାରଣା ଦୀପକ ମହାନ୍ତି ପ୍ରୀତପାଲ ସିଂ ଅବଦୁଲ ହାକିମ, ଶୁଭମ ନାୟକ, ସନ୍ଦୀପ ମିଶ୍ର, ମନୋରଞ୍ଜନ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ଥିଲେ। ପ୍ରତିଯୋଗିତା ର ବୈଷୟିକ ବିଭାଗ ଟିପ୍ ରେଫରି ତ୍ରିଲୋକ ଶୁକ୍ଳା, ଡେପୁଟି ରେଫରି ଭାବରେ ମାଧବ ନାରାୟଣ ଓ ପ୍ରଣବ ବିଷ୍ଣୋଇ, ମ୍ୟାଚ କଂଟ୍ରୋଲ ଭାବେ ସନ୍ଦିପ ହେବଲେ ଦାୟିତ୍ୱ ତୁଲାଇଥିଲେ ।

### ଶ୍ରୀଲଙ୍କା ଟେଷ୍ଟ ପୂର୍ବରୁ ବିସିସିଆଇର ବଡ଼ ଘୋଷଣା

## ଟିମ୍ ଇଣ୍ଡିଆରେ ହର୍ଷ ଓ କୋଟିଆନ୍

ନୂଆଦିଲ୍ଲୀ,୪।୮: ଭାରତୀୟ କ୍ରିକେଟ ଦଳର ଶ୍ରୀଲଙ୍କା ଗସ୍ତ ୧୫ ଅଗଷ୍ଟରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଟିମ ଇଣ୍ଡିଆରେ ଲଗାତାର ପରିବର୍ତ୍ତନ ହେଉଛି। ଜସପ୍ରୀତ ବୁମ୍‌ରାଙ୍କ ସ୍ଥାନରେ ଜମ୍ମୁ-କଶ୍ମୀରର ଉଦୀୟମାନ ଦ୍ରୁତ ବୋଲର ଆକିବ ନବିଙ୍କୁ ଦଳରେ ସାମିଲ କରାଯାଇଛି। ଏବେ ଖବର ମିଳିଛି ଯେ, ବିସିସିଆଇ (ଇଉଉଓ) ଆଉ ଦୁଇଜଣ ଖେଳାଳିଙ୍କୁ ଶ୍ରୀଲଙ୍କା ପଠାଇବାକୁ ନିଷ୍ପତ୍ତି ନେଇଛି।

ହର୍ଷ ଦୁବେ ଏବଂ ତନୁଷ କୋଟିଆନଙ୍କୁ ନେଟ ବୋଲର ଭାବେ ଶ୍ରୀଲଙ୍କା ଗସ୍ତରେ ପଠାଯାଇଛି। ଶ୍ରୀଲଙ୍କାର ପିଚ ସାଧାରଣତଃ ସ୍ପିନ ବୋଲରଙ୍କ ପାଇଁ ସହାୟକ ହୋଇଥାଏ। ଏହା ସତ୍ତ୍ୱେ ହର୍ଷ ଦୁବେ ଓ ତନୁଷ କୋଟିଆନ ମୁଖ୍ୟ ଦଳରେ ସ୍ଥାନ ପାଇନଥିଲେ। ତେବେ ଉଭୟ ବର୍ତ୍ତମାନ ନେଟ ବୋଲର ଭାବେ ଭାରତୀୟ ଦଳ ସହ ଯୋଗଦେବେ।

ସ୍ପିନ ଆକ୍ରମଣକୁ ଦେଖିଲେ ଭାରତୀୟ ଦଳରେ କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା, ମାନବ ସୁଥାର ଏବଂ ସାରାଂଶ ଜୈନ ରହିଛନ୍ତି। ଜାଡେଜା ଦୀର୍ଘ କିଛି ମାସ ପରେ ଦଳକୁ ଫେରିଛନ୍ତି। ସେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟଚରେ ଖେଳିନଥିଲେ। ଅନ୍ୟପଟେ, ଆଫଗାନିସ୍ତାନ ବିପକ୍ଷରେ ଡେବ୍ୟୁ ମ୍ୟାଚରେ ଚମତ୍କାର ପ୍ରଦର୍ଶନ କରି ମାନବ ସୁଥାର ନିଜ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ୩୩ ବର୍ଷୀୟ ସାରାଂଶ ଜୈନ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

ଶ୍ରୀଲଙ୍କା ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ: ଶୁଭମନ ଗିଲ (ଅଧିନାୟକ), କେ.ଏଲ. ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ (ଉଇକେଟ୍‌କିପର), ସାଇ ସୁଦର୍ଶନ, ଧ୍ରୁବ ଜୁରେଲ (ଉଇକେଟ୍‌କିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର, ଆକିବ ନବି, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଗୁରନୂର ବରାଡ଼, ଦେବଦତ୍ତ ପାଡିକ୍କଲ ଏବଂ ସାରାଂଶ ଜୈନ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ